


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୫ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 05 MAY 2025
Vol.No. 36 ■ No.117 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ପହଲଗାମ ପ୍ରତିଶୋଧ ପାଇଁ ସମରସଜ୍ଜା କରୁଛି ଭାରତ


## ବାୟୁସେନା ଓ ନୌସେନାର ସମରାଭ୍ୟାସ ପରେ ଋଷରୁ ଆଣିଲା ପ୍ରତିରୋଧୀ କ୍ଷେପଣାସ୍ତ୍ର



ନୂଆଦିଲ୍ଲୀ, ୦୪/୫ : ପହଲଗାମ ଆତଙ୍କୀ ହମଲା ପରେ ଆକ୍ରମଣାତ୍ମକ ମୁଦ୍ରାରେ ଭାରତ । ବସୁଛି ଘନ ଘନ ବୈଠକ, ସୀମାରେ ସୈନବଳ ପକ୍ଷରୁ ଚାଲିଛି ସମରାଭ୍ୟାସ। ଶତ୍ରୁପକ୍ଷଙ୍କୁ ଧୂଳି ଚଟାଇବାକୁ ବିଭିନ୍ନ ସ୍ତରରେ ପ୍ରସ୍ତୁତ ହେଉଛି ରଣନୀତି। ସୀମାରେ ଭାରତର କଠୋର ଏବଂ ଆକ୍ରମଣାତ୍ମକ ନୀତିକୁ ଦେଖି ପାକିସ୍ତାନ ସରକାର ଏବଂ ସେନା ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବଢୁଥିବା ଚାପ ଏବଂ ଆଭ୍ୟନ୍ତରୀଣ ଅସ୍ଥିରତା ମଧ୍ୟରେ ପାକିସ୍ତାନ ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି । ସୋମବାର ସଂଧ୍ୟା ୫ଟାରେ ବସିବାକୁ ଯାଉଥିବା ଏହି ଅଧିବେଶନରେ ଭାରତ ବିରୋଧରେ କୂଟନୈତିକ ଏବଂ ରଣନୈତିକ ପଦକ୍ଷେପ ନେଇ ହୋଇପାରେ ଆଲୋଚନା । ସେପଟେ ଭାରତକୁ ପୁଣିଥରେ ପରମାଣୁ ଧମକ ଦେଇଛି ପାକିସ୍ତାନ । ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ନେଲେ ପରମାଣୁ ଆକ୍ରମଣ କରିବୁ ବୋଲି କହିଛନ୍ତି ଋଷରେ ଅବସ୍ଥାପିତ ପାକିସ୍ତାନୀ ରାଷ୍ଟ୍ରଦୂତ । ପାକିସ୍ତାନ ବିରୋଧରେ କୌଣସି ସମୟରେ ଭାରତ ନେଇପାରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ। ସ୍ଥଳ, ଜଳ ଓ ବାୟୁସେନା ମୁଖ୍ୟଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ରୁଦ୍ଧଦ୍ୱାର ବୈଠକ ଏହି ଚର୍ଚ୍ଚାକୁ ବଢାଇଛି । ଶନିବାର ଆତଙ୍କବାଦ ବିରୋଧରେ ନିର୍ଣ୍ଣାୟକ ଲଢେଇ ଲଢିବା ନେଇ ନୂଆଦିଲ୍ଲୀରୁ ଇସଲାମାବାଦକୁ ଚେତାବନୀ ଦେଇଥିଲେ ପିଏମ ମୋଦୀ । ପାକିସ୍ତାନ ସହ ତିକ୍ତତା ଭିତରେ ଭାରତକୁ ମିଳିଲା ନୂଆ ଏୟାର ଡିଫେନ୍ସ ମିଶାଇଲ । ଋଷରୁ ଆସିଲା ଅତ୍ୟାଧୁନିକ ଇଗଲା-ଏସ ମିସାଇଲ ସିଷ୍ଟମ । ୨୬୦ କୋଟି ଟଙ୍କାରେ ମୋଟ୍ ୫୨ଟି ମିସାଇଲ ସିଷ୍ଟମ ପାଇଁ ଉଭୟ ଦେଶଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

▶▶ପୃଷ୍ଠା ୭

## ଶିଖ୍ ଦଙ୍ଗା ନେଇ ରାହୁଲ ଗାନ୍ଧୀଙ୍କ ସ୍ପଷ୍ଟ ଉତ୍ତର: ୧୯୮୪ରେ ଯାହା ଘଟିଥିଲା ତାହା ଭୁଲ



ନୂଆଦିଲ୍ଲୀ, ୦୪/୫ : ଲୋକସଭାର ବିରୋଧୀଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ରାହୁଲ ଗାନ୍ଧୀ ଆମେରିକାର ବ୍ରାଉନ ୟୁନିଭରସିଟିର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରୁଥିବାର ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ଜଣେ ଶିଖ୍ ଛାତ୍ର ୧୯୮୪ ଦଙ୍ଗା ନେଇ ରାହୁଲ ଗାନ୍ଧୀଙ୍କୁ ପ୍ରଶ୍ନ କରିଛନ୍ତି । ଛାତ୍ର ଜଣଙ୍କ ରାହୁଲ ଗାନ୍ଧୀଙ୍କୁ ପଚାରିଥିଲେ , ଆପଣ କହୁଛନ୍ତି ରାଜନୀତିରେ ନିର୍ଭୟ ଭାବେ କାମ କରିବା ଦରକାର । ଭୟ ରହିଲେ ରାଜନୀତି କରିପାରିବ ନାହିଁ। ହେଲେ ଆମେ କେବଳ କଡା ପିନ୍ଧିବା କି ପଗଡି ବାନ୍ଧିବା ଚାହୁଁନାହୁଁ।

▶▶ପୃଷ୍ଠା ୭

## ଗନ୍ଧମାର୍ଦ୍ଦନ ଲୋଡିଙ୍ଗ ସ୍କାମ: ରାଜା ଚକ୍ର ସମ୍ପତ୍ତି ଆଟାଚ୍ ପାଇଁ ପ୍ରକ୍ରିୟା

ଭୁବନେଶ୍ୱର, ୦୪/୫ (ନି.ପ୍ର): ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ସୋସାଇଟି ଆର୍ଥିକ ଅନିୟମିତତା ମାମଲାରେ ଜେଲରେ ଥିବା ବିଜେଡି ନେତା ରାଜା ଚକ୍ରର ସମ୍ପତ୍ତି ଆଟାଚ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜା ଚକ୍ରର କ୍ରସର ଓ ଷ୍ଟକୟାର୍ଡ ଉପରେ ଏସଟିଏଫ ଓ ଇଓଡବ୍ଲ୍ୟୁର ଚଢ଼ାଉ ହୋଇଛି। ଏହା ସହିତ ମାପଚୁପ ଆରମ୍ଭ ହୋଇଥିବା ବେଳେ ସମ୍ପତ୍ତି ଆଟାଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ସୋସାଇଟିରେ ବ୍ୟାପକ ହେରଫେର ଘଟଣାରେ ରାଜା ଚକ୍ର ବର୍ତ୍ତମାନ ଜେଲରେ ରହିଛି। ଗନ୍ଧମାର୍ଦ୍ଦନ ଖଣି ଲୋଡିଂ ଦୁର୍ନୀତି ମାମଲାର ରାଜା ଚକ୍ରଙ୍କୁ ଗିରଫ କରିଥିଲା କ୍ରାଇବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା । ଏହି ମାମଲାରେ ସୋସାଇଟିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାସଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ଗିରଫ କରିସାରିଛି । କ୍ରାଇମବ୍ରାଞ୍ଚ ଇଓଡବ୍ଲୁ ରାଜା ବିରୋଧରେ ଉପଯୁକ୍ତ ପ୍ରମାଣ ସହ ରାଜ୍ୟବ୍ୟାପୀ ୧୬ଟି ସ୍ଥାନରେ ରେଡ୍ କରିଥିଲା ।

▶▶ପୃଷ୍ଠା ୭

## ଭୁବନେଶ୍ୱରର ଦୁଇ ଅତିରିକ୍ତ ତହସିଲଦାରଙ୍କୁ ସସପେଣ୍ଡ: ୪୦୦ଙ୍କୁ କାରଣ ଦର୍ଶାଅ



ଭୁବନେଶ୍ୱର, ୦୪/୫ (ନି.ପ୍ର): ବିଭାଗୀୟ ଅଧିକାରୀଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ କଡ଼ା ଚେତାବନୀ, ଆଇନ ବାହାରେ କାମ କଲେ, ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ। ବେଆଇନ କାର୍ଯ୍ୟକଳାପ ଲାଗି ଗତକାଲି ଭୁବନେଶ୍ୱରର ଦୁଇ ଅତିରିକ୍ତ ତହସିଲଦାରଙ୍କୁ ସସପେଣ୍ଡ ଏବଂ ନିୟମ ଭାଙ୍ଗି ପାର୍ଟ ପ୍ଲଟ୍ ପଞ୍ଜୀକରଣ କରାଇଥିବା ୪୦୦ ଅଧିକାରୀଙ୍କୁ ସୋ କଜ୍ ନୋଟିସ ପରେ ଆଜି ଏମିତି କଠୋର ବାର୍ତ୍ତା ଦେଇଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ। ଏପଟେ ରିଅଲ ଇଷ୍ଟେଟ୍ କର୍ମୀ ଅଭିଯୋଗ କରିଛନ୍ତି, ଏ ଦୁର୍ନୀତିରେ ବଡ଼ ଅଫିସର ବି ସାମିଲ ଅଛନ୍ତି। ସେମାନଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ନିଆଯାଉ। ଗତ ୩ ଦିନରେ ଅତିରିକ୍ତ ତହସିଲଦାର ଥିବା ୫ ଜଣ ରାଜସ୍ୱ ଅଧିକାରୀଙ୍କୁ ବେଆଇନ କାର୍ଯ୍ୟକାଳପ ଲାଗି ସସପେଣ୍ଡ କରିବା ପରେ ବିଭାଗୀୟ ଅଧିକାରୀଙ୍କୁ ଏମିତି କଡ଼ା ଚେତାବନୀ ଶୁଣାଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। କହିଛନ୍ତି, କାମରେ ଅବହେଳା, ସରକାରୀ ଆଦେଶକୁ ନମାନିବା, ଆଇନ ବାହାରକୁ ଯାଇ କାମ କରିବା କାରଣରୁ ପ୍ରତି ମାସରେ ଅନେକ ଅଧିକାରୀଙ୍କୁ ନିଲମ୍ବନ କରାଯାଉଛି।

▶▶ପୃଷ୍ଠା ୭

## ୭ ଦିନ ଭିତରେ କୈଫିୟତ ଦାଖଲ ପାଇଁ ରାମକୃଷ୍ଣଙ୍କୁ ନିର୍ଦ୍ଦେଶ: ନହେଲେ କାର୍ଯ୍ୟାନୁଷ୍ଠାନ



ପୁରୀ, ୦୪/୫ (ନି.ପ୍ର): ଦୀଘା ଦାରୁ ଦିଅଁ ବିବାଦରେ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ବିରୋଧରେ କଣ ହେବ ଆକ୍ସନ୍ ? ଜେରା ପରେ ଆସନ୍ତା ୭ ଦିନ ଭିତରେ କୈଫିୟତ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଉତ୍ତର ସନ୍ତୋଷଜନକ ନହେଲେ ଶ୍ରୀମନ୍ଦିର ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି। ମହାପ୍ରଭୁଙ୍କ ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ବିଭ୍ରାନ୍ତି କରିବା ଏବଂ ଶ୍ରୀମନ୍ଦିର ଗରିମାକୁ କ୍ଷୁର୍ଣ୍ଣ ଅଭିଯୋଗରେ ରାମକୃଷ୍ଣଙ୍କୁ କୈଫିୟତ୍ ତଲବ କରାଯାଇଛି। ୭ ଦିନ ଭିତରେ ସନ୍ତୋଷଜନକ ଉତ୍ତର ନମିଳିଲେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୫ ଅନୁଯାୟୀ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ କୁହାଯାଇଛି। ନୋଟିସ୍ ପୂର୍ବରୁ ଆଜି ରାମକୃଷ୍ଣଙ୍କ ସହ ଦଇତାପତି ନିଯୋଗ ସଭାପତି ଗଣେଶ୍ୱର ଦାସ ମହାପାତ୍ରଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉପସ୍ଥିତିରେ ଘଣ୍ଟାଏ ୧୫ ମିନିଟ୍ ଧରି ମାରାଥନ୍ ଜେରା କରାଯାଇଥିଲା।

▶▶ପୃଷ୍ଠା ୭

## ସଂସ୍କୃତ ସୁଦୃଢ ହେଲେ ଅନ୍ୟ ଭାଷା ବି ସୁଦୃଢ ହେବ: ଅମିତ ଶାହ

ନୂଆଦିଲ୍ଲୀ, ୦୪/୫: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ସଂସ୍କୃତ ଭାଷା ଓ ଭାରତୀୟ ସଂସ୍କୃତିର ପୁନରୁତ୍ଥାନ ପାଇଁ ସଂଘ ଓ ସଂସ୍କୃତ ଭାରତୀ ଏକ ସୁଦୃଢ ଅଭିଯାନ ଆରମ୍ଭ କରିଛି । ସେ ସ୍ପଷ୍ଟ କରିଛନ୍ତି ଯେ, ସରକାର କୌଣସି ବି ଭାଷାର ବିରୋଧ କରୁନାହାନ୍ତି ବରଂ ସମସ୍ତ ଭାଷାକୁ ସଶକ୍ତ କରିବାକୁ ଚାହୁଁଛନ୍ତି । ସଂସ୍କୃତ ଭାରତୀ ଦ୍ୱାରା ଆୟୋଜିତ ୧୦୦୮ ସଂଭାଷଣ ଶିବିରର ସମାପନ ସମାରୋହରେ ଅମିତ ଶାହ ଏହା କହିଛନ୍ତି । ଶାହା କହିଛନ୍ତି ଯେ, ସଂସ୍କୃତ ଅଧିକାଂଶ ଭାରତୀୟ ଭାଷାର ଜନନୀ ଅଟେ।

## ଜମ୍ମୁ କଶ୍ମୀରର ରାମବନରେ ଖାଇକୁ ଖସିଲା ସେନା ଗାଡି: ୩ ଯବାନ ସହିଦ

ରାମବନ, ୦୪/୫ (ନି.ପ୍ର): ଜମ୍ମୁ କଶ୍ମୀରର ରାମବନ ଜିଲ୍ଲାର ଜମ୍ମୁ ଶ୍ରୀନଗର ଜାତୀୟ ରାଜପଥରେ ରବିବାର ବ୍ୟାଟେରୀ ଚଶ୍ମା ଅଂଚଳ ନିକଟରେ ସେନାର ଏକ ଗାଡି ରାସ୍ତାରୁ ୭ଶହ ଗଭୀର ଖାଇକୁ ଖସିପଡିଛି । ଏଥିରେ ସେନାର ତିନିଜଣ ଯବାନ ସହିଦ ହୋଇଛନ୍ତି । ଅଧିକାରୀଙ୍କ ମୁତାବକ ସେନାର ଏକ ଟ୍ରକ ଜାତୀୟ ରାଜପଥ ୪୪ରେ ଜମ୍ମୁରୁ ଶ୍ରୀନଗର ଯାଉଥିବା କାଫିଲାର ଅଂଶ ଥିଲା ଏବଂ ଯେତେବେଳେ ଏହା ବ୍ୟାଟେରୀ ଚଶ୍ମା ନିକଟରେ ପୂର୍ବାହ୍ନ ସାଢେ


▶▶ପୃଷ୍ଠା ୭

## କର୍ମର ଫଳ ପାଇବେ ମମତା : ସୁରେଶ ପୂଜାରୀ

ଭୁବନେଶ୍ୱର, ୦୪/୫ (ନି.ପ୍ର): ମମତା ବାନାର୍ଜୀ ଯେଉଁ କର୍ମ କରୁଛନ୍ତି, ଚକା ଆଖି ସବୁ ଦେଖୁଛି, ଦିନେ ତାର ଫଳ ମମତା ପାଇବେ ବୋଲି କହିଛନ୍ତି ସୁରେଶ ପୂଜାରୀ। ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସେ କହିଛନ୍ତି ଯେ ମଝିରେ ରସଗୋଲା ଆମର ବୋଲି ମମତା ବାନାର୍ଜୀ ଦାବି କରୁଥିଲେ। ତାଙ୍କର ବୟସ କେତେ ମୁଁ ଜାଣିନାହିଁ, କିନ୍ତୁ ରସଗୋଲାର ବୟସ କେତେ ମମତା ଜାଣିନାହାନ୍ତି। ଶ୍ରୀକ୍ଷେତ୍ର ଓଡ଼ିଶାରେ ଅଛି, କାଲି ଦୀଘାରେ ଜଗନ୍ନାଥ ମନ୍ଦିରକୁ ବି ଶ୍ରୀକ୍ଷେତ୍ର ଭାବି ନେଇପାରନ୍ତି ମମତା ବାନାର୍ଜୀ। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

## ଆଜି ବସିବ ପାକିସ୍ତାନ ସଂସଦର ସ୍ୱତନ୍ତ୍ର ଅଧିବେଶନ

### ଭାରତକୁ ପାକିସ୍ତାନର ପୁଣି ପରମାଣୁ ଧମକ



ନୂଆଦିଲ୍ଲୀ, ୦୪/୫ : ପାକିସ୍ତାନର ପରମାଣୁ ଆକ୍ରମଣ ଧମକ । ଯଦି ଭାରତ ମିଲିଟାରୀ କାର୍ଯ୍ୟନୁଷ୍ଠାନ ନିଏ, ତେବେ ପୂରା ଦମ୍‌ରେ ଜବାବ ଦେବ ପାକିସ୍ତାନ । ଆବଶ୍ୟକ ସ୍ଥଳେ ପରମାଣୁ ବୋମା ବ୍ୟବାହାର କରିବାରୁ ପାକିସ୍ତାନ ପଛାଇବ ନାହିଁ । ଏଭଳି କହିଛନ୍ତି ଋଷରେ ଅବସ୍ଥାପିତ ପାକିସ୍ତାନ ରାଷ୍ଟ୍ରଦୂତ ମହମ୍ମଦ ଖଲିଦ ଜମାଲି। ଏଥିସହ ଭାରତ ପାକିସ୍ତାନ ଉପରେ ଆକ୍ରମଣ ପାଇଁ ଯୋଜନା କରୁଥିବା ନେଇ ତଥ୍ୟ ଲିକ୍ ହୋଇଥିବା କହିଛନ୍ତି ପାକିସ୍ତାନ ରାଷ୍ଟ୍ରଦୂତ । ଏକ ଟିଭି ସାକ୍ଷାତକାରରେ ମହମ୍ମଦ ଖଲିଦ ଜମାଲି କହିଛନ୍ତି, ଲିକ୍ ହୋଇଥିବା ଭାରତର କିଛି ଡକ୍ୟୁମେଣ୍ଟରୁ ଭାରତ ପାକିସ୍ତାନର କିଛି ଅଞ୍ଚଳରେ ଆକ୍ରମଣ କରିବ ବୋଲି ସୂଚନା ମଳିଛି। ଯେତେବେଳେ ଭାରତ-ପାକିସ୍ତାନ କଥା ଆସେ ସେତେବେଳେ କାହାର କେତେ ଶକ୍ତି ଦେଖାଯାଏ ନାହିଁ । କାରଣ ଦୁଇ ଦେଶ ପାଖରେ ପରମାଣୁ ଅସ୍ତ୍ର ଅଛି । ଭାରତ ଆକ୍ରମଣ କଲେ ପାକିସ୍ତାନ ପରମାଣୁ ଅସ୍ତ୍ର ସହ ପୂରା ଦମ୍‌ରେ ଜବାବ ବୋଲି କହିଛନ୍ତି ପାକିସ୍ତାନ ରାଷ୍ଟ୍ରଦୂତ।

## ଦୁଇଟି ଡ୍ରିଲିଂ ମେସିନ ଓ ୬ଟି ଗାଡିରେ ନିଆଁ ଲଗାଇଲେ ନକ୍ସଲ

ଲାତେହାର, ୦୪/୫ ଲାତେହାର ଜିଲ୍ଲାର ଚନ୍ଦୱା ଥାନା ଅନ୍ତର୍ଗତ ତୁରୀସେନ ଗାଁ ନିକଟ ଖନନ ସର୍ଭେ କଂପାନୀର ସାଇଡିଂରେ ଶନିବାର ରାତିରେ ସଶସ୍ତ୍ର ମାଓବାଦୀମାନେ ଆକ୍ରମଣ କରିଛନ୍ତି । ଏହି ସମୟରେ ମାଓବାଦୀମାନେ ଦୁଇଟି ଡ୍ରିଲିଂ ମେସିନ ତଥା ୬ଟି ଗାଡି ଜାଳି ଦେଇଛନ୍ତି । ଦୁଇଟି ଟ୍ରକ ଓ ଦୁଇଟି ପିକଅପ ତଥା ବୋଲେରୋ ଜାଳି ଦେଇଛନ୍ତି ମାଓବାଦୀ ।ଘଟଣା ସଂପର୍କରେ ସୂଚନା ମିଳିବା ମାତ୍ରେ ପୋଲିସ ଟିମ ଘଟଣାସ୍ଥଳରେ ପହଂଚିଥିଲେ । ପୂରା ଘଟଣାର ତଦନ୍ତ ଚାଲିଛି । ମିଳିଥିବା ସୂଚନା ଅନୁସାରେ ଶନିବାର ବିଳମ୍ବିତ ରାତିରେ

▶▶ପୃଷ୍ଠା ୭

## ଭାରତ-ପାକିସ୍ତାନ ବିବାଦ ଭିତରେ ଆକ୍ରମଣ କଥା ଚିନ୍ତା କରୁଛି ବାଂଲାଦେଶ



ନୂଆଦିଲ୍ଲୀ, ୦୪/୫ : ବାଂଲାର ସ୍ଥିତି କଣ ତାହା ପୂରା ବିଶ୍ୱ ଜାଣିଛି। ଓଳିଏ ଖାଇଲେ ଆର ଓଳିକୁ ଭୋକିଲା ପରିସ୍ଥିତି । ଇଏ ଆଜି କି କାଲିର କଥା ନୁହେଁ ବରଂ ବର୍ଷବର୍ଷର କଥା । କାରଣ ବାଂଲାକୁ ଅନେକ ସମୟରେ ସହାୟତାର ହାତ ବଢାଇଥାଏ ଭାରତ । ହେଲେ ଏବେ କାଶ୍ମୀର ପହଲଗାମ୍‌ରେ ଆତଙ୍କୀ ହମ୍‌ଲା ପରେ ଭାରତ ପାକିସ୍ତାନ ଉପରେ ଶକ୍ତ ପଦକ୍ଷେପ ନେବାକୁ ଯାଉଛି । ଯାହାକୁ ନେଇ ଖୋଦ୍ ପାକିସ୍ତାନ ଚିନ୍ତାରେ ଥିବା ବେଳେ ବାଂଲା ଏହାର ଫାଇଦା ଉଠାଇବାକୁ ଯାଉଛି । ଏମିତିକି ଭାରତ ଯେଉଁ ସମୟରେ ପାକିସ୍ତାନ ଉପରେ ଆକ୍ରମଣ କରିବ ସେହି ସମୟରେ ବାଂଲା ଆକ୍ରମଣ କରି ଉତ୍ତର ପୂର୍ବ ରାଜ୍ୟକୁ ନିଜ ଦଖଲ କରିବ ବୋଲି ସ୍ୱପ୍ନ ଦେଖୁଛି । ଯାହାକୁ ନେଇ ଏବେ ଚିନ୍ତା ବଢିଛି। ଭାରତରେ କେମିତି ଅଶାନ୍ତି ସୃଷ୍ଟି ହେବ ସେନେଇ ପଡ଼ୋଶୀ ସବୁବେଳେ ଚେଷ୍ଟାରତ । ଖାସ କରି ପାକିସ୍ତାନ, ଚାଇନା ଓ ବାଂଲାଦେଶ ଏକାଠି ଷଡ଼ଯନ୍ତ୍ର କରୁଥିବା ପରି ମନେ ହେଉଛି । ଗୋଟିଏ ପଟେ ପହଲଗାମ୍ ଆକ୍ରମଣରେ ପାକିସ୍ତାନର ସଂପୃକ୍ତି ଥିବା ଜଣାପଡ଼ିବା ପରେ ଭାରତ କୂଟନୈତିକସ୍ତରରେ ପାକ୍‌କୁ ଏକଘରକିଆ କରିବାକୁ ଚେଷ୍ଟା କରୁଛି । ହେଲେ ଚୀନ କିନ୍ତୁ ପାକିସ୍ତାନ ପ୍ରେମରେ ଉବୁଟୁବୁ ହେଉଛି । କିନ୍ତୁ ଭାରତ ସବୁ ପ୍ରମାଣ ଏକାଠି କରି ପାକିସ୍ତାନକୁ ପାନେ ଦେବାକୁ ଅଣ୍ଟା ଭିଡ଼ିଛି । ପାକିସ୍ତାନ ଚୀନ କଥାରେ ବସଉଠ୍ ହେଉଛି ଏଥିରେ କୌଣସି ସନ୍ଦେହ ନାହିଁ । ହେଲେ ପଡ଼ୋଶୀ ବାଂଲାଦେଶ ବି ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଛି ଜଣାପଡ଼ିବା ପରେ ସବୁଠି ଚର୍ଚ୍ଚା । ଭାରତ ଉପରେ ଯେବେ ବି ପାକିସ୍ତାନ ଆକ୍ରମଣ କରିବ ତାହାର କଡ଼ା ମୁକାବିଲା କରିବ ଭାରତ । ହଁ, ଏହା ସତ୍ୟ ଯେ ଭାରତର ଅନେକାଂଶ ସ୍ଥାନ କ୍ଷତି ସହିବ । ହେଲେ ପାକିସ୍ତାନ ବିଶ୍ୱ ମ୍ୟାପ୍‌ରୁ ହଜିଯିବ ଏକଥା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏବେ ପୁଣି ବାଂଲା କହୁଛି ଭାରତ ଉପରେ ଆକ୍ରମଣ କରି କିଛି ରାଜ୍ୟକୁ ନିଜ ଅଧୀନକୁ ନେବ ।

# ୨ ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୋରେଇ,୦୪/୫(ନି. ପ୍ର): ପାଣିକୋଇଲିସ୍ଥିତ ମା ତାରିଣୀ ମହାବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପକ ବିଦ୍ୟାଧର ବେହେରା ଗତ ଅପ୍ରେଲ ମାସ ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ଶ୍ରୀ ବେହେରା ୧୯୯୩ ମସିହାରେ ଇତ୍ୟବସରରେ ପୁରତନ ଛାତ୍ରଙ୍କ ପକ୍ଷରୁ ସ୍ଥାନୀୟ ସୁବାସ ବୋଷ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଶ୍ରୀ ବେହେରାଙ୍କ ଛାତ୍ର ଶିକ୍ଷକ ତାରିଣୀ ପ୍ରସାଦ ରାୟଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ସଭାରେ ଅତିଥି ଭାବେ ମା ତାରିଣୀ ମହାବିଦ୍ୟାଳୟର +୩ ଅଧ୍ୟକ୍ଷ ଡ଼ଃ ଚନ୍ଦ୍ରକାନ୍ତ ମହାନ୍ତି ,ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ପର୍ଶୁରାମ ନାୟକ, ଡ଼ାକ୍ତର ନିର୍ମଳ ରଥ, ପାଣିକୋଇଲି ସମିତି ସଭ୍ୟା ସୁଜାତା ଘଡ଼ାଇ, ଯୁବ ନେତା ରାକେଶ ସାହୁ, ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ଼, ଅଭିଜିତ ଷଡ଼ଙ୍ଗୀ, ମଧୁସୂଦନ ପଣ୍ଡା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଶ୍ରୀ ବେହେରାଙ୍କ କର୍ମମୟ ଜୀବନର ସ୍ମୃତି ଚାରଣ କରିଥିଲେ। ଏଥି ସହିତ ଦେଶ ତଥା ଦେଶ ବାହାରେ ଉଚ୍ଚପଦ ପଦବୀରେ ରହିଥିବା ପୁରାତନ ଛାତ୍ରଛାତ୍ରୀ ବିରଜା ପ୍ରସାଦ ନନ୍ଦ, ନିହାର ରଂଜନ ସାହୁ, ଉତ୍କଳିକା ସାହୁ, ପ୍ରେକ୍ଷା ନାଥ, ଶ୍ରୀନିବାସ ବେହେରା, ନମିତା ବେହେରା ଭିଡ଼ିଓ ବାର୍ତ୍ତା ପଠାଇବା ସହିତ ଅଧ୍ୟାପକ ଶ୍ରୀ ବେହେରାଙ୍କ ଉତୋରତର କାମନା କରିଥିଲେ। ଶେଷରେ ଶିକ୍ଷକ ପ୍ରଫୁଲ୍ଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଗୌରହରି ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀ ମହାାପତ୍ରଙ୍କ ମହାବିଦ୍ୟାଳୟର ଉନ୍ନତୀ ଓ ଛାତ୍ରବତ୍ସଳ ସର୍ମ୍ପକରେ ଉପସ୍ଥିତତ ଅଧ୍ୟାପକ/ଅଧ୍ୟାପିକା. କର୍ମଚାରୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୯୩ ମସିହାରେ ମହାବିଦ୍ୟାଳୟରେ ଅଧ୍ୟାପନା ଆରମ୍ଭ କରି ବହୁ ମେଧାବୀ ଛାତ୍ର/ଛାତ୍ରୀ ଗଢିତୋଳିବାରେ ଶ୍ରୀ ମହାପାତ୍ରଙ୍କ ଦାନ ଅତୁଳନୀୟ ଥିଲା। ତାଙ୍କର ଅବସର ଜୀବନ ନିରୋଗ ଓ ସୁଖମୟ ହେଉ ବୋଲି ଏକ ଭାବବିହ୍ୱଳ ପରିବେଷରେ ବକ୍ତା ମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ଯୁକ୍ତ ୨ ଅଧ୍ୟକ୍ଷା ବସନ୍ତ ମଂଜରୀ ସାହୁ, ଅବସରପ୍ରାପ୍ତ ଅଧ୍ୟାପକ କୈଳାସ ମହାପାତ୍ର, ପାର୍ଥ ସାରଥି ବିଶ୍ୱାଳ, ସମରେନ୍ଦ୍ର ଦାଶ, ସୋମନାଥ ପତି, ଡକ୍ଟର ପ୍ରତାପ ତ୍ରିପାଠୀ, ମଦନ ମୋହନ ପାତ୍ର, ବିଦ୍ୟାଧର ବେହେରା, ତୁଷାର ପୁହାଣ, ବଳରାମ ପଣ୍ଡା, ଗୋପବନ୍ଧୁ ସାହୁ, ଶୁଶାନ୍ତ ପଣ୍ଡା, ଅଧ୍ୟାପିକା ପାର୍ବତୀ ନାଥ, ପ୍ରଭାମୟୀ ସାମଲ, ସାଗରିକା ରଥ, ରଶ୍ମିତା ଧଳ, ରଶ୍ମିରଂଜନ ମହାପାତ୍ର, ସସ୍ମିତା ଦାସ, ସ୍ୱାଗତିକା ପାତ୍ର, ସତ୍ୟବ୍ରତ ଦାସ, ସନ୍ତୋଷ କୁମାର ଦାସ, ଅଭିମନ୍ୟୁ ପଣ୍ଡା ସମତେ ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ଉପସ୍ତିତ ରହିଥିଲେ। ଶେଷରେ ଅଧ୍ୟାପିକା କଲ୍ୟାଣୀ ସାମଲ ଧନ୍ୟବାଦ ଦେଇଥିଲେ।

# ମିନାକ୍ଷୀ ହାଇଡ୍ରୋ ବିଦ୍ୟୁତ ପ୍ରକଳ୍ପ ବିରୋଧରେ ଏକାଠି ହେଲେ ୧୯ ଖଣ୍ଡ ଗାଁ ଲୋକେ: ପ୍ରକଳ୍ପ ସମ୍ମୁଖରେ ଧାରଣା ପାଇଁ ନେଲେ ନିଷ୍ପତି

ଜୟପୁର,୦୪/୫(ନି. ପ୍ର): ମିନାକ୍ଷୀ ହାଇଡ୍ରୋ ବିଦ୍ୟୁତ ପ୍ରକଳ୍ପକୁ ବିରୋଧ। ବିନା ପଲ୍ଲୀସଭାରେ ପ୍ରକଳ୍ପ ନିର୍ମାଣକୁ ନେଇ ବଢିଲା ଜନ ଆକ୍ରୋଶ। ଏହାର ପ୍ରତିବାଦରେ ୧୯ ଖଣ୍ଡ ଗ୍ରାମ ବାସୀ ଅଂଟା ଭିଡ଼ିଲେ। ଏକାଠି ହେଲେ ବୈଠକ କଲେ ଏବଂ ପ୍ରକଳ୍ପ ସମ୍ମୁଖରେ ଧାରଣା ଦେବେ ପାଇଁ ନିଷ୍ପତି ନେଲେ। ଆଜି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ପଂଚାୟର ପୂଜାରୀପୁଟ ଠାରେ ୧୯ ଖଣ୍ଡ ଗ୍ରାମ ବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିନା ପଲ୍ଲୀସଭାରେ ମିନାକ୍ଷୀ ହାଇଡ୍ରୋ ବିଦ୍ୟୁତ ପ୍ରକଳ୍ପ ନିର୍ମାଣକୁ ନେଇ କୋରାପୁଟ ଜିଲ୍ଲାପାଳ ଏବଂ ଜୟପୁର ଉଜିଲ୍ଲାପାଳ ଙ୍କୁ ପୂର୍ବରୁ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ଏନେଇ ଜଶୁଣାଣି କରିବା ପାଇଁ ଗ୍ରାମବାସୀ ଙ୍କୁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଏ ଯାଇ ଜନ ଶୁଣାଣି ହେଲା ନାହିଁ। ଯାହାକୁ ନେଇ ଅଂଚରେ ଅସନ୍ତୋଷ ବଢୁଛି। ଆଜିର ବୈଠରେ ଗାଁ ଲୋକେ ନିଷ୍ପତି ନେଇଛନ୍ତି ଯେ, ଆଗାମୀ ଦିନରେ ମିନାକ୍ଷୀ ହାଇଡ୍ରୋ ବିଦ୍ୟୁତ ପ୍ରକଳ୍ପ ସମ୍ମୁଖରେ ଧାରଣା ଦେବେ। ସୂଚନା ଥାଉକି, ହାଇଦ୍ରାବାଦର ଘରୋଇ କମ୍ପାନୀ (ମିନାକ୍ଷୀ ବିଦ୍ୟୁତ ପ୍ରକଳ୍ପ ) ତେନ୍ତୁଳିଗୁମ୍ମା ଠାରେ କାର୍ଯ୍ୟ ଆରମ୍ଭ କରି ୨୫ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରୁଛି। ହେଲେ ଏହାରି ଭିତରେ ଦ୍ୱିତୀୟ ପ୍ରକଳ୍ପ ସାରି ତୃତୀୟ ପ୍ରକଳ୍ପ ନିର୍ମାଣ କରୁଛି। କଂପାନୀ ମୂଳ ପ୍ରକଳ୍ପର ସରକାରୀ ମଞ୍ଜୁରିରେ ଚଂଚକତା କରି ତୃତୀୟ ପ୍ରକଳ୍ପ ଜାରି ରଖିଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ବାଦୁଡିପାର, ଅଟାଲଗୁଡା ଓ ମାଳିପଦର ଗାଁ ଜଳମଗ୍ନ ହେବା ଆଶଙ୍କା କରିଛନ୍ତି ଗ୍ରାମବାସୀ। ପ୍ରକଳ୍ପ ନିର୍ମାଣ ପୂର୍ବରୁ କୌଣସି ଗ୍ରାମସଭା କିମ୍ବା ପଲ୍ଲିସଭା କରାଯାଇ ନଥିବାବେଳେ ଜଙ୍ଗଲ ଓ ପରିବେଶ ସମ୍ବନ୍ଧୀୟ କୌଣସି କାଗଜପତ୍ର ନଥିବା ଅଭିଯୋଗ ହୋଇଥିଲା। ଏହି ଅଂଚଳ ରାମଗିରି ପଂଚାୟର ଧାନ୍ଦରଖାଲ ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ କିପରି ପ୍ରକଳ୍ପ ନିର୍ମାଣ ହେଉଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଲୋକେ। ଏହାଦ୍ୱାର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି।

# ଆଇଟିଡିଏ ପକ୍ଷରୁ ସୋଲାର୍ ହାଇମାଷ୍ଟ୍ ଲାଇଟ୍ ଲଗାଇବା ନାଁରେ ବଡ଼ଧରଣର ଦୁର୍ନୀତି

ମାଲକାନଗିରି,୦୪/୫(ନି. ପ୍ର): ମାଲକାନଗିରି ଆଇଟିଡିଏ ନାମରେ ପୂର୍ବରୁ ଅନେକ ଅଭିଯୋଗ ରହିଥିବା ବେଳେ ବର୍ତମାନ ପୁଣି ଏକ ସଙ୍ଗିନ ଅଭିଯୋଗ ଆସିଛି। ବିଗତ ଦିନରେ ଏହି ସଂସ୍ଥା ପକ୍ଷରୁ ସୋଲାର୍ ହାଇମାଷ୍ଟ୍ ଲାଇଟ୍ ଲଗାଇବା ନାଁରେ ବଡ଼ଧରଣର ଦୁର୍ନୀତି ହୋଇଥିବା ନେଇ ବର୍ତମାନ ଅଭିଯୋଗ ପରେ ପୁଣି ଚର୍ଚ୍ଚାର ପରିସରକୁ ଆସିଛି ଏହି ସଂସ୍ଥା। ତେବେ ସଂସ୍ଥାର ଦୁଇ ପୂର୍ବତନ ପ୍ରଶାସକ ଏହି ଦୁର୍ନୀତି ସମୟରେ ଦାଇତ୍ୱରେ ଥିବା ବେଳେ ସେମାନଙ୍କ ଜାଣତରେ ଏହି ଦୁର୍ନୀତି ହୋଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ ବିଗତ ଦିନରେ ମାଲକାନଗିରି ଆଇଟିଡିଏ ସଂସ୍ଥା ପକ୍ଷରୁ ସୋଲାର୍ ହାଇମାଷ୍ଟ୍ ଲାଇଟ୍ ଲଗାଇବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ତେବେ ଏହି ଯୋଜନାକୁ ଢାଲ କରି ସରକାରୀ ନିୟମକୁ ଉଲଂଘନ କରି ବ୍ୟାପକ ଅର୍ଥ ଲୁଟ ପାଇଁ ମଧ୍ୟ ଯୋଜନା ଆରମ୍ଭ ହୋଇଥିବା କୁହାଯାଉଛି। ତଥ୍ୟ ଅନୁଯାୟୀ ଗତ ୨୦୨୩ ମାର୍ଚ୍ଚ ୨୭ରେ ସ୍ୱତନ୍ତ୍ର ବିକାଶ ପରିଷଦ ବୈଠକରେ ୨୦୨୦-୨୧ ଆର୍ଥିକ ବର୍ଷରେ ଆଇଟିଡିଏକୁ ମିଳିଥିବା ୧ କୋଟି ୫୦ ହଜାର ଟଙ୍କାର ଅନୁଦାନରେ ଜିଲ୍ଲାର ୬୭ଟି ସ୍ଥାନରେ ହାଇମାଷ୍ଟ୍ ଲାଇଟ୍ ଲାଗିବାକୁ ନିଷ୍ପତି ହୋଇଥିଲା। ୨୦୨୩ ଏପ୍ରିଲ୍ ୧୫ରେ ଏ ନେଇ ବୈଠକ କରି ସମସ୍ତ ପ୍ରକ୍ରିୟା କରାଯାଇଥିଲା। ତେବେ ଏହାରି ମଧ୍ୟରେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ବୈଠକ ପୂର୍ବରୁ ଅର୍ଥାତ ୨୦୨୩ ଏପ୍ରିଲ୍ ୧୦ ତାରିଖରେ ଆଇଟିଡିଏ ବୈଷୟିକ ଯନ୍ତ୍ରୀ ଗୋଟିଏ ଗୋଟିଏ ହାଇମାଷ୍ଟ୍ ଲାଇଟ୍ ପିଛା ଦେଢ଼ ଲକ୍ଷ ଖର୍ଚ୍ଚ କରିବାକୁ ମଞ୍ଜୁରି ପ୍ରଦାନ କରିଥିଲେ। ସେ କିପରି ଓ କାହିଁକି ଆଗୁଆ ଏହି ଅନୁମତି ପ୍ରଦାନ କଲେ ତାହାକୁ ନେଇ ସନ୍ଦେହ ଉଠିଥିବା ବେଳେ ଏହା ତଦନ୍ତ ସାପେକ୍ଷ ଅଟେ। ସେହିପରି ଏସ୍‌ଡିସି ବୈଠକର ପ୍ରୋସିଡିଂ ପୂର୍ବରୁ କିପରି ଭାବେ ପ୍ରକଳ୍ପ ମଞ୍ଜୁର କରାଯାଇ କାର୍ଯ୍ୟାଦେଶ ଦିଆଗଲା ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ପାଇଁ ୩ଟି ସଂସ୍ଥା ଯଥା ଭୁବନେଶ୍ୱରର ଅଂଶୁ ଗ୍ଲୋବାଲ ସୋଲାର୍ ପାୱାର ସଲ୍ୟୁସନ୍, ଜୟପୁର ଅରବିନ୍ଦ ନଗରର ମଧୁମିତା ଟ୍ରେଡର୍ସ ଏବଂ ଭୁବନେଶ୍ୱରର ଏସ୍କେ ଇଣ୍ଟରପ୍ରାଇଜେର୍ସ ନିଜ ନିଜର କୋଟେସନ୍ ଦେଇଥିଲେ। କୋଟେସନ୍‌ରେ ଏସ୍‌ପିଭି ମଡେଲ୍-୩୦୦ ୱାଟ୍ ବ୍ୟାଟେରୀ ପ୍ୟାକ, ୧୨ ଭୋଲ, ୧୬୮ଏଏଚ, ୭ ମିଟରର ଜିଆଇ ପୋଲ ସହ ଅନ୍ୟ ସାମଗ୍ରୀ ପ୍ରଦାନ କରିବାକୁ ଉଲ୍ଲେଖ ରହିଛି। କିନ୍ତୁ ଟେଣ୍ଡର ନ କରି କୋଟେସନ୍ ଆଧାରରେ ଜୟପୁରର ମଧୁମିତା ଟ୍ରେଡର୍ସଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କିପରି ଓଫ କାହା ନିର୍ଦ୍ଦେଶ କ୍ରମେ ଏହି ସଂସ୍ଥାକୁ ଏତେ ଟଙ୍କାର କାର୍ଯ୍ୟ ବିନା କୌଣସି ଟେଣ୍ଡରରେ ଦିଆଗଲା ତାହାକୁ ନେଇ ମଧ ସନ୍ଦେହ ସୃଷ୍ଟି ହୋଇଛି। ଏହି କାର୍ଯ୍ୟରେ ସହକାରୀ ଯନ୍ତ୍ରୀ ସୁରେନ୍ଦ୍ରନାଥ କର, କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ସେଠୀ, ଆଶିଷ କୁମାର ପାତ୍ର କାମର ଅନୁଧାନ କରି ବିଲ୍ କରିଛନ୍ତି। ପୂର୍ବତନ ପିଏ ଆଇଟିଡିଏ ତ୍ରିନାଥ ମାଝୀଙ୍କ ସମୟରେ କାର୍ଯ୍ୟାଦେଶ ହୋଇଥିବା ବେଳେ ଅଧିକାଂଶ ବିଲ୍‌କୁ ପାସ୍ କରିଛନ୍ତି ପୂର୍ବତନ ପିଏ ଆଇଟିଡିଏ ଜୟଶ୍ରୀ। ଅନ୍ୟପକ୍ଷରେ ୨୦୨୩ ଏପ୍ରିଲ୍ ୧୦ରେ କାମ ଆରମ୍ଭ ହୋଇ ଜୁନ୍ ୧୦ରେ ସରିବା ପାଇଁ ନିର୍ଦ୍ଦେଶ ଥିଲା। କିନ୍ତୁ ସମୟ ସୀମା ବଦଳରେ ଠିକା ସଂସ୍ଥା ନିଜ ଇଚ୍ଛାରେ ବିଭିନ୍ନ ସମୟରେ ଲାଇଟ୍ ଲଗାଇବା କାର୍ଯ୍ୟ ସାରିଛି। ସବୁଠୁ ବଡ଼ କଥା ହେଲା ସୋଲାର୍ ଲାଇଟ୍ ସଂଯୋଗୀକରଣ ପାଇଁ ଓଆରଇଡିଏ କିମ୍ବା ଓଏସ୍‌ଆଇସିଙ୍କର ଅନୁମତି ନିଆଯାଇନି। ଦୁର୍ନୀତି ସମ୍ପର୍କରେ ଅବଗତ ହେବା ପରେ ମାଲକାନଗିରିର ଆଇନଜୀବୀ ରାମପ୍ରସାଦ ପଟ୍ଟନାୟକ ଗତ ୨୦୨୪ ଅକ୍ଟୋବର ୧୮ରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଦନ୍ତ କରି ଅନିୟମିତତା ସମ୍ପର୍କରେ ୨୦୨୫ ଜାନୁଆରି ୧୦ରେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ସେହି ତଦନ୍ତରେ ମଧ ଅଧିକାରୀ ମାନଙ୍କ ଭୁଲ ପ୍ରମାଣିତ ହୋଇଥିବା ସୂଚନା ମିଳିଛି। ଏସବୁ ପରେ ମଧ କୌଣସି ଠୋସ ପଦକ୍ଷେପ ନିଆଯାଉ ନଥିବା ବେଳେ ଏନେଇ ମାଲକାନଗିରି ଭିଜିଲାନ୍ସ ଦୁର୍ନୀତିର ତଦନ୍ତ ଆରମ୍ଭକରିଥିବା କହିଛନ୍ତି ଡିଏସ୍‌ପି ସଦାନନ୍ଦ ପାଣି। ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି ଦୁଇ ପୂର୍ବତନ ପିଏ ଆଇଟିଡିଏ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ବୋଲି ସୂଚନା ମିଳିଛି। ଘୋଟାଲାରେ ସମ୍ପୃକ୍ତ ଥିବା ପୂର୍ବତନ ପିଏ ଆଇଟିଡିଏ ତ୍ରିନାଥ ମାଝୀ ବର୍ତମାନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପିଏସ୍ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ସେ ନିଜେ ଶାସକ ଦଳର ମନ୍ତ୍ରୀଙ୍କ ପିଏସ୍ ଥିବା ବେଳେ ଏହି ଦୁର୍ନୀତିକୁ ଘଂଟ ଘୋଡାଇ ତଦନ୍ତରେ ବାଧା ସୃଷ୍ଟି କରି ପାରନ୍ତି ବୋଲି ମଧ ସାଧାରଣରେ ଚର୍ଚ୍ଚା ହେଉଛି। ଏହା ସହ ଦୁର୍ନୀତିକୁ ପାଖ ପୁରାଇ ଦେବୁ ନାହି କହି ଡିଣ୍ଡିମ ପିଟୁଥିବା ସରକାରର ଜଣେ ମନ୍ତ୍ରୀ କିପରି ଏପରି ଅଭିଯୋଗ ଆସିଥିବା ବ୍ୟକ୍ତିଙ୍କୁ ତାଙ୍କ ନିକଟରେ ରଖିଛନ୍ତି ତାହାକୁ ନେଇ ମଧ ପ୍ରଶ୍ନ ଉଠିଛି। ତେଣୁ ତାଙ୍କୁ ଉକ୍ତ ପଦବୀରୁ ହଟାଇବା ପାଇଁ ମଧ ସାଧାରଣରେ ଦାବି ହୋଇଛି। ଉଭୟ ପୂର୍ବତନ ଅଧିକାରୀଙ୍କୁ ଏହି ଦୁର୍ନୀତିର ମାଷ୍ଟର ମାଇଣ୍ଡ କୁହାଯାଉଥିବା ବେଳେ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କଲେ ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ତୁଳସୀ ମହିଳା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

କେନ୍ଦ୍ରାପଡ଼ା ,୦୪/୫(ନି. ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ପ୍ରେଫସର୍ ରଞ୍ଜିତ୍ ରଞ୍ଜନ ସାହୁ ଆଗାମୀ ମେ ମାସ ୩୧ ତାରିଖେର ଅବସର ଗ୍ରହଣ କରବେ। ଏହି ପରପ୍ରେକ୍ଷରେ ପ୍ରେଫସର୍ ସାହୁଙ୍କୁ ତାଙ୍କ ନିଜ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭରେ ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ତଥା ଶିକ୍ଷକ - କର୍ମଚାରୀ ପରିଷଦର ସମ୍ପାଦକ ଡ଼ ମୃଥୁରୀ ଚରଣ ନାୟକ , ପ୍ରଶାସନିକ ଅଧିକାରୀ ଜ୍ୟୋସ୍ନାମୟୀ ପତି , ସହ ଶୈକ୍ଷିକ ଅଧିକାରୀ ଡ଼ ପଦ୍ମଜା କବି ଶତପଥୀ , ରାଜନୀତି ବିଜ୍ଞାନ ବିଭାଗର ମୂଖ୍ୟ ଡ଼ ମମତା ସାହୁ ମଂଚାସୀନ ହୋଇ ପ୍ରେଫସର ସାହୁଙ୍କର ନିଷ୍ଠାପରତା , କର୍ମ ତତ୍ପରତା, ତଥା ତୁଳସୀ ମହିଳା ମହାବିଦ୍ୟାଳୟେର ତାଙ୍କ କର୍ମମୟ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟେର ପ୍ରାଧାପିକା ଡ଼ ଏଲୋରା କବି, ସବିତା ଦାସ, ଅଧାପିକା ପ୍ରଜ୍ଞା ମହାନ୍ତି, ଅଧାପିକା ଗାୟତ୍ରୀ ନାୟକ, ଅଧାପକ ରାମଚନ୍ଦ୍ର ସୁଆର ପ୍ରେଫସର୍ ସାହୁଙ୍କ ଶିକ୍ଷାଦାନ, ପ୍ରଶାସନିକ ଦକ୍ଷତା, କମର୍ଚ୍ଚାରୀ ଓ ଛାତ୍ରୀମାନଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ମେନାଭାବ ସମ୍ପକର୍ରେ ବକ୍ତବ୍ୟ ପ୍ରଦାନ କରିଥ୍ଲେ। ଛାତ୍ରୀମାନଙ୍କ ମଧ୍ୟେର ବି.ଏମ୍.ପ୍ରିୟଦଶର୍ନୀ, ରାଜଲକ୍ଷ୍ମୀ ବେହୁରା, ବିଦିସା ସ୍ୱାଇଁ , ସୁଜାତା ଦାସ ପ୍ରମୁଖ ପ୍ରେଫସର ସାହୁଙ୍କ ସମ୍ପକର୍ରେ ବକ୍ତବ୍ୟ ରଖିଥ୍ଲେ। ଅଧାପିକ ପ୍ରତାପ ନାୟକ ଧନ୍ୟବାଦ ଅପର୍ଣ କରିଥ୍ଲେ। ପରଶେଷେର ପ୍ରେଫସର୍ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉପେଢୗକନ ଓ ମାନପତ୍ର ପ୍ରଦାନ ପୂବର୍କ ସମ୍ବଦ୍ଧିର୍ତ କରାଯାଇଥିଲା।

# ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନିତ ଧାମରାର କୁନି ଝିଅ ଭାଗ୍ୟଶ୍ରୀ

ଭଦ୍ରକ,୦୪/୫(ନି. ପ୍ର): ଭଦ୍ରକ ଜିଲା ଧାମରା ନିକଟସ୍ଥ ଗୁଆଁଳ ଗ୍ରାମର ଏକ କୁନୀ ଝିଅ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛି। ପ୍ରାପ୍ତ ଖବର ଅନୁଯାଇ ଗୁଆଁଳ ଗ୍ରାମର ସୁବାଶ ମହାଳିକଙ୍କ ଝିଅ ଭାଗ୍ୟଶ୍ରୀ ମହାଳିକ ୩ବର୍ଷ ୭ ମାସ ବୟସ ମଧ୍ୟରେ ସେ ଏହି ରେକର୍ଡରେ ସମ୍ମାନୀତ ହୋଇଛନ୍ତି। କୁନୀ ଝିଅ ୨୦ପ୍ରକାର ପନି ପରିବା, ୧୦ଟି ପକ୍ଷୀ, ୧୮ଟି ଯାନ ବାହନ, ୨୪ଟି ପଶୁ, ମଣିଷ ଶରୀରର ୨୪ଟି ଅଂଶ, ୧୨ପ୍ରକାର ଫଳ,୬ ପ୍ରକାର ଆକୃତି, ୬ଟି ରଙ୍ଗ, ୧୨ଟି ଜାତୀୟ ସିମ୍ବଲ, ଓଡିଶାର ୩୦ଟି ଜିଲ୍ଲା, ଜାତୀୟ ସଙ୍ଗୀତ, ୧ରୁ ୫୦ପର୍ଯ୍ୟନ୍ତ ଗଣନା କରିବା ସେ ଗୁଡିକୁ ନିର୍ଭୁଲ ଭାବେ ବନାନ କରିବା, ଇଂରାଜୀରେ ୨୬ଟି ଅକ୍ଷର ନିର୍ଭୁଲ ଭାବେ କହିବା ସହ ଶବ୍ଦ ରେ କହିବା, ୬ରତୁ , ୧୨ମାସ ଏବଂ ଦିନକୁ କୁ ନିର୍ଭୁଲ ଭାବେ କହିବା ଏବଂ ଇଂରାଜୀରେ ବିଭିନ୍ନ ରାଇମ ଆଦି ଭାବ ଭଙ୍ଗିରେ କହିବା କାର୍ଯ୍ୟ କରିପାରୁଥିବାରୁ ତାକୁ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନିତ କରାଯାଇଛି। କୁନୀ ଝିଅଟି ଆଗାମୀ ଦିନରେ ଡାକ୍ତର ହେବାର ଲକ୍ଷ୍ୟ ରଖି ସାଧାରଣ ଜନତାଙ୍କୁ ସେବା ଯୋଗାଇ ଦେବାକୁ ସେ ସଂକଳ୍ପବଦ୍ଧ ବୋଲି ନିଜର ପ୍ରତିକ୍ରିୟା ରଖିଛି।ଇଣ୍ଡିଆ ବୁକ ଅଫ ରେକର୍ଡର ଏକ ଟିମ ଆସି ଭାଗ୍ୟଶ୍ରୀ ମହାଳିକ ର ଏହି ଦକ୍ଷତାକୁ ପ୍ରମାଣ କରିବା ପରେ ତାକୁ ମାନପତ୍ର ପ୍ରଦାନ କରିବା ସହ ଇଣ୍ଡିଆ ବୁକ ଅଫ ରେକର୍ଡର ଏକ ବହି, ଏକ କଲମ ଏବଂ ଏକ ମେଡାଲ ଦେଇ ସମ୍ମାନୀତ କରିଥିଲେ।

# ବିଶ୍ୱ ପ୍ରେସ ସ୍ୱାଧିନତା ଦିବସ ପାଳିତ

ଜୟପୁର,୦୪/୫(ନି. ପ୍ର): ଜୟପୁର ଡେପଗୁଡାସ୍ଥିତ ଆଇବିରେ ବିଶ୍ୱ ପ୍ରେସ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ସଭାପତି ତରୁଣ କୁମାର ମହାପାତ୍ର ଉପସ୍ଥିତ ରହି ଗଣମାଧମ ଯଦି ସ୍ୱାଧୀନ ହୁଏ ତେବେ ସେ ସତ୍ୟ କହିପାରିବ ଓ ପରିବେଶଣ କରିପାରିବ। ଅନ୍ୟାୟ ଦୁର୍ନିତି ଭ୍ରଷ୍ଟାଚାର ଅସମାନତା ଏବଂ ଶୋଷଣର ବିରୋଧରେ ସ୍ୱର ଉଠାଇ ପାରିବ। ଏବେ ହାତରେ ସମସ୍ତଙ୍କ ପାଖରେ ମୋବାଇଲ ଡିଜିଟାଲ କ୍ୟାମେରା ଏବଂ ସୋସିଆଲ ମିଡିଆ ଅଥବା ଲୋକମାନେ ମଧ ଖବର କରୁଛନ୍ତି। କିନ୍ତୁ ସେହି ସତ୍ୟ ଓ ଦାୟିତ୍ୱ ବିହିନ ହେଲେ ଏହି ଗୁରୁତ୍ୱ ନଷ୍ଟ ହୁଏ। ଏଥିରେ ଅନ୍ୟ ମାନଙ୍କ ମଧରେ ନିର୍ବାଚନ ଅଧିକାରୀ ପବନ ପାଣିଗ୍ରାହୀ, ସଂପାଦକ ଶିଶିର ଆଚାର୍ଯ୍ୟ, ଉପସଭାପତି ପଦ୍ମନାଭ ହୋତା, ଉପଦେଷ୍ଟା ସତ୍ୟ ପଟ୍ଟନାୟକ, ନୃସିଂହ ଚୌଧୁରୀଙ୍କ ସମେତ ସଦସ୍ୟ କମଲ ଭଦ୍ରା ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଏସୟୁଜେ ପକ୍ଷରୁ ରାଜ୍ୟସ୍ତରୀୟ ବିଶ୍ୱ ପ୍ରେସ ଦିବସ ପାଳିତ

ଧର୍ମଶାଳା,୦୪/୫(ନି. ପ୍ର): ସମ୍ବାଦ ପତ୍ର ହେଉଛି ଏକ ଆଗ୍ନେୟଗିରି। ସମ୍ବାଦପତ୍ର ସ୍ୱର ଚାପିବା ପାଇଁ ପୃଥିବୀରେ କୌଣସି ଶକ୍ତି ନାହିଁ। ସାମ୍ପ୍ରତିକ ପରିସ୍ଥିତିରେ ସମ୍ବାଦପତ୍ର ବିପନ୍ନ ବୋଲି ଯାହା କୁହା ଯାଉଛି ତାହା ସାମୟିକ ହୋଇପାରେ କିନ୍ତୁ ସାମ୍ବାଦିକଟିଏ ପ୍ରକୃତ ଘଟଣା ଏବଂ ବକ୍ର କଣ୍ଠରେ କହିବ ବୋଲି ବିଶ୍ୱ ପ୍ରେସ ସ୍ୱାଧିନତା ଦିବସ ଅବସରରେ ମତ ପ୍ରକାଶ ପାଇଛି। ରାଜ୍ୟ ସାମ୍ବାଦିକ ସଂଘ ଏସୟୁଜେ ପକ୍ଷରୁ ଯାଜପୁର ଜିଲା ଧର୍ମଶାଳା ପ୍ରେସ କ୍ଲବ କାର୍ଯ୍ୟାଳୟରେ ରାଜ୍ୟ ସ୍ତରୀୟ ବିଶ୍ୱ ପ୍ରେସ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ଜିଲା ଶାଖା ସଭାପତି ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଂଜନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ସମ୍ବାଦପତ୍ରର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ଯୋଗ ଦେଇ ସାମ୍ବାଦିକଙ୍କର ବିଭିନ୍ନ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଏକତାବଦ୍ଧ ହୋଇ ସଂଗ୍ରାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘ ଉପଦେଷ୍ଟା ବଟକୃଷ୍ଣ ପରିଡା, ଇନ୍ଦ୍ରମଣୀ ନାୟକ ଓ ସମ୍ପାଦକ ଶିବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇ କାର୍ଯ୍ୟରତ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସମ୍ପାଦକ ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ମାନସ ରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଧର୍ମଶାଳା ପ୍ରେସ କ୍ଲବର ପ୍ରତିଷ୍ଠାତା ସ୍ୱର୍ଗତ ନରହରି ମହାନ୍ତିଙ୍କ ପ୍ରତିମୂର୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଂଚଳର ଶତାଧିକ ସାମ୍ବାଦିକ ଯୋଗ ଦେଇଥିଲେ।

# କାନ୍ତକବି ଲକ୍ଷ୍ମୀକାନ୍ତ ମେମୋରିଆଲ ପାର୍କ: ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

ଭଦ୍ରକ,୦୪/୫(ନି. ପ୍ର): ବହୁ ପ୍ରତୀକ୍ଷିତ କାନ୍ତକବି ଲକ୍ଷ୍ମୀକାନ୍ତ ମେମୋରିଆଲ ପାର୍କର ସଂପୂର୍ଣ୍ଣ କାର୍ଯ୍ୟ ଆସନ୍ତା ଅଗଷ୍ଟ ମାସ ସୁଦ୍ଧା ସାରିବାକୁ ଜିଲାପାଳ ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀ ଓ ଠିକାଦାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକ ତହସିଲ ଅନ୍ତର୍ଗତ କୋରକୋରା ଗ୍ରାମପଂଚାୟତର କୋରକୋରା ଗ୍ରାମରେ ୪ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ଏହି ପାର୍କର ଅଗ୍ରଗତି ସଂପର୍କରେ ଆଜି ଜିଲାପାଳ ଦିଲ୍ଲିପ ରାଉତରାୟ କ୍ଷେତ୍ରୀୟ ଅନୁଧ୍ୟାନ କରିଛନ୍ତି। ତାଙ୍କର ଏହି ପରିଦର୍ଶନ ସମୟରେ ପାର୍କର ପାଖାପାଖି ୭୦ ପ୍ରତିଶତ କାର୍ଯ୍ୟ ସମାପନ ହୋଇଛି। ପାର୍କର ଅବଶିଷ୍ଟ ସିଭିଲ୍ ୱାର୍କ ଆସନ୍ତା ବର୍ଷାଋତୁ ପୂର୍ବରୁ ଜୁନ୍ ମାସ ସୁଦ୍ଧା ସାରିବାକୁ ଆର.ଡି.-୧ ଅଧୀକ୍ଷଣ ଯନ୍ତ୍ରୀ ଓ ଭୁବନେଶ୍ୱରର ଠିକାଦାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟ ସରିବା ପରେ ଅଗଷ୍ଟ ମାସରେ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ମଧ କୁହାଯାଇଛି। ପରବର୍ତୀ ସମୟରେ ଦ୍ୱିତୀୟ ପର୍ଯ୍ୟାୟରେ ପାର୍କଟିକୁ ପର୍ଯ୍ୟଟକଙ୍କ ଆକର୍ଷଣ କରିବା ଲାଗି ପାର୍କକୁ ଲାଗି ରହିଥିବା ୧୦ ଏକର ଜମିର ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ କରାଯିବା ସହ ଏହାର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଜିଲାପାଳ ଶ୍ରୀ ରାଉତରାୟ କହିଛନ୍ତି। ପର୍ଯ୍ୟଟକମାନଙ୍କ ଅଧିକ ଆକର୍ଷଣ ପାଇଁ ଏହି ପୁଷ୍କରିଣୀରେ ୱାଟର ପାର୍କ, ବୋଟ୍ ଚାଳନା ଆଦିର ବ୍ୟବସ୍ଥା ରହିବ। ସେହିପରି ପାର୍କର ଅନତି ଦୂରରେ ଥିବା ୫ ଏକର ଜଂଗଲ ଜମିକୁ ଏକ ପିକ୍‌ନିକ୍ ସ୍ଥାନର ବ୍ୟବସ୍ଥା ରହିବ। ଏହାବ୍ୟତୀତ ଫୁଡ୍ କୋର୍ଟର ବ୍ୟବସ୍ଥା ଓ ଏକ ମ୍ୟୁଜିୟମ୍ ପ୍ରତିଷ୍ଠା କରାଯିବ। ଏହି ମ୍ୟୁଜିୟମ୍‌ଟିରେ କାନ୍ତକବିଙ୍କ ଜୀବନ ଦର୍ଶନ ଓ ଗ୍ରନ୍ଥାବଳୀ ସହ ଫଟୋଚିତ୍ରମାନ ରହିବ।

# ଓସ୍ୱାସ କାର୍ଯ୍ୟକାରିତା ନେଇ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୦୪/୫(ନି. ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ,ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ନେଇ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ, କୃଷି ଏବଂ ଅତ୍ୟାବଶ୍ୟକ ସେବା ବିଭାଗରେ ଓସ୍ୱାସ ମାଧ୍ୟମରେ ନଥିକାର୍ଯ୍ୟ ସମ୍ପାଦିତ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର(ଓକାକ) ଭୁବନେଶ୍ୱର ଓସ୍ୱାସ୍ ପରିସରରେ ଶନିବାର ଉପଦେଷ୍ଟା ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଖୋର୍ଦ୍ଧା ଜିଲ୍ଲାକୁ ଓସ୍ୱାସ୍ ସଂଯୋଗିକରଣ ନିମନ୍ତେ ପାଇଲଟ୍ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ସାହୁ ବୈଠକରେ ସୂଚନା ଦେବାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକର ଓସ୍ୱାସ୍ ଭିତିଭୂମି ଯଥା କମ୍ପ୍ୟୁଟର, ପ୍ରିଂଟର, ଅପରେଟର, ଇଂଟରନେଟ ସେବା ଉପଲବ୍ଧ ଆଦି କାର୍ଯ୍ୟଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ପଚାରିବୁଝି, ବ୍ୟବହାର କରିବା ଅଧିକାରୀ କର୍ମଚାରୀ ସମସ୍ତଙ୍କ ସହ ସମୀକ୍ଷା କରି ଆସନ୍ତା ୧୫ ତାରିଖ ସୁଦ୍ଧା ଉଦ୍ଘାଟନ କରାଯିବାକୁ କହିଥିଲେ। ନଥିପତ୍ର କାର୍ଯ୍ୟ ସଠିକ୍ ଢଙ୍ଗରେ, ସ୍ୱଚ୍ଛତାରେ, ସୁରକ୍ଷାରେ ଏବଂ ନିର୍ଭୁଲ ଭାବେ ସ୍ୱଳ୍ପ ସମୟରେ କାର୍ଯ୍ୟକାରୀ କରିବା ଏହି ପାଇଲଟ୍ ପ୍ରୋଜେକ୍ଟର ମୂଳ ଲକ୍ଷ୍ୟ ଅଟେ ଆସନ୍ତା ୫ ତାରିଖ ଠାରୁ ଏଥି ନିମନ୍ତେ ପ୍ରଶିକ୍ଷଣ ଆରମ୍ଭ କରାଯିବାକୁ ଖସଡ଼ା ପ୍ରସ୍ତୁତ ହୋଇଅଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ସମସ୍ତ ବିଭାଗ ର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିଷ୍ଠା ଓ ଆନ୍ତରିକତା ସହ ପ୍ରଶିକ୍ଷଣ ନେଇ ଧାର୍ଯ୍ୟ ତାରିଖରେ ନିଜନିଜ କାର୍ଯ୍ୟାଳୟରେ ଓସ୍ୱାନ ମାଧ୍ୟମରେ ନଥି କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ , ଖୋର୍ଦ୍ଧା, କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର, ପ୍ରତିଷ୍ଠାନ ଦେବବ୍ରତ କର, ରାଜ୍ୟ ଓସ୍ୱାସ ସଂଯୋଜକ ରମେଶ କୁମାର ସାହୁ ମଂଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜଶ୍ରୀ ପଟ୍ଟନାୟକ,ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଶୁଗୁଡ଼ା ମୁର୍ମୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଟିମ୍ ଯୋଗ ଦେଇଥିଲେ।

# ଆଖଣ୍ଡଳମଣିଙ୍କ ମନ୍ଦିରରେ ବର୍ଷେ ହେଲା ବସୁନି ଟ୍ରଷ୍ଟବୋର୍ଡ ବୈଠକ: ଦେବୋତ୍ତର କମିଶନରଙ୍କ ବିନା ଅନୁମତିରେ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା

ଭଦ୍ରକ,୦୪/୫(ନି. ପ୍ର): ରାଜ୍ୟ ଦେବୋତର ବିଭାଗ ଅଧିନରେ ଥିବା ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବକ୍ଷେତ୍ର ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବିଶେଷକରି ଦୀର୍ଘ ୧ବର୍ଷରୁ ଉର୍ଦ୍ଧ ହେବ ଟ୍ରଷ୍ଟବୋର୍ଡ ବୈଠକ ବସୁନଥିବାରୁ ମନ୍ଦିରର ଆୟବ୍ୟୟ ବାବଦରେ ଟ୍ରଷ୍ଟବୋର୍ଡର ସଭ୍ୟଙ୍କୁ ଅନ୍ଧାରରେ ରଖାଯାଉଥିବା ଅଭିଯୋଗ ହୋଇଛି। ଗତ ୨୦୨୨ଦ୨୩ ମସିହାରେ ଦେବୋତର ବିଭାଗ ପକ୍ଷରୁ ଗଠିତ ଟ୍ରଷ୍ଟବୋର୍ଡରେ ଭଦ୍ରକ ଉପଜିଲାପାଳ ମ୍ୟାନେଜିଂ ଟ୍ରଷ୍ଟି ଦାୟୀତ୍ୱରେ ରହିଥିବା ବେଳେ କନିକାରାଜା ସାହେବଙ୍କ ପ୍ରତିନିଧି, ଚାନ୍ଦବାଲି ବିଧାୟକ, ସେବାୟତ ପ୍ରତିନିଧି, ଜନ ପ୍ରତିନିଧିଙ୍କୁ ନେଇ ଏକ ୫ଜଣିଆ କମିଟ ରହିଛି। ଏମାନଙ୍କ ଗୋଚରରେ ମନ୍ଦିରର ସମସ୍ତ ଆୟ ବ୍ୟୟର ହିସାବ ରହିବା ସହ ପର୍ବପର୍ବାଣୀ କିପରି ଭାବେ ପାଳନ ହେବ ତାହା ଟ୍ରଷ୍ଟବୋର୍ଡ ନିଷ୍ପତି କ୍ରମେ କରାଯିବା ପାଇଁ ନୟମ ରହିଛି। ଏପରିକି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ହେଲେ ଦେବୋତର କମିସନରଙ୍କ ଅନୁମତି ନେବାର ଆଇନ ରହିଛି। ହେଲେ ଦୀର୍ଘ ୧ବର୍ଷ ହେବ ଟ୍ରଷ୍ଟବୋର୍ଡ ବୈଠକ ବସିବା ତ ଦୂରର କଥା ମନ୍ଦିରର ଯାହାକିଛି ପର୍ବପର୍ବାଣୀରେ ଖର୍ଚ୍ଚ ହେଉଛି ଟ୍ରଷ୍ଟବୋର୍ଡର ସଭ୍ୟଙ୍କୁ ଅନ୍ଧାରରେ ରଖାଯାଉଥିବା କହିଛନ୍ତି ସେବାୟତ ପ୍ରତିନିଧି ସନ୍ତୋଷ ପାଢୀ, ଜନ ପ୍ରତିନିଧି ସରୋଜ ଦାସ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ପ୍ରମୁଖ। ୨୦୨୫ ଜାଗରଯାତ୍ରାରେ ମନ୍ଦିରର ବିଭିନ୍ନ କାର୍ଯ୍ୟ ଓ ମହୋତ୍ସବରେ ୧୦ଲକ୍ଷରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ କରାଗଲା, ହେଲେ ଜାଗରଯାତ୍ରା ପୂର୍ବରୁ କିମ୍ବା ପରେ ଏଥିପାଇଁ ଟ୍ରଷ୍ଟବୋର୍ଡ ବୈଠକ ଡକାଗଲା ନାହିଁ କିମ୍ବା କୌଣସି ସଭ୍ୟଙ୍କ ସହ ଆଲୋଚନା କରାଯାଇନାହିଁ ବୋଲି ମନ୍ଦିର ଟ୍ରଷ୍ଟବୋର୍ଡ ସଭ୍ୟ ତଥା ସେବାୟତ ପ୍ରତିନିଧି ସନ୍ତୋଷ ପାଢୀ କହିଛନ୍ତିତି। ମନ୍ଦିର ଏକାଉଂଟରୁ ଏତେ ଗୁଡିଏ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଦେବୋତର ବିଭାଗର ଅନୁମତି ନିଆଯାଇନାହିଁ ବୋଲି ଅନ୍ୟ ସଭ୍ୟମାନେ କହିଛନ୍ତି। ରାଜ୍ୟ ଦେବୋତର ବିଭାଗର ଅଧିନରେ ରହିଥିବା ମଠ ଓ ମନ୍ଦିରରେ ହେଉଥିବା ସମସ୍ତ ଖର୍ଚ୍ଚ କମିସନର ଓ କମିସନରଙ୍କ ଦ୍ୱାରା ଗଠିତ କମିଟର ଅନୁମତି ନିଆଯାଇ ଖର୍ଚ୍ଚ କରାଯିବାର ନିୟମ ରହିଥିବା ମନ୍ଦିରରେ ପ୍ରଚଳିତ ସ୍କିମରେ ଉଲେଖ୍ୟ ଅଛି। ହେଲେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସବୁ ନିୟମକୁ ଫୁ କରି ମନ୍ଦିର ପରିଚାଳକ କିପରି ଏତେ ଟଙ୍କା ମନ୍ଦିର ଆକାଉଂଟରୁ ଖର୍ଚ୍ଚ କଲେ ତାହା ସାଧାରଣେର ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ମଣିବାବାଙ୍କର ଶହଶହ ଏକର ଜାଗା ରହିଥିବା ବେଳେ ପୀଠର ଉନ୍ନୟନ ପାଇଁ ପୂର୍ବରୁ ଥିବା ଧର୍ମଶାଳା ଓ ଅତିଥିଭବନ ଘରକୁ ଭଙ୍ଗାଯାଇ ଥିବାରୁ ଦେଢବର୍ଷ ହେଲା ଭଡାଘରେ ମନ୍ଦିର କରାମଚାରୀ ରହୁଥିବା ବେଳେ ମନ୍ଦିରର ଆସବାପତ୍ର ଓ ନଥିପତ୍ର ରହି ଆସୁଛି। ଯାହାକି ମନ୍ଦିର ଫଣ୍ଡ ରୁ ବାର୍ଷିକ ୫୦ହଜାରରୁ ଉର୍ଦ୍ଧ ଟଙ୍କା ଭଡା ବାବଦକୁ ଖର୍ଚ୍ଚ ହେଉଛି। ଅନ୍ୟପଟେ ମନ୍ଦିର ଭିତରେ କିଛି ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଆକ୍ରୋଶରେ ଭକ୍ତ ଶିକାର ହେଉଥିବା ନେଇ ଦେବୋତର ଦପ୍ତରରେ କିଛି ଭକ୍ତ ଅଭିଯୋଗ ଆଣିଛନ୍ତି। ଯାହାର କାର୍ଯ୍ୟାନୁଷ୍ଠାନ ପାଇଁ ଭଦ୍ରକ ଉପଜିଲାପାଳ ତଥା ମନ୍ଦିର ଟ୍ରଷ୍ଟିଙ୍କ ପକ୍ଷରୁ ନଟକାଜାରି କରାଯାଇଛି। ତାହାସହ ମନ୍ଦିର ବେଢାରେ ଦୀପ ବିକ୍ରୀ ନକରିବା ଦୀପନଜାଳିବା ପାଇଁ ସୂଚନା ଦିଆଯାଇଛି। ସେହିପରି ମନ୍ଦିର ଗର୍ଭଗୃହକୁ ଅଣସେବାୟତଙ୍କ ପ୍ରବେଶ ଉପରେ ଅଙ୍କୁଶ ଜାରି କରାଯାଇଥିଲେ ମଧ୍ୟ ନିୟମକୁ ଫୁ କରି ସବୁକିଛି ଚାଲିଛି।

# ଘରେ ବନାନ୍ତୁ ସୁଆଦିଆ 'ରାଜମା କଷା'

ଆପଣ ଡାଲି ବା ବୁଟର ବିଭିନ୍ନ ରେସିପି ଘରେ ବନେଇ ଖାଇଥିବେ । ଆଜି ଆମେ ଏକ ନିଆରା ଓ ସୁଆଦିଆ ରେସିପି ତିଆରି କରିବୁ । ଏହି ରେସିପିଟିର ନାଁ ହେଉଛି 'ରାଜମା କଷା' । ଖାଇବା ପ୍ରିୟ ଲୋକଙ୍କ ପାଇଁ ଆମେ ଆଣିଛୁ ରାଜମା କଷାର ପ୍ରସ୍ତୁତ ପ୍ରକ୍ରିୟା। ଏହା ରାନ୍ଧିବା ଯେତେ ସହଜ ଓ ସୁଆଦିଆ ମଧ । ଘରେ ଏହାକୁ ପ୍ରସ୍ତୁତ କରନ୍ତୁ ଓ ପରିବାର, ସାଙ୍ଗସାଥୀଙ୍କ ସହ ଖାଇବାର ମାଜା ନିଅନ୍ତୁ।
ଆଜି ଆମେ ନିରାମିଷରେ ଏକ ସ୍ୱାଦିଷ୍ଟ ରେସିପି ପ୍ରସ୍ତୁତ କରିବୁ । ଏହି ରେସିପିର ନାଁ ହେଉଛି 'ରାଜମା କଷା'। ଏହି ରେସିପିଟିକୁ ଆପଣ ଘରେ ଅତି ସହଜ ଓ ସରଳ ଭାବେ ବନେଇ ପାରିବେ । ତେବେ ଚାଲନ୍ତୁ ଜାଣିବା ଏହାକୁ କିଭଳି ପ୍ରସ୍ତୁତ କରାଯାଏ ।

*ଆବଶ୍ୟକ ସାମଗ୍ରୀ:*

ରାଜମା ୨୫୦ ଗ୍ରାମ, ପିଆଜ ୨ଟି, ଅଦା ଅଳ୍ପ, ରସୁଣ ଗୋଟେ ବୁଦା, ଟମାଟୋ ୧ଟି, ଲୁଣ, ହଳଦି, କଞ୍ଚାଲଙ୍କା, ତେଲ, ମେଥିପତ୍ର ଅଳ୍ପ, ଧନିଆ ପତ୍ର ଅଳ୍ପ।



♦ରାଜମାକୁ ୨ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ପକାନ୍ତୁ। ଟିକେ ବଢୁରିଲା ପରେ ଅଳ୍ପ ସିଝାଇ ଦିଅନ୍ତୁ।
♦ପିଆଜକୁ ଛୋଟ ଛୋଟ କରି କାଟନ୍ତୁ। ଅଦା, ରସୁଣକୁ ବାଟି ରଖନ୍ତୁ। କଡାଇ ବସାଇ ତେଲ ପକାନ୍ତୁ।
♦ତେଲ ଗରମ ହେଲେ ପିଆଜ କଟାକୁ ପକାଇ ଭାଜନ୍ତୁ।
♦ଟିକେ ଲାଲ ହେଲେ ଅଦା, ରସୁଣ ବଟା ପକାଇ ଘାଣ୍ଟନ୍ତୁ।
♦ଏହାପରେ ଲୁଣ, ହଳଦି ପକାନ୍ତୁ। ମସଲା କଷି ହେଲା ବେଳକୁ ଟମାଟୋକୁ କାଟି ମସଲା ଗୋଳାଇ ଦିଅନ୍ତୁ।
♦ଅଳ୍ପ ସମୟ ପରେ ରାଜମାକୁ ମସଲାରେ ପକାଇ ଗୋଳାଇ ଦିଅନ୍ତୁ ଏବଂ ଅଳ୍ପ ପାଣି ଦେଇ ୫ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ଦିଅନ୍ତୁ। ଯେପରି ମସଲା ରାଜମା ସାଙ୍ଗରେ ଲାଗିକି ରହେ।
♦୫ ମିନିଟ୍ ପରେ ଘୋଡଣି ବାହାର କରି କଞ୍ଚାଲଙ୍କା କାଟି ସେଥିରେ ପକାନ୍ତୁ।
♦ଏହାପରେ ମେଥିପତ୍ର ଏବଂ ଧନିଆ ପତ୍ର କାଟି ପକାନ୍ତୁ।
♦ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ 'ରାଜମା କଷା' । ଏହି ରେସିପିଟିକୁ ରୁଟି ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟିକୁ ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।

# ଓଜନ ବଢ଼ାଇବା ସହ ଚର୍ମ ସମସ୍ୟା, ଦନ୍ତ ସମସ୍ୟା ବଢ଼ାଇଥାଏ ସ୍ନାକ୍-ଫୁଡ୍



ଚକ୍‌ଲେଟ୍, ଚିପ୍‌ସ, କାଣ୍ଡିଜ୍ ଏବଂ ସମସ୍ତ ପ୍ରକାରର ମୃଦୁ ପାନୀୟର ପୁଷ୍ଟି-ଦାୟକ ମୂଲ୍ୟ କିଛି ନାହିଁ । ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ । ଏସବୁ ସ୍ନେହସାର, ଲବଣ ଶର୍କରା, ବିଭିନ୍ନ ପ୍ରକାର ରଙ୍ଗ ଏବଂ ଅନ୍ୟ କୃତ୍ରିମ ରାସାୟନିକରେର ଭରପୂର । ଏସବୁକୁ 'ସ୍ନାକ୍-ଫୁଡ୍' କୁହାଯାଏ । ଏସବୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଚର୍ମଜନିତ ସମସ୍ୟା, ଦାନ୍ତ ରୋଗ ଦେଖାଯାଏ । କର୍କଟ ଓ ହୃଦ୍‌ରୋଗର ଆଶଙ୍କା ମଧ୍ୟ ବଢ଼େ । ଛେନା, ମଞ୍ଜି, କମଳା, ଅଙ୍ଗୁରର, କିସମିସ, ଲେମ୍ବୁ-ପାଣି, ଶୁଷ୍କ ଫଳ, ନଟ୍‌ସ, ଗାଜର ଓ ସେଓ ଅଧିକ ଖାଆନ୍ତୁ । ଚକ୍‌ଲେଟ୍, ବିସ୍କିଟ୍, ଚିପ୍‌ସ, ମିଲ୍‌କ ସେକ୍, ପପ୍-କର୍ନ, ମଫିନ୍, କୋଲା ଓ ଅନ୍ୟ ସମସ୍ତ ମୃଦୁ ପାନୀୟ, ଆଇସ୍-ଲସି କ୍ରଏସାଣ୍ଟ୍, ସମସ୍ତ ପିଜା ଓ ବର୍ଗରଠାରୁ ଦୂରେଇ ରହନ୍ତୁ ।

# ଶୟନ କକ୍ଷରେ ଶାନ୍ତି ନିମନ୍ତେ ଆପଣାନ୍ତୁ ଉପାୟ

ଘରର ଏକ ପ୍ରମୁଖ ସ୍ଥାନ ଶୟନକକ୍ଷ । କାରଣ, ଏଠାରେ ସାରାଦିନର ବ୍ୟସ୍ତତା ପରେ ମଣିଷ ବିଶ୍ରାମ କରିଥାଏ । ଯେତେ ସୁନ୍ଦର କକ୍ଷ ଘର ଭିତରେ ଥିଲେ ମଧ ନିଜ ଶୟନକକ୍ଷ ଅତି ଆପଣାର ଲାଗେ । ହେଲେ ଅନେକ ଥର ଦେଖାଯାଏ, ଶୟନକକ୍ଷ ତଥା ପଲଙ୍କ ବାସ୍ତୁର ବିପରୀତ ଦିଗରେ ଥିଲେ ଏହାର ପ୍ରଭାବ ମଣିଷର କାର୍ଯ୍ୟକ୍ଷମତା ତଥା ଦାମ୍ପତ୍ୟ ଜୀବନ ଉପରେ ପଡ଼େ । ତେଣୁ ବାସ୍ତୁ ଅନୁସାରେ ଶୟନ କକ୍ଷରେ ସାମାନ୍ୟ ପରିବର୍ତ୍ତନ ଆଣିଲେ ଏହା ଜୀବ ନରେ ଶାନ୍ତି ଭରିଦେଇପାରେ । ଶୟନ କକ୍ଷରେ ଝରକା ତ ନିଶ୍ଚୟ ରହି ବା ଦରକାର । ସକାଳ ସୂର୍ଯ୍ୟକିରଣ ଶୟନକକ୍ଷରେ ପ୍ରବେଶ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେବେ ମୁଖ୍ୟଦ୍ୱାର ଦିଗକୁ ଗୋଡ଼ କରି ଶୁଅନ୍ତୁ ନାହିଁ । ପଲଙ୍କ ସମ୍ମୁଖରେ ମଧ ଦର୍ପଣ ରଖିବା ମନା । ଏହା ମନ ବିଚଳିତ କରେ । ପତି-ପତ୍ନୀଙ୍କ ପ୍ରତୀକ ଭାବେ ଦୁଇଟି ସୁନ୍ଦର ଫୁଲଦାନି ଶୟନକକ୍ଷରେ ରଖନ୍ତୁ । ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହେବ । ଯଦି ଆର୍ଥିକ ସ୍ଥିତି ଯୋଗୁ ଦାମ୍ପତ୍ୟରେ ସମସ୍ୟା ହେଉଛି ତେବେ ଏକ ସୁନ୍ଦର ପାତ୍ରରେ ଚାଉଳ ଦାନା ସହ ପବିତ୍ର କ୍ରିଷ୍ଟାଲ ରଖନ୍ତୁ । ପଲଙ୍କ ଦକ୍ଷିଣ ଦିଗକୁ ରଖନ୍ତୁ ଯେପରିକି ଶୋଇବା ସମୟରେ ମୁଣ୍ଡ ଉତ୍ତର ଦିଗକୁ ରହିବ । ଏପରି ହୋଇନପାରିଲେ ପଶ୍ଚିମ ଦିଗରେ ପଲଙ୍କ ରଖାଯାଇପାରେ ଏବଂ ଶୋଇଲା ବେଳେ ମୁଣ୍ଡ ପୂର୍ବଦିଗକୁ ରଖିବେ । ଘରର ମୁଖ୍ୟ ଶୟନ କକ୍ଷ ନୈରିତ (ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ ଭାଗରେ କାଚ କିମ୍ବା ସେରାମିକ୍ ପାତ୍ରରେ ଛୋଟଛୋଟ ପଥର ବା କ୍ରିଷ୍ଟାଲ ପକାଇ ଲାଲ ରଙ୍ଗର ଦୁଇଟି ମହମବତି ଜଳାନ୍ତୁ । ଏହା ସକାରାତ୍ମକ ଶକ୍ତି ପ୍ରବାହରେ ସହାୟକ ହେବ । ସେରାମିକ୍ ୱିଣ୍ଡ ଚାଇମ୍ସ ବି ବ୍ୟବହାର କରିପାରିବେ । ତେବେ ଶୟନକକ୍ଷରେ ଯେପରି ଅଳିଆ ଜମା



ନହୁଏ ଏବଂ କୌଣସି ଧୂଳି ଧୂସରିତ ବସ୍ତୁତ ନରହେ, ସେଥିପ୍ରତି ସତର୍କ ରହିବେ । ଝରକା ସାମ୍ନାରେ ଡ୍ରେସିଂ ଟେବୁଲ ରଖିବେନି କିମ୍ବା କୌଣସି ଫର୍ଣ୍ଣିଚର ଯେପରି ଧନୁ, ଅର୍ଦ୍ଧଚନ୍ଦ୍ର କିମ୍ବା ବୃତ୍ତାକାର ନହୁଏ- ସେଥିପ୍ରତି ଦୃଷ୍ଟି ଦେବେ । ଏପରି ହେଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଶୟନକକ୍ଷରେ ଲାଲ କିମ୍ବା ଗୋଲାପୀ ରଙ୍ଗର ବ୍ୟବହାରକୁ ଗୁରୁତ୍ୱ ଦେବେ । ସୁନ୍ଦର ପକ୍ଷୀମାନଙ୍କର ଛୋଟ ଯୋଡ଼ି ଶୟନକକ୍ଷରେ ରଖନ୍ତୁ । ଏଥିରେ ଦାମ୍ପତ୍ୟ ଜୀବନ ସୁଖଦ ରହିବ । ପାଣି ବା ଜଳପ୍ରପାତ ଥିବା ଫଟୋ ଆଦୌ ରଖନ୍ତୁ ନାହିଁ ।






# ଟଏଲେଟ୍‌ରେ ମୋବାଇଲ୍ ଫୋନ୍ ବ୍ୟବହାର କରୁଥିଲେ ସାବଧାନ ! ହୋଇପାରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା

ମୋବାଇଲ୍ ଫୋନ୍ ଆଜି ଏକ ବଡ଼ ଆବଶ୍ୟକତା ପାଲଟିଛି। କିଛି ସମୟ ପାଇଁ ମଧ ଏଥିରୁ ଦୂରେଇ ରହିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡିଛି। ସେ ଖାଇବା ବେଳେ ହେଉ କି ପଢିବା ବେଳେ ଲୋକେ ଏହାକୁ ଛାଡି ପାରୁ ନାହାନ୍ତି। ଲୋକମାନେ ପ୍ରାୟତଃ ଶୋଇବାର ଶେଷ ମିନିଟ୍ ପର୍ଯ୍ୟନ୍ତ ରିଲ୍ ସ୍କ୍ରୋଲ୍ କରନ୍ତି। ଏମିତିକି ଅନେକ ଲୋକ ଅଛନ୍ତି ଯେଉଁମାନେ ସକାଳେ ନିଜ ମୋବାଇଲ୍ ଫୋନକୁ ଟଏଲେଟ୍‌କୁ ମଧ ନେଇକି ଯାଆନ୍ତି ଆଉ ଘଣ୍ଟା ଘଣ୍ଟା ଧରି କମୋଡ୍‌ରେ ବସି ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତି। କିନ୍ତୁ ବିଶେଷଜ୍ଞଙ୍କ ଅନୁଯାୟୀ ଏହା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ତେବେ ଆସନ୍ତୁ ମୋବାଇଲ୍ ଫୋନ୍ ଟଏଲେଟ୍‌କୁ ନେବାର ପାର୍ଶ୍ୱ ପ୍ରତିକ୍ରିୟା କ'ଣ ଜାଣିବା।



**ସଂକ୍ରମଣର ଆଶଙ୍କା:**
ଟଏଲେଟ୍ ବ୍ୟବହାର କରିବା ସମୟରେ ମୋବାଇଲ୍ ବ୍ୟବହାର କରିବା ସ୍ୱାସ୍ଥ୍ୟ ସହିତ ଏକ ପ୍ରକାର ଖେଳିବା ସହିତ ସମାନ। ସାଧାରଣତଃ ଟଏଲେଟ୍‌ରେ ଅନେକ ପ୍ରକାର ଜୀବାଣୁ ଥାଆନ୍ତି। ଏପରି ପରିସ୍ଥିତିରେ, ଯେତେବେଳେ ଆପଣ ଏଠାରେ ଫୋନ୍ ବ୍ୟବହାର କରନ୍ତି, ଏହା ସହଜରେ ଫୋନ୍‌କୁ ସ୍ଥାନାନ୍ତରିତ ହୁଅନ୍ତି ଏବଂ ପରେ ଆପଣ ବିଭିନ୍ନ ପ୍ରକାର ସଂକ୍ରମଣର ଶିକାର ହୋଇପାରନ୍ତି।

**ଆଣ୍ଠୁଗଣ୍ଠି ଯନ୍ତ୍ରଣା:**
ଯେଉଁମାନେ ଟଏଲେଟ୍‌କୁ ନେଇ ଯାଆନ୍ତି, ମୋବାଇଲ୍ ଫୋନ୍ ନେଇ ଯାଆନ୍ତି ସେମାନେ ପ୍ରାୟତଃ ଏଠାରେ ଘଣ୍ଟା ଘଣ୍ଟା ଧରି ବସି ରୁହନ୍ତି, ଯାହା ଠିକ୍ ନୁହେଁ। ଟଏଲେଟ୍‌ରେ ଦୀର୍ଘ ସମୟ ଧରି ବସିବା ଦ୍ୱାରା ମାଂସପେଶୀରେ କଠିନତା ସୃଷ୍ଟି ହୁଏ ଏବଂ ଆଣ୍ଠୁରେ ଯନ୍ତ୍ରଣା ଆରମ୍ଭ ହୁଏ।

**ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ:**
ଏକ ଅଧ୍ୟୟନରୁ ଜଣାପଡିଛି ଯେ ଟଏଲେଟ୍‌ରେ ଫୋନ୍ ବ୍ୟବହାର କରିବା ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଉପରେ ମଧ ଖରାପ ପ୍ରଭାବ ପକାଇଥାଏ। କାରଣ ଆପଣ ଏଠାରେ ବସି ଯେଉଁ ସମୟ ନିଜ ପାଇଁ ଚିନ୍ତା-ବିଚାର ପାଇଁ ଦେଇଥାନ୍ତେ, ତାହା କେବଳ ଫୋନରେ ରହି ନଷ୍ଟ ହୋଇଯାଏ। ତେଣୁ, ଏହି ଅଭ୍ୟାସ ଆପଣଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ ପ୍ରଭାବ ପକାଇଥାଏ।

**ପାଇଲ୍ସ ଆଶଙ୍କା:**
ଏହି ଅଭ୍ୟାସ କାରଣରୁ ଆପଣ ମଧ କୋଷ୍ଠକାଠିନ୍ୟର ଶିକାର ହୋଇପାରିବେ। ଦୀର୍ଘ ସମୟ ଧରି ଗୋଟିଏ ଅବସ୍ଥାରେ ବସିବା ଦ୍ୱାରା ଶରୀର ଏଥିରେ ଅଭ୍ୟସ୍ତ ହୋଇଯାଏ। ଏହା ବ୍ୟତୀତ ଟଏଲେଟ୍‌ରେ ଅଧିକ ସମୟ ଧରି ବସି ରହିଲେ ଏହା ଆପଣଙ୍କ ମଳାଶୟ ଉପରେ ଅନାବଶ୍ୟକ ଚାପ ପକାଇଥାଏ ଏବଂ ଏହା ପରେ ପାଇଲ୍ସ ଭଳି ସମସ୍ୟା ହୋଇପାରେ।

# ଦିନସାରା ଭୋକ ଲାଗୁନି କି... କରନ୍ତୁ ଏହି ୪ ସହଜ ଆସନ


ଭୋକର ଅଭାବ ଶରୀରରେ ପୋଷକ ତତ୍ତ୍ୱର ଅଭାବର କାରଣ ହୋଇପାରେ। ଏହିପରି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆପଣ ଯୋଗ ଅଭ୍ୟାସ କରିପାରିବେ। ଯୋଗ ଭୋକ ବଢାଇବାରେ ସହାୟକ ହୋଇଥାଏ। ଏହା ଦ୍ୱାରା ଜଣେ ସୁସ୍ଥ ସୁନ୍ଦର ଜୀବନ ଜୀଇପାରେ। ଭୋକ ନ ଲାଗିବା ଏବଂ ଦିନସାରା ନ ଖାଇ ରହିବା ଏକ ସାଧାରଣ ସମସ୍ୟା ଯାହା ଯେକୌଣସି ବୟସରେ କାହା ସହିତ ବି ହୋଇପାରେ। ତେବେ ଏହା ପଛରେ ମଧ କିଛି ଗୁରୁତ୍ୱପୂର୍ଣ୍ଣ କାରଣ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ଥାଇପାରେ। ମଧୁମେହ, ଥାଇରଏଡ୍, କର୍କଟ କିମ୍ବା ଅନ୍ୟାନ୍ୟ ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟା ହେତୁ ମଧ ଭୋକ କମିଯାଏ। ମାନସିକ ଚାପ ଏବଂ ଚିନ୍ତା ମଧ ଭୋକ ଲାଗିବାର ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ଅନିୟମିତ ଏବଂ ଅସମ୍ପୂର୍ଣ୍ଣ ଖାଦ୍ୟ, ବ୍ୟସ୍ତବହୁଳ ଜୀବନଶୈଳୀ, ଔଷଧ ଖାଇବା, ମାସିକ ଋତୁସ୍ରାବ ଇତ୍ୟାଦି ଅନେକ କାରଣରୁ ଭୋକ କମିପାରେ। ଭୋକର ଅଭାବ ମଧ ଶରୀରରେ ପୋଷକ ତତ୍ତ୍ୱର ଅଭାବର କାରଣ ହୋଇପାରେ। ଏହି କାରଣରୁ, ଓଜନ ହ୍ରାସ ହୁଏ, ଦୁର୍ବଳତା ଆସିପାରେ ଏବଂ ଦୀର୍ଘ ସମୟ ଧରି ଖାଲି ପେଟରେ ରହୁଥିବା ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟାଧି ସାମ୍ନା କରିବାକୁ ପଡିପାରେ। ଏହିପରି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆପଣ ଯୋଗ ଅଭ୍ୟାସ କରିପାରିବେ। ଯୋଗ ଭୋକ ବଢାଇବାରେ ସହାୟକ ହୋଇଥାଏ। ଏହା ଦ୍ୱାରା ଜଣେ ସୁସ୍ଥ ସୁନ୍ଦର ଜୀବନ ଜୀଇପାରେ। ପବନମୁକ୍ତାସନ: ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବା ପାଇଁ ପବନମୁକ୍ତାସନ ଏକ ବହୁତ ଭଲ ଆସନ।

କିପରି ଅଭ୍ୟାସ କରିବେ:
- ପ୍ରଥମେ ମ୍ୟାଟ୍ ଉପରେ ପିଠି ପଟିଆ ଶୋଇପଡନ୍ତୁ
- ଆଣ୍ଠୁକୁ ଭାଙ୍ଗି ଦୁଇ ଗୋଡକୁ ପେଟଆଡକୁ ଆଣନ୍ତୁ
- ଦୁଇ ପାପୁଲିକୁ ଛନ୍ଦି ଆଣ୍ଠୁ ଉପରେ ରଖନ୍ତୁ
- ଶ୍ୱାସ ଛାଡନ୍ତି ଆଉ ମୁଣ୍ଡ ଉଠାନ୍ତୁ
- ଆଣ୍ଠୁକୁ ଭିଡି ନାକରେ ଛୁଇଁବାକୁ ଚେଷ୍ଟା କରନ୍ତୁ
- କିଛି ସମୟ ରଖିବା ପରେ ମୂଳ ଅବସ୍ଥାକୁ ଆସନ୍ତୁ




ଧନୁରାସନ: ଓଜନ ହ୍ରାସ କରିବା ସହିତ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ଏବଂ ଭୋକ ନ ଲାଗିବାର ସମସ୍ୟାକୁ ଦୂର କରିବା ପାଇଁ ଧନୁରାସନକୁ ବହୁତ ଭଲ ଆସନ ଭାବେ ବିବେଚନା କରାଯାଏ।

କିପରି ଅଭ୍ୟାସ କରିବେ:
- ପ୍ରଥମେ ମ୍ୟାଟ୍ ଉପରେ ପେଟ ମାଡି ଶୋଇପଡନ୍ତୁ
- ଦୁଇ ଗୋଡ ମଧରେ ଦୂରତା ରଖନ୍ତୁ
- ଆଣ୍ଠୁକୁ ଭାଙ୍ଗି ଗୋଡ ଉପରକୁ ଆଣନ୍ତୁ
- ଦୁଇ ହାତରେ ବଳାଗଣ୍ଠିକୁ ଧରନ୍ତୁ
- ଛାତି ଏବଂ ଗୋଡକୁ ଉପରକୁ ଉଠାନ୍ତୁ
- ବାହୁ ଏବଂ ଜଙ୍ଘରେ ପଡୁଥିବା ପ୍ରଭାବକୁ ଅନୁଭବ କରନ୍ତୁ
- ଏହି ଅବସ୍ଥାରେ କିଛି ସମୟ ରହିବା ପରେ, ଧୀରେ ଧୀରେ ପ୍ରାରମ୍ଭିକ ସ୍ଥିତିକୁ ଆସନ୍ତୁ




ବଜ୍ରାସନ: ବଜ୍ରାସନ ଅଭ୍ୟାସ କରିବା ଦ୍ୱାରା ଭୋକ ବଢିଥାଏ। ଆପଣ ଏହି ଆସନକୁ ଯେକୌସି ସମୟରେ ଏବଂ ଯେକୌଣସି ସ୍ଥାନରେ କରିପାରିବେ।

କିପରି ଅଭ୍ୟାସ କରିବେ:
- ପ୍ରଥମେ ମ୍ୟାଟ୍ ଉପରେ ଆଣ୍ଠୁରେ ବସନ୍ତୁ
- ପାଦ ମଝିଅରେ ଫାଙ୍କ ନ ରହିବା ଉଚିତ, ଦୁଇ ପାଦର ଆଙ୍ଗୁଠି ମିଶେଇ ରଖନ୍ତୁ
- ପିଚାକୁ ଗୋଇଠି ଉପରେ ରଖନ୍ତୁ
- ଅଣ୍ଟାକୁ ସିଧା ରଖନ୍ତୁ ଏବଂ ପାପୁଲିକୁ ଆଣ୍ଠୁ ଉପରେ ରଖନ୍ତୁ
- ଉଭୟ ଆଣ୍ଠୁ ପରସ୍ପରକୁ ଲାଗିବା ଉଚିତ
- କିଛି ସମୟ ଏହିପରି ବସି ସାଧାରଣ ଭାବରେ ଶ୍ୱାସ ନେବାରେ ଧ୍ୟାନ ଦିଅନ୍ତୁ
- କିଛି ସମୟ ପରେ ସାଧାରଣ ସ୍ଥିତିକୁ ଆସନ୍ତୁ



ଭୁଜଙ୍ଗାସନ: ଭୋକ ନ ଲାଗିବାର ଗୋଟିଏ କାରଣ ହୋଇପାରେ ପେଟରେ ଗଡବଡ। ଭୁଜଙ୍ଗାସନ ଅଭ୍ୟାସ କରିବା ଦ୍ୱାରା ଭୋକ ନ ହେବାର ସମସ୍ୟାର ସମାଧାନ ହୋଇପାରେ ଏବଂ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ଲାଭଦାୟକ ହୋଇଥାଏ।

କିପରି ଅଭ୍ୟାସ କରିବେ:
- ପ୍ରଥମେ ମ୍ୟାଟ୍ ଉପରେ ପେଟ ମାଡି ଶୋଇପଡନ୍ତୁ
- ଦୁଇ ହାତକୁ କାନ୍ଧର ଦୁଇ ପାର୍ଶ୍ୱରେ ରଖନ୍ତୁ
- ଗୋଡ ମଧରେ ଦୂରତା ରଖନ୍ତୁ
- ବର୍ତ୍ତମାନ ଉଭୟ ହାତ ଉପରେ ଚାପ ଦେଇ ଶରୀରର ଆଗ ଭାଗକୁ ଉଠାନ୍ତୁ
- ଏହି ଅବସ୍ଥାରେ ଆକାଶ ଆଡକୁ ଚାହିଁ ସାଧାରଣ ଶ୍ୱାସକ୍ରିୟା କରନ୍ତୁ
- ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ
- ତାପରେ ଧୀରେ ଧୀରେ ଆରମ୍ଭ ସ୍ଥିତିକୁ ଆସନ୍ତୁ



## ଅମୃତ ବଚନ


ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜାତି ଜନଗଣନାର ବିଜୟ...

ଗତ ଦଶନ୍ଧିରେ ରାଜନୀତି ଯାହା ଥିଲା, ତାହା ଏବେ ହଠାତ୍ ବଦଳିବାକୁ ଆରମ୍ଭ କରିଛି- ବିଜେପି ଯେଉଁ ଜାତି ଜନଗଣନାକୁ ବିରୋଧ କରୁଥିଲା, ତାକୁ ଏବେ ସାଦରେ ଗ୍ରହଣ କରି ନେଇଛି ; ପ୍ରକାଶ କରିଛି, ଯେତେବେଳେ ଦେଶର ଜନସଂଖ୍ୟା ଜାଣିବା ନିମନ୍ତେ ଜନଗଣନା କାର୍ଯ୍ୟ ହେବ, ସେତେବେଳେ ତା' ସହିତ ଜାତିଗତ ଜନଗଣନା ମଧ୍ୟ କରାଯିବ। ଅର୍ଥାତ୍ ବିଜେପି ଏବେ ତା'ର କଥାରେ ଏକ ୟୁ-ଟର୍ଯ୍ୟ ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି, ଯେତେବେଳେ କି ଗତ ଦଶନ୍ଧିରେ ଏହି ଜାତିଗତ ଜନଗଣନା ଏବଂ ଏଥି ସହିତ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗଗୁଡ଼ିକୁ ନେଇ ବିରୋଧୀ ଦଳମାନେ ଦାବି କରୁଥିବା ବେଳେ ଏହା ତା'ର ବିରୋଧ କରୁଥିଲା । ବେଶ୍ କିଛି ବର୍ଷ ହେବ ବିରୋଧୀ ଦଳମାନେ, ବିଶେଷକରି ଯେଉଁ ଦଳଗୁଡ଼ିକ ଇଣ୍ଡିଆ ମେଣ୍ଟରେ ରହିଛନ୍ତି, ସେମାନେ ଏହା ଦାବି କରି ଆସୁଛନ୍ତି । ଏବେ ବିଜେପି ତାଙ୍କ ଆଖି ସହିତ ଆଖି ମିଳଇ ଏହା କରିବାକୁ ଆଗେଇ ଆସିବା ଦେଶର ଇତିହାସରେ ରହିଥିବା ସେହିସବୁ ଅବସରଗୁଡ଼ିକ ମଧ୍ୟରୁ ଗୋଟିଏ, ଯେତେବେଳେ କି ଏକ ଘରୋଇ ନୀତିଗତ ପ୍ରସଙ୍ଗ ଉପରେ ଶାସକ ଦଳ ଏବଂ ବିରୋଧୀ ଦଳଙ୍କ ମତ ସମାନ ରହିଛି। ୨୦୨୪ ଲୋକସଭା ନିର୍ବାଚନ ପାଇଁ ସେମାନଙ୍କ କାର୍ଯ୍ୟସୂଚୀରେ କଂଗ୍ରେସ ଏବଂ ଅନ୍ୟ ରାଜନୀତିକ ଦଳମାନେ ଜାତି ଆଧାରରେ ଜନଗଣନାକ ପ୍ରସଙ୍ଗକୁ ଏକ ପ୍ରମୁଖ କାର୍ଯ୍ୟ ଭାବରେ ଉତ୍ଥାପନ କରିବା ବେଳେ ଏନ୍‌ଡିଏ ନେତୃବୃନ୍ଦ, ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଦୃଢ଼ ଭାବରେ ବିରୋଧ କରିଥିଲେ । ବିରୋଧୀମାନଙ୍କ ପ୍ରସ୍ତାବ ସପକ୍ଷରେ ସେତେବେଳେ କୌଣସି ବଳିଷ୍ଠ ଓ କାର୍ଯ୍ୟକ୍ଷମ ପ୍ରସ୍ତାବ ନଥିଲା, କିନ୍ତୁ ତଥାପି ସମ୍ପର୍କର ପୁନର୍ବଣ୍ଟନ ସମ୍ପର୍କରେ ଆଲୋଚନା କରାଯିବା, ଯାହାକି ଜାତିଗତ ଜନଗଣନା ପରେ ଆଦର୍ଶଗତ ଭାବରେ ଅନୁସୃତ ହେବା କଥା, ତାହା ବ୍ୟଙ୍ଗାତ୍ମକ ପ୍ରତିକ୍ରିୟା ଜାଗ୍ରତ କରାଇ ଥିଲା, ଯାହା ଏତେ କୁତ୍ସିତ ସାମ୍ପ୍ରଦାୟିକ ମୋଡ଼ ନେଇଥିଲା ଯେ ଦେଶ ତାହା ଆଗରୁ କେବେ ପ୍ରତ୍ୟକ୍ଷ କରି ନଥିଲା । ତେଣୁ ବର୍ତ୍ତମାନ ସୁଦ୍ଧା ଦୃଢ଼ ଭାବରେ ବିରୋଧ କରି ଆସୁଥିବା ଏକ ଧାରଣାକୁ ଏହା କାହିଁକି ହଠାତ୍ ଗ୍ରହଣ କରି ନେବାକୁ ରାଜି ହେଲା, ତାହା କେବଳ ଗୈରିକ ଦଳ ହିଁ ସ୍ପଷ୍ଟ ଭାବରେ ବୁଝାଇ ଦେଇ ପାରିବ । ଜାତିଗତ ଜନଗଣନା ଦେଶର ବିଭିନ୍ନ ଶ୍ରେଣୀ ଏବଂ ଜାତିର ଲୋକମାନଙ୍କ ମଧ୍ୟରେ ସମ୍ପଦର ଆବଣ୍ଟନ ଉପରେ ସବିଶେଷ ତଥ୍ୟ ସହିତ ପ୍ରକାଶିତ ହେବାର ଆବଶ୍ୟକତା ରହିଛି। କେତେକ ରାଜ୍ୟ ଏଭଳି ତଥ୍ୟ ଜାଣିବା ନିମନ୍ତେ ସର୍ଭେମାନ ଅନୁଷ୍ଠିତ କରାଇ ସାରିଛନ୍ତି, ଯେଉଁଗୁଡ଼ିକ ବ୍ୟାପକ ଭାବରେ ସମାନ ବିଷୟବସ୍ତୁଗୁଡ଼ିକୁ ପରିସରଭୁକ୍ତ କରି ସାରିଛି ଏବଂ ସେସବୁ ଅସ୍ଥିର ନିଷ୍କର୍ଷ ସହିତ ସମ୍ନାକୁ ଆସିଛି । ଏକ ଜାତୀୟ ସ୍ତରର ସର୍ଭେ ଆମ ସମାଜରେ ରହିଥିବା ଏକ ବିରାଟ ଧରଣର ଅସମଞ୍ଜସତା ଏବଂ ଅସମାନତାକୁ ପଦାକୁ ଆଣିବାର ସମସ୍ତ ସମ୍ଭାବନା ରହିଛି । ଦେଶର ସମ୍ବିଧାନ ନିଷ୍ପକ୍ଷତା ଏବଂ ନିରପେକ୍ଷତା ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଥିବା ବେଳେ ଏହିସବୁ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଅନେକ ସଂଖ୍ୟକ ସକ୍ରିୟ ପଦକ୍ଷେପ ନେବାର ସୁଯୋଗ ପ୍ରଦାନ କରିଛି। ଏହାର ଉଦ୍ଦେଶ୍ୟ ବେଶ୍ ସ୍ପଷ୍ଟ; ବିଗତ ୭୫ ବର୍ଷ ମଧ୍ୟରେ ଆମେ ସେହିସବୁ ସୁଯୋଗକୁ ସାକାର ରୂପ ଦେଇ ପାରିଛୁ କି ନାହିଁ ଏବଂ ସମ୍ବିଧାନ ପ୍ରଣେତାମାନେ ଯେଉଁ ଲକ୍ଷ୍ୟ ନେଇ ଏହା କରିଥିଲେ, ସେସବୁ ପୂରଣ କରିବାରେ କେତେ ସଫଳ ହୋଇଛୁ, ତାହା ଏକ ଭିନ୍ନ ପ୍ରଶ୍ନ। ଆର୍ଥିକ ଏବଂ ଅର୍ଥନୀତିକ ନିଷ୍ପକ୍ଷତା ହେଉଛି ଏକ ବିଷୟବସ୍ତୁ, ଯାହା ଉପରେ ଦେଶର ସମ୍ବିଧାନ ଊଣା ଅଧିକେ ନିରବ। ଏକ ଜାତିଗତ ସର୍ଭେ ଏବଂ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ କରାଯିବା ସେହିସବୁ ପ୍ରସଙ୍ଗର ସମାଧାନ କରିପାରେ । ସମାଜରେ ସମାନତା ଆଣିବା ଉଦ୍ଦେଶ୍ୟରେ ସମ୍ବିଧାନ ଯେଉଁସବୁ ପ୍ରସ୍ତାବ ସପକ୍ଷରେ ଉଲ୍ଲେଖ କରିଛି, ତାକୁ କାର୍ଯ୍ୟକ୍ଷେତ୍ରରେ ପରିଣତ କରିବା ନିମନ୍ତେ ଏକାଠି ମିଳିମିଶି ଏକ ବଳିଷ୍ଠ ନକ୍ସା ପ୍ରସ୍ତୁତ କରି ତାହାର ଅନୁସରଣ କଲେ ପ୍ରଧାନମନ୍ତ୍ରୀ ପ୍ରାୟତଃ ୨୦୪୭ ସୁଦ୍ଧା ଭାରତକୁ ଏକ ପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଣତ କରିବା ସମ୍ପର୍କରେ ଯେଉଁ ବାରମ୍ବାର କହୁଛନ୍ତି, ସେହି ସ୍ୱପ୍ନ ଅବଶ୍ୟ ସାକାର ହୋଇ ପାରିବ । ତେବେ ଏହି ସର୍ଭେ ଏକ ଦୁଇ ଧାରବିଶିଷ୍ଟ ଖଣ୍ଡା ହୋଇପାରେ । ଏହା ଥିଲାବାଲା ଓ ନଥିଲାବାଲାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷର ବୀଜ ବପନ କରିପାରେ ଏବଂ ଗଣଆନ୍ଦୋଳନ ଦିଗରେ ପଥ କଢ଼ାଇ ନେଇପାରେ। କିନ୍ତୁ ଯେହେତୁ ଏହି ପ୍ରଶ୍ନ ଉଠିଥିବା ପୃଷ୍ଠାରେ ସମ୍ପ୍ରତି ଦେଶର ପ୍ରାୟ ସମସ୍ତ ରାଜନୀତିକ ଦଳ ଏକାଠି ଅଟକି ରହିଛନ୍ତି ଏବଂ ଏହାର ଉତ୍ତର ଖୋଜିବାକୁ ଆଗେଇ ଆସିଛନ୍ତି, ତେଣୁ ସେମାନେ ଏକାଠି ବସି ଜାତିଗତ ଜନଗଣନାର ସମ୍ଭାବ୍ୟ ନିଷ୍କର୍ଷ ବାବଦରେ ମାନସମନ୍ଥନ କରିବା ସହିତ ତାକୁ କିପରି ଏବଂ କେଉଁ ମାଧ୍ୟମରେ ପରିଚାଳନା କରିହେବ, ସେ ସମ୍ପର୍କରେ ଚିନ୍ତା କରିବା ଉଚିତ। ଏପରି ହେଲେ ଦେଶର ସବୁ ନାଗରିକ ବିଜେତା ହୋଇ ପାରିବେ : କେହି ହାରିଯିବେ ନାହିଁ କି କେହି ଅଶାନ୍ତି ଅସନ୍ତୋଷରେ ଜଳିବେ ନାହିଁ । ଏକ ଜାତିଗତ ଜନଗଣନା ସାମାଜିକ ବିଭାଜନକୁ ଅଧିକ ବୃଦ୍ଧି କରିବା ଅନୁଚିତ, ବରଂ ଏହା କେବଳ ସକାରାତ୍ମକ କାର୍ଯ୍ୟର ଲକ୍ଷ୍ୟଭୁକ୍ତ ଲାଭକୁ ହାସଲ କରିବା ନିମନ୍ତେ ବ୍ୟବହାର କରାଯିବା ଉଚିତ ।

# ଶ୍ରମ ଶକ୍ତି ଓ ଶ୍ରେଣୀ ସଂଘର୍ଷର ଅନନ୍ୟ ନାୟକ : କାର୍ଲ ମାର୍କସ୍

ଡ଼ଃ. ଅରୁନ୍ଧତୀ ଦେବୀ



ସମଗ୍ର ପୃଥିବୀରେ ଶ୍ରମ ଶକ୍ତି ଓ ଶ୍ରେଣୀ ସଂଘର୍ଷର ଅନନ୍ୟ ନାୟକ ଥିଲେ ସେ, ତାଙ୍କ ଲେଖନୀ ଓ ଚିନ୍ତନ ସବୁବେଳେ ଅବହେଳିତ ଓ ଶୋଷିତ ଶ୍ରେଣୀ ସଂଗ୍ରାମ ପାଇଁ ଉତ୍ସର୍ଗ ଥିଲା। ନିଜ ଜୀବନକୁ ଏହି ମେହେନତିଙ୍କ ସୁଖଦୁଃଖରେ ସାମିଲ ହେବା ପାଇଁ ତିଳ ତିଳ ଉତ୍ସର୍ଗ କରିଥିବା ଅଦିତ୍ୟ ମହାନାୟକ ହେଉଛନ୍ତି କାର୍ଲ ମାର୍କସ। କାର୍ଲ ହେନ୍‌ରିଖ ମାର୍କସ୍ ଜର୍ମାନ ଦାର୍ଶନିକ, ଅର୍ଥଶାସ୍ତ୍ରୀ ଏବଂ ବୈଜ୍ଞାନିକ ସମାଜବାଦର ପ୍ରଣେତା ଥିଲେ । ତାଙ୍କ ଦର୍ଶନ ଆଜି ବି ମାର୍କସ୍‌ବାଦ ରୂପରେ ଆମ ସମାଜରେ ବଞ୍ଚି ରହିଛି । ମାର୍କସ୍‌ବାଦ ଏଭଳି ଏକ ବିଜ୍ଞାନ ଥିବା ଯାହା ତତ୍‌କାଳୀନ ସମୟର ଘଟଣାଗୁଡ଼ିକୁ ବିଶ୍ଲେଷଣ କରି ଶ୍ରମିକ ଶ୍ରେଣୀ ଏବଂ ସାମ୍ୟବାଦ କାର୍ଯ୍ୟକଳାପକୁ ମାର୍ଗଦର୍ଶନ କରି ଆସିଥିଲା । ମାତ୍ର ୧୭ ବର୍ଷ ବୟସରେ ବନ୍ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ଲାଭ କରିବା ଲାଗି ଭର୍ତ୍ତି ହୋଇଥିବା କାର୍ଲ ମାର୍କସ୍ ପରେ ବର୍ଲିନ ଓ ଜେନ୍ ବିଶ୍ୱ ବିଦ୍ୟାଳୟରୁ ସାହିତ୍ୟ, ଇତିହାସ ଏବଂ ଦର୍ଶନରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ମାର୍କସ୍ ୧୮୪୮ରେ ଫ୍ରେଡ଼ରିକ୍ ଆଙ୍ଗଲସ୍‌ଙ୍କ ସହ ମିଶି କମ୍ୟୁନିଷ୍ଟ ମେନିଫେଷ୍ଟୋ ଲେଖିଥିଲେ । ଏହାକୁ ଶ୍ରମିକ ବର୍ଗଙ୍କ ନିମନ୍ତେ ସର୍ବପ୍ରଥମ ରାଜନୈତିକ ଘୋଷଣାପତ୍ର କୁହାଯାଇଥାଏ। ତାଙ୍କ ଦର୍ଶନ ଅବହେଳିତ ଶ୍ରମଜୀବୀଙ୍କ ଅଧିକାରକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ଏକତ୍ର ହେବା ଲାଗି ପ୍ରେରଣା ଯୋଗାଇଥିଲା । ପୁଞ୍ଜିପତିଙ୍କ ଦ୍ୱାରା ଶ୍ରମିକଙ୍କ ଶୋଷଣକୁ ସେ ବିରୋଧ କରୁଥିଲେ । ଉତ୍ପାଦନ ଏବଂ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଶ୍ରମିକଙ୍କ ଗୁରୁତ୍ୱ ରହିଛି ଏହି ଧାରଣା କାର୍ଲମାର୍କସ୍ ସୃଷ୍ଟି କରିପାରିଥିଲେ।

ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେବା ଯୋଗୁଁ ତାଙ୍କୁ ୧୮୪୫ରେ ଜର୍ମାନୀରୁ ବହିଷ୍କାର କରି ଦିଆଯାଇଥିଲା । ସେଠାରୁ ସେ ପ୍ୟାରିସ୍ ଚାଲିଯାଇଥିଲେ । ପରେ ବ୍ରୁସେଲସ୍ ଯାଇ କମ୍ୟୁନିଷ୍ଟ ଲିଗ୍ ଗଠନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜର୍ମାନୀର ସମାଜବାଦୀ ବିପ୍ଳବକୁ ସହାୟତା ଯୋଗାଇ ଦେଇଥିବାରୁ ସେଠାରୁ ମଧ୍ୟ ତାଙ୍କୁ ବହିଷ୍କାର କରି ଦିଆଯାଇଥିଲା । ଏହାପରେ ସେ ଲଣ୍ଡନ ଚାଲିଯାଇ ଜୀବନର ଶେଷ ପର୍ଯ୍ୟନ୍ତ ସେଠାରେ ରହିଥିଲେ । ସାରା ଦୁନିଆର ଦର୍ଶନ, ଇତିହାସ ଓ ନିଜ ଅନୁଭବକୁ ପାଥେୟ କରି କାର୍ଲମାର୍କସ ସମାଜର ଶ୍ରମିକବର୍ଗ ଓ ଶ୍ରମଜୀବୀଙ୍କୁ ମାର୍କସବାଦ୍‌ଙ୍କ ରୂପରେ ଏକ ଅମୋଘ ଅସ୍ତ୍ର ପ୍ରଦାନ କରିଥିଲେ । ତାଙ୍କ ଦର୍ଶନକୁ ତତ୍‌କାଳୀନ ସମୟରେ ବିରୋଧ କରାଯାଇଥିଲେ ମଧ୍ୟ ରୁଷ ଭଳି ରାଷ୍ଟ୍ର ଏବେ କାର୍ଲମାର୍କସ୍‌ଙ୍କ ଦର୍ଶନ ଆଧାରରେ ଚାଲି ଆସିଛି । କେବଳ ରୁଷ ନୁହେଁ ବିଶ୍ୱର ଅଧିକାଂଶ ରାଷ୍ଟ୍ର ମାର୍କସ ସମାଜବାଦୀ ନୀତିକୁ ଗ୍ରହଣ କରିଛନ୍ତି । ଏଠାରେ ଆମେ ବିଜ୍ଞ ପାଠକମାନଙ୍କୁ ସୂଚୀତ କରୁଛୁ ଯେ ସମଗ୍ର ପୃଥିବୀର ବିଭିନ୍ନ ଭାଷାରେ ଅନୁବାଦ ହୋଇ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିବା ସହ ଅସଂଖ୍ୟ ପାଠକୀୟ ସ୍ୱୀକୃତି ପାଇଛି କାର୍ଲ ମାର୍କସଙ୍କ ପୁସ୍ତକ। ପୃଥିବୀର ସବୁଠାରୁ ବେଶି ବିକ୍ରି ହେଉଥିବା ପୁସ୍ତକ ଭାବେ ତାଙ୍କର ସୃଜନ ସାହିତ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି। ଏଯାବତ୍ ଭାରତ ଓ ପୃଥିବୀର ବିଭିନ୍ନ ପାଠ୍ୟ ଶ୍ରେଣୀ କ୍ରମରେ କାର୍ଲ ମାର୍କସଙ୍କ ପୁସ୍ତକ ଓ ତାଙ୍କ ସମ୍ଭାଷଣ ସ୍ଥାନିତ ହୋଇଛି। ଅସଂଖ୍ୟ ଗବେଷକ ମଧ୍ୟ ତାଙ୍କ ଲେଖନୀ ଉପରେ ବର୍ଷ ବର୍ଷ ଧରି ଅନୁସନ୍ଧାନ ସାପେକ୍ଷ ଗବେଷଣା ଜାରି ରଖିଛନ୍ତି। ନିଜର ଶେଷ ଜୀବନକୁ ସେ ବସ୍ତୀ ଅଞ୍ଚଳର ପିଲା ଓ ଅବହେଳିତ ଶ୍ରମିକ ଶ୍ରେଣୀ ସମାଜ ପାଇଁ ନିଜ ଜୀବନ ସହ ସମସ୍ତ ରୋଜଗାର ବ୍ୟୟିତ କରିଥିଲେ। ଏହି ମହାନ ଦାର୍ଶନିକ ଜର୍ମାନୀର ପ୍ରୁସିଆ ଅନ୍ତର୍ଗତ ଟ୍ରିଅର୍ ଠାରେ ମଇ ୫ ତାରିଖ ୧୮୧୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ: ୯୯୩୭୧୭୨୮୧୦

# ତୋହରି ମନ ତୋର ଗୁରୁ, ଉଦ୍ଧବ କେତେ ହେଁ ପଚାରୁ ?

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଗୁରୁଙ୍କ ସାନ୍ନିଧ୍ୟ ପାଇ ଭକ୍ତର ଭାବ ତିନୋଟି ସ୍ତର ଦେଇ ବିକାଶ ଲାଭ କରେ। ପ୍ରଥମ ସ୍ତରରେ ଭକ୍ତ କିପରି ଅନୁଭବ କରେ ? ଉତ୍ତର - ପ୍ରଥମେ ଭକ୍ତଙ୍କୁ ଲାଗେ ଯେପରି ଗୁରୁ ହେଉଛନ୍ତି କଳ୍ପତରୁ ସଦୃଶ। ଜ୍ଞାନରୂପକ ଫଳ-ପୁଷ୍ପ ସହ ସେ କୃପାଛାୟା ପ୍ରଦାନ କରିବେ। ଏହି ପ୍ରଥମ ମିଳନ ସମୟରେ ଭକ୍ତ ଗୁରୁଙ୍କ ଦିବ୍ୟ ଗୁଣ ଜାଣି ନପାରି ତାଙ୍କୁ ସାଧୁ ରୂପେ ଗ୍ରହଣ କରିଥାଏ। ଭକ୍ତ ମାୟାଜାଲାରେ ଏପରି ପଡ଼ିଥାଏ ଯେ ତାକୁ ଗୁରୁଙ୍କ ସ୍ୱରୂପ ଜାଣିବା ପାଇଁ ଗୁରୁଙ୍କ କୃପା ଦରକାର ହୁଏ। ଗୁରୁଙ୍କ ଉପରେ ଶ୍ରଦ୍ଧା ଓ ବିଶ୍ୱାସ ରଖିଲେ ମାୟାରୁ ମୁକ୍ତ ହୋଇ ଜ୍ଞାନ ମାର୍ଗରେ ଅଗ୍ରସର ହୁଏ। ଦ୍ୱିତୀୟ ସ୍ତରର ଅନୁଭବ କିପରି ? - ଭକ୍ତର ଭକ୍ତି ଦୃଢ଼ ହେଲେ ତା ସହ ଗୁରୁଙ୍କର ନିବିଡ଼ ସମ୍ବନ୍ଧ ହୁଏ। ସେ ଏହି ଦ୍ୱିତୀୟ ସ୍ତରରେ ଦିବ୍ୟତା ବିଷୟରେ ଜାଣିପାରେ। ସେ ଭଗବାନଙ୍କ ସହ ଗୁରୁଙ୍କ ତୁଳନା କରେ। ସେ ଭାବେ ଗୁରୁ ଭଗବାନଙ୍କ ପରି ହେଲେ ମଧ୍ୟ ସ୍ୱୟଂ ଭଗବାନ ନୁହଁନ୍ତି; କିନ୍ତୁ ଧର୍ମ ଶିକ୍ଷା ପାଇଁ ଗୁରୁ ହେଉଛନ୍ତି ଶ୍ରେଷ୍ଠ ମାଧ୍ୟମ। ଏହି ସ୍ତରରେ ମଧ୍ୟ ଭକ୍ତ ସଂପୂର୍ଣ୍ଣ ମାୟାମୁକ୍ତ ହୋଇ ନଥାଏ। ଏହିପରି ଭାବନା ରଖି ଭକ୍ତ ଦ୍ୱିତୀୟ ସ୍ତରରେ ପ୍ରଗତି କରେ। ତୃତୀୟ ସ୍ତରରେ କି ଅନୁଭୂତି ପ୍ରାପ୍ତ ହୁଏ ? - ଗୁରୁ ଓ ଭଗବାନ ଅଭିନ୍ନ ନୁହଁନ୍ତି, ଏକ - ଏହି ଭାବନା ଆସିଲେ ଭକ୍ତ ଗୁରୁଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବରେ ନିଜକୁ ସମର୍ପଣ କରେ ଓ ଆଧ୍ୟାତ୍ମିକତାର ଶେଷ ସ୍ତରରେ ଉପନୀତ ହୁଏ। ଏହି ସ୍ତରରେ ଗୁରୁ ଓ ଭକ୍ତଙ୍କ ମଧ୍ୟରେ ତାଦାତ୍ମ୍ୟ ଭାବ ସୃଷ୍ଟି ହୁଏ। ଗୁରୁକୃପା ପ୍ରାପ୍ତ ହେଲେ ଭକ୍ତ ଶୁଦ୍ଧପୂତ ହୁଏ। କାହାକୁ କିଛି ନମାଗି ଗୁରୁଙ୍କ ଦ୍ୱାରରେ ପଡ଼ି ରହେ। ତା ମନରେ ସଂସାରର ଭୋଗପ୍ରତି ବିତୃଷ୍ଣା ସୃଷ୍ଟି ହୁଏ। ନିଜ ବିଗତ କର୍ମର ଫଳ ବିଷୟରେ ଜାଣିପାରି ସେ ପଶ୍ଚାତ୍ତାପ କରେ। ଗୁରୁ ଶକ୍ତିପାତ କରି ତାର ଅଶୁଦ୍ଧ ଶରୀର ଓ ବିକୃତ ମନୋଭାବକୁ ଶୁଦ୍ଧପୂତ କରି ମୁକ୍ତି ପଥ ଦେଖାଇଥାନ୍ତି। ଗୁରୁଙ୍କ କୃପାରୁ ତା ମନରୁ ଗର୍ବଭାବ ଦୂର ହୁଏ। ସେ ନିଜ ସ୍ୱାର୍ଥକୁ ତ୍ୟାଗ କରି 'ଜୀବପୂଜା ହିଁ ହରି ସେବା' - ଏଇ ମନୋଭାବ ନେଇ ଦୀନଦୁଃଖୀଙ୍କ ସେବା କରିବାକୁ ବ୍ୟଗ୍ର ହୁଏ। ଶିଷ୍ୟ ସଙ୍ଗତରେ ରହି ତାର ଶୁଦ୍ଧଗୁଣ ପରିପ୍ରକାଶିତ ହୁଏ। ଶିଷ୍ୟ ମନର ପ୍ରତ୍ୟେକଟି ଭାବନା ସଦଗୁରୁଙ୍କୁ ଜଣାଥାଏ। ଗୁରୁଙ୍କର ଚେତନା ଶିଷ୍ୟ ମନକୁ ଦିବ୍ୟତାରେ ଭରି ଦିଏ। ସନ୍ଥକବି ଭୀମଭୋଇଙ୍କ ବାଣୀ ଉଲ୍ଲେଖ କରୁଛି - 'ଅନେକ କର୍ମରେ ଥାଉ ପଛେ ସେହୁ, ଗୁରୁପାଦେ ରଖୁ ଚିତ୍ତ ସଦଗୁରୁ ପାଦେ ସେବା ରଖିଥିଲେ ମୋକ୍ଷ ହେବ ପରାପତ।' ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ କହିଲେ - ପରମଗୁରୁଙ୍କ ପରେ ବା ଯୁଗପୁରୁଷୋତ୍ତମଙ୍କ ଠାରେ ଆନତି ଭିତରେ ଦେଇ ଯାହାଙ୍କ ଜୀବନରେ ସାର୍ଥକ ସଂହତି ସମାଧାନ ଆସିଛି, ସେ ହିଁ ଗୁରୁ ହେବାର ଉପଯୁକ୍ତ ଅଟେ। ଏହି ପ୍ରକାର ସମାହିତ ଜ୍ଞାନକୁ କୁହାଯାଏ ବ୍ରହ୍ମଜ୍ଞାନ। ଯୁଗପୁରୁଷୋତ୍ତମଙ୍କୁ ଯିଏ ପାଏ, ତାର ତ କଥା ହିଁ ନାହିଁ। ତାଙ୍କର ଧାରା ଯେତେ ଦିନ ଠିକ ଥାଏ, ସେତେ ଦିନ ପର୍ଯ୍ୟନ୍ତ କୃଷ୍ଟିର ଧାରାଠିକ ଥାଏ। ଭେଦବାଦୀ ଗୁରୁ ପ୍ରକୃତ ଗୁରୁ ନୁହନ୍ତି ଏବଂ ତାଙ୍କର ଦୀକ୍ଷାର ଭିତର ଦେଇ ଦୀକ୍ଷାର ପ୍ରକୃତି ଉଦ୍ଦେଶ୍ୟ ସିଦ୍ଧ ହୁଏ କମ୍। ଖଣ୍ଡିତଜ୍ଞାନ ଯେଉଁ ମାନଙ୍କର, ସେମାନେ କୌଣସି ଖଣ୍ଡିତ ବିଷୟର ଶିକ୍ଷକ ହୋଇପାରନ୍ତି, ଯେମିତି ପଦାର୍ଥବିଦ୍ୟା, ରସାୟନଶାସ୍ତ୍ର ଇତ୍ୟାଦି। ସେମାନେ ଧର୍ମ, ଯାହାର କାରବାର ସମଗ୍ର ଜୀବନ ନେଇ ସେ ବିଷୟରେ ଆଚାର୍ଯ୍ୟ ହୋଇପାରନ୍ତି ନାହିଁ। ପ୍ରକୃତି ସେମାନଙ୍କୁ ସେ ଯୋଗ୍ୟତା ଦିଏ ନାହିଁ। ପ୍ରଶ୍ନ - ଗୁରୁ ବ୍ୟତୀତ ବ୍ରହ୍ମୋପଲବ୍ଧି ହୋଇ ପାରେନାହିଁ ? ଶ୍ରୀ ଶ୍ରୀ ଠାକୁର - ସେହି ଟା ହୁଏତ ଗାଣିତିକ ଭାବେ ସମ୍ଭବ ହୋଇପାରେ, କିନ୍ତୁ ସାଧାରଣତଃ ବାସ୍ତବରେ ସମ୍ଭବ କମ ହିଁ ହୁଏ। ପ୍ରଶ୍ନ କର୍ତ୍ତା - 'ଅହଂ ବ୍ରହ୍ମାସ୍ମି' ଜପର ବିଧାନ ଅଛି। ଶ୍ରୀ ଶ୍ରୀ ଠାକୁର - ସେହି ଟା ବି ଉପଲବ୍ଧିବାନ ଗୁରୁ ହିଁ ଶିଖାନ୍ତି। ଗୁରୁ ବିନା ହୁଏ ନାହିଁ। ବିପଦ ଅଛି, ପ୍ରବୃତ୍ତିର ଅଭିଭୂତି ହୁଏ। ଅନେକ ସମୟରେ ପାଗଳ ହୋଇଯାଏ। ପ୍ରଶ୍ନକର୍ତ୍ତା - ତାହାର ସହଜତମ ପଥ ହେଲା ସକ୍ରିୟ ସେବା ସହ ଇଷ୍ଟଙ୍କ ଉପରେ ଅଚ୍ୟୁତ ଅନୁରାଗ। ତାଙ୍କ ଉପରେ ଟାଣ ଥାଏ, ତେଣୁ ବୃତ୍ତି ଗୁଡ଼ିକ ନିମ୍ନକୁ ଟାଣି ନେଇପାରେ ନାହିଁ। ସେଗୁଡ଼ିକ ଧୀରେ ଧୀରେ ନିୟନ୍ତ୍ରିତ ହୁଏ। (ଆ:ପ୍ର: ୧୪/୧୬.୧୦.୧୯୪୮)

ଗୁରୁଜ୍ଞାନ ଦିଅନ୍ତି, ଯାହା ପାଇ ମଣିଷ ଜୀବନ ବନ୍ଧନରୁ ମୁକ୍ତି ପାଏ। ଦେବତା ମାନଙ୍କୁ ପୂଜାରେ ସନ୍ତୁଷ୍ଟ କଲେ ମନୁଷ୍ୟ ବିଷୟ ସମ୍ପତ୍ତି, କାମନା ବା ବାସନାଦି ପୂରଣ କରେ। ଦେବତା ମାନଙ୍କ ଉପାସନା ସକାମ ଉପାସନା। ଗୁରୁଙ୍କ ଉପାସନା ନିଷ୍କାମ ଉପାସନା। ଦେବ ପୂଜାରେ ଶକ୍ତି ଲାଭ ହୋଇଥାଏ, ପୁଣି ଆମେ ଯେଉଁ ଦେବତାଙ୍କୁ ପୂଜା କରିଥାଉ, ସେହି ଦେବତାଙ୍କ ଶକ୍ତି ଯେତିକି ମାତ୍ର ଶକ୍ତିର ଆମେ ଅଧିକାରୀ ହୋଇଥାଉ। କିନ୍ତୁ ଗୁରୁଙ୍କ ଶରଣ ଗଲେ, ଗୁରୁଙ୍କ ମାଧ୍ୟମରେ ଆମର ଭଗବତ ପ୍ରାପ୍ତି ହୋଇପାରିବା। ଗୁରୁଙ୍କ ଚରଣ ପବିତ୍ର, ତେଣୁ ଭକ୍ତ ତାହାର ନିତ୍ୟ ପୂଜନ କରେ। ଯେଉଁ ନର ପ୍ରତିଦିନ ଗୁରୁଙ୍କ ପଦ ଧୌତ କରେ, ସେ ଜ୍ଞାନ ଭକ୍ତିର ଅଧିକାରୀ ହୁଏ। ଦେବ ପୂଜା କଲେ ଧନ ଜନ ମିଳେ ଓ ଗୁରୁ ପୂଜା କଲେ ଜ୍ଞାନ ମିଳିଥାଏ। ଏଥିରେ ସନ୍ଦେହ ନାହିଁ ଯେ, ଗୁରୁକୃପା ମିଳିଲେ ସବୁ କିଛି ସମ୍ଭବ ହେବ; କିନ୍ତୁ ଗୁରୁକୃପା ମିଳିବ କିପରି ? ଗୁରୁଙ୍କୁ ସନ୍ତୁଷ୍ଟ କଲେ ହିଁ ଗୁରୁକୃପା ମିଳେ। ଯଦି ଶିଷ୍ୟ ଗୁରୁଙ୍କର ଆଧ୍ୟାତ୍ମିକ ନିର୍ଦ୍ଦେଶଗୁଡ଼ିକ ସ୍ପଷ୍ଟଭାବରେ ହୃଦୟଙ୍ଗମ କରି ସୁଚାରୁରୂପରେ ପାଳନ କରେ, ତେବେ ଗୁରୁ ତା'ଉପରେ ସନ୍ତୁଷ୍ଟ ହୁଅନ୍ତି। ସୁତରାଂ ଗୁରୁଙ୍କ ପ୍ରତ୍ୟେକଟି ନିର୍ଦ୍ଦେଶ ନିଖୁଣ ଭାବରେ ପାଳନ କରନ୍ତୁ। ତାଙ୍କରି ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରନ୍ତୁ। ତେବେ ଯାଇ ଆପଣ ତାହାଙ୍କର ଆଶୀର୍ବାଦ ପାଇବାକୁ ଯୋଗ୍ୟ ହୋଇପାରିବେ ଏବଂ ସେହି ଆଶୀର୍ବାଦ ବଳରେ ଆପଣଙ୍କ ପକ୍ଷରେ ସବୁକିଛି ସମ୍ଭବ ହୋଇପାରିବ। ଯଥାର୍ଥରେ ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି - 'ଏଣେ ଗୁରୁଙ୍କ ସୁକଲ୍ୟାଣ, ସାଧକ ମୋକ୍ଷର କାରଣ। ମନ ବଚନ ନିଜ ଦେହେ, ନିତ୍ୟ ସେବିବ ଗୁରୁପ୍ରୀୟେ। ମୋତେ ପୂଜିବ ଗୁରୁ ଦେହେ, ମୋ ଠହୁଁ ଗୁରୁ ଭିନ୍ନନୋହେ। ତୋହରି ମନ ତୋର ଗୁରୁ, ଉଦ୍ଧବ କେତେ ହେଁ ପଚାରୁ ?'

ସହ-ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ,
କଟକ,
ମୋ : ୯୪୩୭୦୫୧୯୫୭

# କିଟ୍ ପାଇଁ ସରକାର ଏତେ ଉଦାସୀନ କାହିଁକି ?



ସୁବ୍ରତ କର

ଏହି ଅତି ପ୍ରସିଦ୍ଧ ଅନୁଷ୍ଠାନଠାରେ ଏମିତି ଘଟଣା କାହିଁକି ଘଟୁଛି ? ତିନି ମାସ ମଧ୍ୟରେ ଦୁଇଟି ନେପାଳୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ । ପ୍ରଥମ ମୃତ୍ୟୁର ଶିକାର ହୋଇଥିବା ଛାତ୍ରୀ ପ୍ରକୃତି ଲମସାଲ। ସେ ଘଟଣାଯି ଯାହା ଜଣା ପଡ଼ିଥିଲା ପ୍ରେମ ଜନିତ ଥିଲା ଏବଂ ପ୍ରକୃତି ତା'ର ପ୍ରେମିକ ଦ୍ୱାରା ବାରମ୍ବାର ହଇରାଣ ହରକତ ହେଲା ପରେ ବାରମ୍ବାର ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲା କିନ୍ତୁ କର୍ତ୍ତୃପକ୍ଷଙ୍କୁ ବିଶେଷ କିଛି ଫରକ ପଡ଼ି ନଥିଲା । ଏ ପର୍ଯ୍ୟନ୍ତ ସେ ଘଟଣାର ତଦନ୍ତ ରିପୋର୍ଟ ସାମନାକୁ ଆସିନାହିଁ । ସରକାର ଘଟଣାର ଗୁରୁତ୍ୱକୁ ବୁଝିପାରି ତତ୍‌କ୍ଷଣାତ୍ ୩ ଜଣିଆ ଏକ କମିଟି ଗଠନ କରିଦେଲେ ଏବଂ ଜଣାଇଦେଲେ ୩-୭ଦିନ ଭିତରେ କମିଟି ଅନୁସନ୍ଧାନ କରି ସରକାରଙ୍କୁ ରିପୋର୍ଟ ଦେବେ । ଦୁଃଖର କଥା କେଉଁ କାରଣରୁ ଏପର୍ଯ୍ୟନ୍ତ ୩ ମାସ ପରେ ମଧ୍ୟ ସେ ରିପୋର୍ଟ ସରକାର ସରକାରୀ ଭାବରେ ସାର୍ବଜନୀନ କରି ପାରି ନାହାନ୍ତି । ଉଦ୍ଦେଶ୍ୟ ନିଶ୍ଚୟ ଅତି ମହତ୍ ଥିବ । ସେହିପରି ଏନଏଚଆର୍‌ସି ମଧ୍ୟ ଅନୁସନ୍ଧାନ କରୁ କେତେଗୁଡ଼ାଏ ପଦକ୍ଷେପ ଦେବାକୁ ଯାଉଥିବା ବେଳେ କିଟ୍‌ର କର୍ତ୍ତୃପକ୍ଷ ହାଇକୋର୍ଟକୁ ପାଇ ଷ୍ଟେ ଅର୍ଡର କରିବାରେ ସକ୍ଷମ ହେଇ ପାରିଛନ୍ତି । ଏ ପର୍ଯ୍ୟନ୍ତ ପ୍ରକୃତି ଲମିସାଲ ନ୍ୟାୟ ବିଚାର ପାଇ ପାରି ନାହିଁ । ସବୁଠୁ ଦୁଃଖର କଥା ସରକାରଙ୍କ ତିନି ଜଣିଆ କମିଟି ଏତେଦିନ କଣ କରିଲେ ? ସାଧାରଣ ଜନତା କମିଟି ଏବଂ ସରକାର ଉପରେ ନ୍ୟାୟ ବିଚାର ପାଇଁ ଆଶା କରି ପାରିବେ ତ ? ବିଶେଷ କରି ନେପାଳ ଦେଶ ନେପାଳୀ ଭାଇ ଭଉଣୀମାନେ ଏବଂ ଶେଷରେ ପ୍ରକୃତିର ମା, ବାପା ହାଜାର ପ୍ରେରଣାରେ କିଟ୍ ଭଳି ଅନୁଷ୍ଠାନଠାରେ ବହୁତ ଆଶା କରି ପାଠ ପଢ଼ିବା ପାଇଁ ଆସିଥିଲା । ଆମ୍ଭମାନଙ୍କର ପିଲାମାନେ ମଧ୍ୟ ବାହାର ଦେଶରେ ପାଠ ପଢୁଛନ୍ତି ଏବଂ ସେହି ସବୁ ସ୍ଥାନରେ ଆମର ପିଲାମାନଙ୍କର ଏପରି ଘଟିଲେ ଆମ ଦେଶ ଏବଂ ଆମ୍ଭେମାନେ ଚୁପଚାପ ବସି ରହି ପାରିବା କି ? ଯଦି ପ୍ରଥମ ଘଟଣାଟିରେ ସରକାର ହେଉ ବା ୟୁଜିସି ହେଉ, ଯଥା ଯଥ ପଦକ୍ଷେପ ନେଇ କିଟ୍ ଅନୁଷ୍ଠାନ ଉପରେ ଦଣ୍ଡାଦେଶ ଶୁଣାଇ ପାରିଥାଆନ୍ତେ ତେବେ ହୁଏତ ଦ୍ୱିତୀୟ ଘଟଣା ଘଟି ନ ଥାଆନ୍ତା । ଏହି ପ୍ରଶ୍ନ ଉଠୁଛି କାହିଁକି ସରକାର ଚୁପଚାପ ବସି ରହିଛନ୍ତି ଏବଂ କିଟ୍ ପ୍ରତି ନା ମାଲିକଙ୍କ ପ୍ରତି କି ପ୍ରକାରର ଦୁର୍ବଳତା ରହିଛି ଯେଉଁଥିପାଇଁ କିଟ୍ ଠାରେ ଏପରି ଘଟଣା ଘଟେଇବାକୁ ଦିଆ ହେଉଛି । କିଟ୍ ବିପକ୍ଷରେ ଜନସାଧାରଣଙ୍କର ବହୁତ ଆକ୍ଷେପମାନ ସବୁ ରହିଛଇ ଏବଂ ସବୁ ଘଟଣା ସରକାରଙ୍କୁ ଖୁବ୍ ଭଲ ଭାବରେ ଜଣା ଏ ପରିକି ଭୁବନେଶ୍ୱରର ମଧ୍ୟ ସ୍ଥଳରେ ଥିବା ଅନୁଷ୍ଠାନର ଏକର ଏକର ସରକାରୀ ଜାଗା ମାଡ଼ି ବସିଛନ୍ତି ଏବଂ ଏ ବିଷୟରେ ମଧ୍ୟ ସରକାରଙ୍କୁ ବେଶ୍ ଭଲ ଭାବରେ ଜଣା ତଥାପି ସରକାରଙ୍କ ତରଫରୁ କିଟ୍ ହେଉ ବା ତାଙ୍କ ମାଲିକଙ୍କୁ ଥରୁଟିଏ ପଚରା ହୋଇ ପାରିଲା ନାହିଁ ସତ କଣ ? ଦୁଇ ଦୁଇଟି ଝିଅର ପ୍ରାଣ ଚାଲିଗଲା । କିଟ୍ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରି ତାଙ୍କର କାମ ଶେଷ କରିଦେଲେ । ଏବେ କିନ୍ତୁ ସରକାର ଚୁପ୍‌ଚାପ୍ ରହିଲେ ସାଧାରଣ ଜନତା ଛାଡ଼ିବେ ନାହିଁ କାରଣ ନେପାଳ ଆମ ଦେଶର ଏକ ରାଜ୍ୟ ନୁହଁ । ଏହା ଏକ ଅଲଗା ଦେଶ ଏବଂ ନିଶ୍ଚିତ ଭାବରେ ଏହି ଅନୁଷ୍ଠାନ ପାଇଁ ସାରା ଦେଶ ଏବଂ ଏପରିକି ଆନ୍ତର୍ଜାତିକ ସ୍ତରରେ ରିତିମତ୍ ବଦନାମ ଆମ ସରକାର ଏବଂ ରାଜ୍ୟ ଅର୍ଜନ କରୁଛି । ସରକାର ପାଇଁ ଶେଷ ସୁଯୋଗ ଏବଂ ସେ ନିଜର ସମ୍ମାନ ବଞ୍ଚାନ୍ତୁ ।




## ଓଠ

ଡୁଲେଶ୍ୱର କୁମାର ସାହୁ



ଶାନ୍ତି ତୋ ପ୍ରେମରେ ଥାଏ
ଶାନ୍ତି ତୋ କଥାରେ ଥାଏ
ଶାନ୍ତି ତୋ ଆଖିରେ ଥାଏ।
ମୋ ଜୀବନର ଗୋଟେ ? ସଫେଦ୍
କାହାଣୀ
ତୁ ଓ ତୋ ପ୍ରେମ ତୁ ହିଁ ମୋ
ଜୀବନର ସବୁକିଛି
ମୁଁ ତୋ ପାଇଁ ଜହ୍ନକୁ ଛୁଇଁଛି
ଆକାଶକୁ ଦେଖିଛି
ମାଟି ସହ କଥା ହୋଇଛି
ଅନେକ ପାହାଡ଼ ଅନେକ ଝରଣା
ଅନେକ ଜନ୍ତୁର ସୁଖ,
ଦୁଃଖ,ଭଲ,ମନ୍ଦ
ମିଠା ମିଠା ଶବ୍ଦ ଶୁଣିଛି
ଅନେକ ଦେଶ ବିଦେଶ ଯାଇଛି
ଖାସ୍ ତୋ ପାଇଁ ।
ମିଛ କହିବା ମୋ ଆପଣାର ଥିଲା
ପ୍ରତି ଘଣ୍ଟାର ପ୍ରତି ମିନିଟ୍ ପଛରେ
ମୁଁ ଏଇ ଏବେ ଏବେ ଜାଣେ
ସମ୍ବଲପୁରୀ ଓ ବମକେଇ ପାଟର
କଥା ଓ କବିତା

ରେଗଡା,କର୍ଲାମୁଣ୍ଡା,କଳାହାଣ୍ଡି
ମୋ - ୭୦୭୭୩୨୭୯୩୧

## ଯାତ୍ରାନାୟକ

ସୁଶ୍ରୀ ପଲ୍ଲବିତା ସାହୁ



ସେ କାନ୍ଦିପାରେ, ସେ ହସିପାରେ
ସେ ଯାହା ଦେଖାଇ ପାରେନାହିଁ, ସହିଯାଏ
ତା' ଅଧର କମ୍ପିଉଠେ, ହାତ ଉଠିଯାଏ
ସେ ମନେଇ ନିଏ....ପୁଣି ଭିତରୁ ଭାଙ୍ଗିଯାଏ
ତା'ର ଦୁଃଖ ନାହିଁ .... କିନ୍ତୁ ସୁଖ ସେ ଜାଣେନା
ରାତିର ପୃଥିବୀ ତା'ର
ଯେଉଁଠି ଅନ୍ଧାର କ'ଣ ସେ ଜାଣେନା

ରଙ୍ଗମଞ୍ଚ ତା' ଭାତହାଣ୍ଡି, ସହକଳାକାର - ବନ୍ଧନ
ଝାଳରେ ତିନ୍ତି ତିନ୍ତି ଭୋକ ମରିବା ଯାଏଁ ସେ ଝାଳ ପିଏ,
ଲୁହ ପିଏ, ଦୁଃଖ ଚାପିରଖେ ...
ଥକିବା ମୁଁ କାହିଁ ଦେଖିନି, ତା'କୁ ବୁଝିବା : ବୁଝିବାବେଳଠୁ
କଷ୍ଟ ଲାଗେ...କେଡେ ଅମାୟିକ ତା' ତର୍ପଣ
ଭ୍ରାନ୍ତି ଆଉ ସତ୍ୟ ସଂଳାପର ଯୁଦ୍ଧରେ
ଚରିତ୍ରକୁ ମନେରଖିବାର କି ନିରୀହ ଜିଦ୍...ଯାତନା !!
ତା' ପକ୍ଷରେ ସବୁ ଦର୍ଶକ .. ତଥାପି ଲୋଡେ ସମ୍ବେଦନା
ତା' ବାଧପଣ ..ପ୍ରତିଶ୍ରୁତିବଦ୍ଧତାର ସମ୍ଭ୍ରମ ପଣ
ଭାଗ୍ୟ ଘୂରିବୁଲୁଥିବା ପଶାଗୋଟି ପରି ବାରମ୍ବାର
ପରିବର୍ତ୍ତନଶୀଳ

ପାଉଡର, ରଙ୍ଗମଖା ମୁହଁର କର୍ତ୍ତବ୍ୟରେ ସିଝି ସିଝି
ସେ ଖଳନାୟକକୁ ଡରେନା...କି ଜଟିଳତାକୁ ଭୟ କରେନା
ଅଶ୍ରୁ ରୋକି ପରିବାରକୁ ଥୋଇଦିଏ ମୁଣ୍ଡ ଉପରେ
ତା' ଦେବତ୍ୱ ଯୁଝେ...ନିଃଶ୍ୱାସଗୁଡାକର ରୁଚିକର ସଂଘର୍ଷ
ପ୍ରତିଭା ତା' ଇଷ୍ଟ ଭଗବାନ ...ପୂଜାପୀଠ
ସେ କେବଳ ଏତିକି ବୁଝେ, ସେ କଳାକାର
କଳା ହିଁ ତା' ପ୍ରାଣ ସଞ୍ଜିବନୀ.... ସଂସ୍କୃତି
ହସୁଥିବା ନିଷ୍ଠୁର ଭାଗ୍ୟର ବେଦମ୍ କଳା ନିୟତି
ଆଖି ପଡେନା ତା'ର...ସେଠି ତ ସ୍ୱପ୍ନର ମହଣ ମହଣ
ନିଃସର୍ତ୍ତ ଭିଡ..ତା' ଆତ୍ମାର ସମର୍ପିତ ଶୋଷ...ଝରକାଟିଏ
ପାଏନା ସେ ବିଶ୍ରାମର ପଦଧୌତି ପାଇଁ !!

ପରିଚୟ - ମୁଣ୍ଡବିକା କଳାକାର !!
ନିଜର ସବୁ ଅତୃପ୍ତିର ତଣ୍ଟିଚିପି ସଭିଙ୍କର ତୃପ୍ତି
ତା'ର ଯୋଗ୍ୟତାର ମାପକାଠି ...ତା' ବାହାଦୂରି
ଘଣ୍ଟା ଘଣ୍ଟା ଧରି ଚରିତ୍ରକୁ ସମ୍ଭୋଗ କରିବାରେ ତା'ର ଆଦୃତି
କଳାକାର ହୃଦୟ ରେ ବସେ, ବିଦାରେ, ରାମ୍ପୁଡି ଖଣ୍ଡିଆ କରେ
ତା'ର ଦୁଃଖ ରେ କେତେ ଯେ ଆଖିରେ
ଚହଲା ଢେଉର ଜୁଆର ଉଠେ
ଧର୍ମ, ସତ୍ୟ, ବିବେକର ଗୁରୁଦ୍ୱାରେ ଦୀପଟିଏ...ନାୟକଟିଏ
ହଁ, ଖୁବ୍ କନ୍ଦାଏ...ତା'ର ବିକଳ୍ପ ନାହିଁ ...

ଯାତ୍ରାନାୟକ !
ଜଳି ଜଳି ନିଜକୁ ତଥାପି ଜଣାଏ..
ସବୁ କିଛିର ଉର୍ଦ୍ଧ୍ୱରେ ସଭିଙ୍କ ମୁହଁ ରେ ହସ ବୁଣିବାକୁ
ଚେଷ୍ଟା କରେ...ତା' ତ୍ୟାଗ..ନାଟକର ସମ୍ପଦ
ତା' ପ୍ରେମ, ପୃଥିବୀ , ବୁଝାମଣା ଓ
ଅନ୍ତର ଭିତରେ ଘଟୁଥିବା ଜୀବନ ଯନ୍ତ୍ରଣା
ଯେତେ ବାସ୍ତବ , ସେତେ ପୂଜ୍ୟ ମନେହୁଏ...

ହେ ନାୟକ, ତୁମଠାରେ ଅଭିନୟ ଧନ୍ୟ ହୁଏ
ତୁମ ପାଇଁ ଅଭିନୟ ଧନ୍ୟ ହୁଏ

ମୋ: ୭୭୩୫୫୯୧୯୩୩

# ଭବିଷ୍ୟତ


ଘନଶ୍ୟାମ ପଲେଇ




ସଭିଏଁ ଉଣା ଅଧିକ ଚିନ୍ତିତ ଥାନ୍ତି ଭବିଷ୍ୟତକୁ ନେଇ। ଭବିଷ୍ୟତ ସବୁବେଳେ ଅନିଶ୍ଚିନ୍ତ। ଭବିଷ୍ୟତରେ କ'ଣ ହେବ କିଏ ବା କହିବ? ଖାସ୍ କରି ମଣିଷର ବଳ ବୟସ ଯେତେଦିନ ଯାକେ ଅଛି ବୁଦ୍ଧି ଖଟେଇ ପରିଶ୍ରମ କରି ଦି' ପଇସା କରି ପାରିବ ରୋଜଗାର। ବଳ ଗଲେ ସରିଲା ଜାଣ ବେଳ। ଚାକିରୀର ରିଟାର୍ଡ ଅବସ୍ଥା ଠିକ୍ ସଞ୍ଜ ପରି। ପ୍ରଥମେ ଟିକେ ଟିକେ ଅନ୍ଧାରରୁ ପୁଣି ମାଡି ବସିବ ବହଳିଆ ଅନ୍ଧାର। ଘୋଡିଘାଡି ପକେଇବ ଏକଦମ ସାରା ପୃଥିବୀଟାକୁ ତା' କଳା କମ୍ବଳ ତଳେ। ତା' ପରେ ତ ସବୁ ଅନ୍ଧାର। ଯୁଆଡେ ଅନା କଳା କିଟିମିଟି। ସେଇଥି ପାଇଁ ବୋଧେ ସବୁ ବ୍ୟସ୍ତ। ଅଫିସଟା ସାରାରେ ଲାଗିଛି କମ୍ପିଟିସନ। କିଏ ଆଗ ଭରିବ। ଏକ ପ୍ରକାର କମ୍ପ୍ୟୁଟର ପାଖରେ ଲାଗିଛି ଭିଡ। ସବୁ ବାଛିବେ ଅଧିକ ପେନସନ ପାଇଁ ବିକଳ୍ପ ଇପିଏଫ୍ ସଦସ୍ୟ ହିସାବରେ। ସୁପ୍ରିମକୋର୍ଟରୁ ମିଳିଛି ଏକ ପ୍ରକାର ଆଶୀର୍ବାଦ। ହେଲେ ଚିନ୍ତାମଣିବାବୁଙ୍କ ନଥିଲା ଚିନ୍ତା। ବସିଥିଲେ ନିଶ୍ଚିନ୍ତାରେ। ଗୋଡ ହଲେଇ ହଲେଇ ଚେୟାରରେ।

କାହିଁକି ବା ଚିନ୍ତା କରନ୍ତେ। ଯାଆର ସିନା ପରିବାରରେ ବୁଝାମଣା ଠିକ୍ ନାହିଁ କି ଆଗ ପିଢିକୁ ଠିକ୍ ରାସ୍ତାରେ ଯିବାର ବାଟ ବତଉ ନାହାଁନ୍ତି, ସିଏ କରିବ ଚିନ୍ତା। ତାଙ୍କ ଘର ତ ପୂରା ସରଗପୁର। ସବୁ ସେଇ ତାଙ୍କ ସ୍ତ୍ରୀ ସରିତା ଦେବୀ ପାଇଁ ହେଇଚି ସମ୍ଭବ। ପିଲାମାନଙ୍କ ଇଂରାଜୀ ମିଡିୟମରେ ପାଠପଢା। ମା'ର ଯତ୍ନ। ସବୁ ଠିକଠାକ୍ ବଢିଆ । ଖାଲିଟାରେ କହୁଚି ନା କ'ଣ? ଘରେ ଥିଲା ବେଳେ ଦେଖିଚନ୍ତି... ଅନୁଭବୁଚନ୍ତି ବି ନିଜେ ଚିନ୍ତାମଣି ବାବୁ। ବାପା ଚାଲିଗଲା ପରେ ସରିତା ଦେବୀ ତ ପାଲଟି ଯାଇଛନ୍ତି ସାକ୍ଷାତ ଦେବୀଟେ। ଶାଶୁଙ୍କୁ ଆଉ ଶାଶୁ ଭଳି ନ ଦେଖି ଦେଖୁଛନ୍ତି ନିଜ ମା' ପରି।

ସେ ଭଳି ଘରର ପିଲାମାନେ ଭଲ ମଣିଷ ନ ହେଇ ଯିବେ କୁଆଡେ?

ଦେଖିଲେ ଲାଗେ ଖୁସି। ଘର ପରିବାରରୁ ହିଁ ତ ଶିଖେ... ଆଗ ବଂଶଧର। ସେ ପରି ପରିବାର ପାଇଁ ଆଉ ପେନସନ କ'ଣ ହେବ ବୁଢାକାଳକୁ। ଗଣ୍ଡେ ଖାଇ ଭଜନ କୀର୍ତ୍ତନ କରି ନାତିନାତୁଣୀ ସହ କାଟି ଦେବା କଥା ଦିନ। ତା' ଛଡା ଶେଷକୁ କମ୍ପାନୀରୁ ଯାହା ପଇସା ମିଳିବ ପୁଅ ଝିଅକୁ ବାଣ୍ଟିକୁଣ୍ଟି ଦେଇ ଯାହା ବଳିବ ବ୍ୟାଙ୍କରେ ବାନ୍ଧି ସୁଧ ଖାଇବା କଥା। ସିଏ କାଇଁ ଅଯଥାରେ ଅଧିକ ପେନସନ ଲୋଡିବେ ଯେ। ଯାହା ହଜାରେ ଦି'ହଜାର ମିଳିବ ସେତକ ହିଁ ହେବ ଯଥେଷ୍ଟ।

ଆଜି କାଇଁ ସକାଳୁ ଅଧକପାଳି ଧରିଛି। ଜଣା ପଡିଲାନି । ଭାବିଥିଲେ ଯିବ କମି... ଆସିଗଲେ ଅଫିସ। ଆଉ ବସି ହେଉନି। ଅଧାଦିନର ଛୁଟି ପକାଇ ଚାଲିଲେ ଘରକୁ ।

ଖରା ଜୋର ଧରିଲାଣି। ଚୈତ୍ର ମାସରେ ବି ବୈଶାଖୀ ଝାଞ୍ଜି। ସ୍କୁଟରକୁ ଦାଣ୍ଡ ବେଲଗଛ ମୂଳେ ଥୋଇ ଧିରକିନା ଗେଟ ଖୋଲି ପଶି ଯାଉଥିଲେ। ଅଟକି ଗଲା ପାଦ... ଶୁଣି ପାରୁଥିଲେ ସ୍ତ୍ରୀର କଟୁ କଥା --- ମା' ତମକୁ କିଛି ଜଣାପଡୁନି ବୋଧେ। ଇଏ ଦରମା ପାଇ ନାହାଁନ୍ତି। ପାଇଲେ ଆଣିଦେବେ ଔଷଧ। ମାସଟା ତ ପାଉ... ଖାଲି ଦିନ ରାତି କାଉ କାଉ... ରାଉ ରାଉ.... ଟଙ୍କାଟେ ତ ରୋଜଗାର ନାହିଁ... ବଞ୍ଚିଛି ବୁଢୀ ଗେଣ୍ଡା ମାରିବାକୁ... ମରୁନୁ କାହିଁକି ଯେ!!!

ଆଶ୍ଚର୍ଯ୍ୟ ହେଲେ ଚିନ୍ତାମଣି ବାବୁ। ଆଜି ପରା ଦଶ ତାରିଖ। ଏଇ କେଇଟା ଦିନ ହେଇଚି ଦରମା ପାଇବାର। ପଇସା ତ ଉଠେଇ ଦେଇଥିଲି ସରିତାକୁ। ସେ ପୁଣି କହୁଛି ମାସ ପାଇଲେ ମିଳିବ ଦରମା। କିଣା ହେବ ଔଷଧ। ସେତେ ଦିନ ଯାକେ ଆଖିକୁ ଭଲ ଦିଶୁନଥିବା ଅଶୀ ବର୍ଷର ବୁଢୀମା'ଟା ମୋର ବ୍ଲଡପ୍ରେସର, ଡାଇବେଟିସ ଔଷଧଟିକକ ପାଇଁ କଷ୍ଟ ଭୋଗିବ।

ସବୁ ରହସ୍ୟ ବୁଝିଗଲେ ଚିନ୍ତାମଣିବାବୁ। ବୁଝିଗଲେ ତାଙ୍କ ଭବିଷ୍ୟତ। ଏସବୁ ତାହେଲେ ଥିଲା ତାଙ୍କ ସ୍ତ୍ରୀର ଲୋକ ଦେଖାଣିଆ। ଏଥିରୁ ତା' ବଂଶଧର କ'ଣ ଶିଖିବେ..? ଭବିଷ୍ୟତ ଦିଶୁଚି ଜଳଜଳ। ଯେମିତି କର୍ମକୁ ଫଳ ବି ଫଳିବ ସେମିତି। ଭବିଷ୍ୟତ ପାଇଁ ରେଡି ରହିବାକୁ ପଡିବ।

ମୁଣ୍ଡବ୍ୟଥା କୁଆଡେ ଉଡିଗଲାଣି କେତେବେଳଠୁଁ। ଆଉ ଘରକୁ ନ ପଶି ଧାଇଁଲେ ଅଫିସ୍... ଭରିବାକୁ... ଉଚ୍ଚ ପେନସନ।


ବଡ ଆମୁଁଣି, ଝୁମ୍ପୁରା, କେନ୍ଦୁଝର-୩୧,
ମୋ-୯୪୩୭୭୧୮୫୦୦


# ପାଦଚିହ୍ନ


ନୂତନ କୁମାର୍ ବେହେରା




ସଞ୍ଜ ନଇଁ ଗଲା ପରେ ଅନ୍ଧାରର କଳା ଚାଦର ଘୋଡ଼ି ରାତ୍ରି ଆସେ। ଦିନ ତମାମର ହାଡ଼ଭଙ୍ଗା ଖଟିଣି ଖଟି ହାଲିଆ ହୋଇ ପଡ଼ିଥିବା ଶରୀରଟା ଖୋଜେ ଟିକିଏ ଆରାମ .....,

ବହଳିଆ ବିଛଣାରେ ନିଦର ଗହଳିଆ ସ୍ୱପ୍ନ...ନିସ୍ତବ୍ଧ ପ୍ରହର ନିସ୍ତାରି ରଖେ.... ବିବଶ ଅବଶ ଦେହରେ ଆସେ ପୂର୍ବଦିନ ପରି ସେଇ ତେଜ ସେଇ ଶର୍ଯ୍ୟର ଉଦ୍ଦୀପନା...ପୁଣି ଆସନ୍ତାକାଲିକୁ ଆରମ୍ଭିବ ତାର ଅଭିଯାନ...ଏକ ନୂଆ ଉତ୍ସାହ ନେଇ ପ୍ରାଣରେ ପୁଲକ ଖେଳାଇ... ଜୀବନର ପଥ ଅନୁସରି... କିଛି ଇଚ୍ଛାର ଆଶାକୁ ସଫଳ କରିବା ହିଁ ତ ଲକ୍ଷ୍ୟ।

ସକାଳର ସୂର୍ଯ୍ୟ ଦେବ ଉଇଁ ମା' ଧରିତ୍ରୀ ତା' କୋଳରେ ଧରିଥିବା ସଚରାଚରକୁ ଜଗାଇ ଦିଅନ୍ତି। ଉଠି ପଡ଼ନ୍ତି ସମସ୍ତେ, ଜୀବିକାର ଚଳନ୍ତି ଧାରାର ପ୍ରବାହରେ କରିବାକୁ ଜୀବନ ନିର୍ବାହ... ପଥ ବହୁ ଦୂର ସରେନା ଚାଲି ଚାଲି... ଥକେନା ପଥିକ ଠିକଣାରେ ନ ପହଞ୍ଚିବା ପର୍ଯ୍ୟନ୍ତ... ଆଗକୁ ଆଗକୁ ବଢୁଥାଏ ଦେଖି ଦେଖି ଚାଲି ଯାଇଥିବା ପଥିକଙ୍କ ପାଦଚିହ୍ନ।

ଅତୀତକୁ ସାଉଁଟି ବର୍ତ୍ତମାନକୁ ସାକାର କଲେ ଭବିଷ୍ୟତ ହୁଏ ଉଜ୍ଜ୍ୱଳ...ଜଣକର ପାରିବା ପଣିଆଁ ହୁଏ ପ୍ରମାଣିତ।

ବିଶେଷ କିନ୍ତୁ ଶୋଇଛି ଏ ଯାଏଁ... ଉଠିନି ବିଛଣା ଛାଡ଼ି, ଆଖିରେ ତାର ନିଦ ନାହିଁ ଭାଙ୍ଗି ଯାଇଛି ଚତୁର୍ଥ ପ୍ରହରରୁ ବାହାର ଦୁନିଆଁର ଆଲୋକ ଦେଖିବାକୁ ସେ ବ୍ୟାକୁଳ ହେଉନି ଆଜି... ସେ ଦେଖିଥିଲା ଅନେକ ସ୍ୱପ୍ନ... ମନରେ ଆଶା ସଞ୍ଚି ଇଚ୍ଛାର ଘୋଡ଼ାରେ ହୋଇଥିଲା ସବାର... ସବୁ କିଛି ତାକୁ ଲାଗୁଛି ଏବେ ନିରର୍ଥକ ମରୀଚିକା ପରି...। ଜୀବନ ମରୁରେ

ସେ ମରୁଦ୍ୟାନଟିଏ ତିଆରି କରି ପାରିନି। ଆହତ କ୍ଷତାକ୍ତ ପରାଜିତ ସୈନିକ ପରି ହରାଇ ବସିଛି ତାର ଆତ୍ମବିଶ୍ୱାସକୁ, ନିଜ ପ୍ରତି କରିଛି ଅଭିମାନ... ମନ ନିରୁତ୍ସାହର କ୍ଷୀଣ ସ୍ରୋତେ ଶୁଖିଲା ପତ୍ର ପରି ଭାସିଯାଏ... କୂଳ କିନାରା ଆଉ ନାହିଁ

ତା ବଶରେ କି ହସରେ...।

ବୋଉ ଆସି ଡାକିଲା, ଆରେ ବିଶେଷ...ତୁ ଏ ଯାଏଁ ଉଠିନୁ ବିଛଣା ଛାଡ଼ି... ତୋ ଦେହ ପା' ଠିକ୍ ଅଛି ତ...

ଉଠ ଆଉ ଡେରି କରନା...

ହଁ...ବୋଉ ଉଠୁଛି, ତୁ ବ୍ୟସ୍ତ ହ ନା କହିଲା ବିଶେଷ...

ବିଶେଷ ଏକମାତ୍ର ପୁଅ ମନ୍ଦାକିନୀ ଦେବୀଙ୍କର ଓ ତା ତଳକୁ ସାତ ବର୍ଷର ଝିଅ ବିରଜା। ବ୍ରଜ ସୁନ୍ଦର ବାବୁଙ୍କର ଧର୍ମପତ୍ନୀ ହେଉଛନ୍ତି ମନ୍ଦାକିନୀ। ଆଜି ଆଉ ପାଖରେ ନାହାଁନ୍ତି ବ୍ରଜ ସୁନ୍ଦର ବାବୁ। ପାଞ୍ଚ ବର୍ଷ ତଳେ ହୃଦଘାତରେ ଜୀବନ ହାରି ଚାଲିଗଲେ ଆରପୁରକୁ... ଦୁନିଆଁର ସବୁ ଦୁଃଖ ଏକ ସହିତ ଅଜାଡ଼ି ହୋଇ ପଡ଼ିଲା ତାଙ୍କ ମୁଣ୍ଡରେ... ଅସହ୍ୟ ଯନ୍ତ୍ରଣା ସହି ମୁଣ୍ଡ ଉଠାଇବାକୁ ସଂକଳ୍ପ ନେଲେ ସେ, ବିଧବା ନାରୀ କେବେ ଅସହାୟା ବା ଦୁର୍ବଳା ନୁହେଁ, ଦୃଢ଼ ମନୋବଳ ନେଇ ନିଜକୁ ସଶକ୍ତ କଲେ ସେ। ପୁଅ ବିଶେଷ ଓ ଝିଅ ବିରଜା'ର ଯତ୍ନ ନେଇ କର୍ତ୍ତବ୍ୟ କରି ଚାଲିଛନ୍ତି। ପୁଅ ଝିଅକୁ ଦୁଇ ଆଖି କରି ଦେଖୁଛନ୍ତି ଏ ଦୁନିଆଁକୁ... ତାଙ୍କ ମୁହଁରେ ହସ ଅଲିଭା ରଖିବାକୁ ତାଙ୍କର ସବୁ ତ୍ୟାଗ ସମର୍ପଣ... ସେ ପରା ମାଆ, ସନ୍ତାନମାନଙ୍କର ସାହା ଭରସା। ଭାଙ୍ଗି ପଡ଼ିଲେ ତାଙ୍କୁ ବା ଅଭୟ ଦେବ କିଏ...?

ବିଶେଷ ତିନି ବର୍ଷ ହେଲା ସ୍ନାତକୋତ୍ତର ଡିଗ୍ରୀ ପାଇ ସରକାରୀ ଚାକିରୀ ପାଇଁ ଶତ ଚେଷ୍ଟା କରୁଛି। ଏହା ଭିତରେ ଅନେକ ପ୍ରତିଯୋଗିତା ମୂଳକ ପରୀକ୍ଷା ଦେଇ ବି ସଫଳତା ପାଇ ପାରିନି। ବାପାଙ୍କର ମୃତ୍ୟୁ ପରେ ବୋଉର କଠିନ ପରିଶ୍ରମ କରିବା ଦେଖି ସେ ଆଉ ସହି ପାରୁନି। ସାନ ଭଉଣୀ ବିରଜା'ର ପଢ଼ା ଖର୍ଚ୍ଚ ତୁଲାଇବାକୁ ବୋଉ ଋଣର ବଡ ବୋଝ ମୁଣ୍ଡାଇ ଚାଲିଛି। ଆଉ ଏ ସବୁ ଦେଖି ବିଶେଷ ନିଜକୁ ନିଜେ ଧିକ୍କାର କରୁଛି। ଭଲ ପାଠ ପଢ଼ି, ପ୍ରତି ପରୀକ୍ଷାରେ ପ୍ରଥମ ଶ୍ରେଣୀ ପାଇଛି... ଏତେ ଏତେ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛି। ଆଜି ସେ ବେକାର... ବୋଉ ପାଇଁ ଭରସାର ଗଛଟିଏ ହୋଇ ଦେଇପାରୁନି ସାନ୍ତ୍ୱନାର ଟିକିଏ ଶୀତଳ ଛାୟା କି ସାନ ଭଉଣୀକୁ ପ୍ରେରଣା ଦେବା ପୂର୍ବକ ଦେଖାଇ ପାରୁନି ନିଜ ସହାନୁଭୂତିରୁ କାଣିଚାଏ ଦୟା... ସେ ଏକ ଦୋଳାୟମାନ ପରିସ୍ଥିତି... ଯେତେ ଦିନ ଗଡୁଛି ଭିତରେ ଭିତରେ ସେତିକି ଭାଙ୍ଗି ପଡୁଛି। ଠିକଣାରେ ପହଞ୍ଚିବାକୁ ବାଟବଣା ହେଉଛି। ତାର ଭାବନା ତାକୁ ଗୋଟାପଣେ ଗିଳି ପକାଉଛି। ନିଜକୁ ନିଜେ ଉଦ୍ଧାର କରିବା ପାଇଁ ଯେତେ ଉଦ୍ୟମ କରୁଛି ସବୁ ବୃଥା ହେଉଛି।

ମନ୍ଦାକିନୀ ଦେବୀ ପୁଅ ବିଶେଷର ମନ କଥା ବୁଝନ୍ତି, ଉତ୍ସାହିତ କରନ୍ତି ପ୍ରେରଣା ଯୋଗାନ୍ତି ମାତ୍ର ବୁହନ୍ତା ଜୀବନ ନଈରେ ସେ ସବୁ ବାଲି ବନ୍ଧ ପରି ବିଶେଷ ପାଇଁ...।

ସେ ଦିନ ଜଳଖିଆ ଖାଇବାକୁ ଦେଇ ମନ୍ଦାକିନୀ ପଢ଼ି ନେଲେ ପୁଅ ବିଶେଷର ମନକୁ ଆଉ ଉଦବୋଧନ ଦେବାକୁ କହିଲେ ଏ ସବୁ...।

ବିଶେଷ ତୁ ଏମିତି ଭାଙ୍ଗି ପଡୁଛୁ କ'ଣ ପାଇଁ, ମୁଁ ଅଛି ଏ ଯାଏଁ ମରି ଯାଇନି। ତୁ ଏତେ ଭଲ ଏତେ ମେଧାବୀ ହୋଇ ନିଜକୁ ନିଜେ ନ ବୁଝି ଏତେ ଶିଘ୍ର ହାରି ଯାଉଛୁ...ଏ କ'ଣ ଉଚିତ ତୋ ପାଇଁ.... ନିଜ ଲକ୍ଷ୍ୟରେ ପହଞ୍ଚିବାକୁ ବହୁ କଷ୍ଟରେ ବହୁ ପଥ ଅତିକ୍ରମ କରିବାକୁ ହେବ। ପୁରୁଷ ପୁଅ ପଛଘୁଞ୍ଚା ଦିଏ ନାହିଁ କେବେ...ଏ ଅପରିଣାମ ଦର୍ଶିତାର ଲକ୍ଷଣ। ତୋ ଆଶାକୁ ତୁ ସମାଧି ଦେ ନା...ଆରେ ନିଜ ଭିତରେ ଆତ୍ମ ପ୍ରତ୍ୟୟକୁ ସଦା ଜାଗ୍ରତ କରି ରଖ। ଅନ୍ତରାତ୍ମାର ଶବ୍ଦକୁ ଶୁଣ ତୁ ସାମନ୍ୟ ନହୁଁ। ଅର୍ଜୁନଙ୍କ ପରି ବିଷାଦରେ ଭାଙ୍ଗି ପଡୁଛୁ।

ତୋ ପଢିଥିବା ଭକ୍ତିଯୋଗ ଜ୍ଞାନଯୋଗ କର୍ମଯୋଗକୁ ସ୍ୱଧାୟ କର... ତୋତେ ତୋର ବାଟ ମିଳିଯିବ... ବ୍ୟସ୍ତ ବିବ୍ରତ ହେଲେ ଫଳ ବିଷମ ହୁଏ। ନକରାତ୍ମକ ଚିନ୍ତନରେ ନ ରହି ତୁ..... ସକରାତ୍ମକ ଦୃଷ୍ଟିକୋଣ ରଖି ତୋ କାମ କର।

ତୋ ବାପା ତୋତେ କାହିଁକି ବିଶେଷ ନାମ ଦେଇଛନ୍ତି ଏ ନାମକୁ ବିଶ୍ଳେଷଣ କର ଦେଖିବୁ ତୋ ଭିତରେ ବିଶେଷ ପ୍ରତିଭା କ'ଣ ଅନୁଭବ କରି ପାରିବୁ...।

ତୋ ବାପା ଜଣେ ସୁନାମଧନ୍ୟ ପରୋପକାରୀ ମଣିଷ ଥିଲେ। ଅଳପ ପାଠ ପଢି ମଧ କେଉଁ ଜ୍ଞାନରେ କମ୍ ଥିଲେ। ବାସ୍ତବ ଜୀବନରେ ବ୍ୟବହାରିକ ଜ୍ଞାନ ତାଙ୍କୁ ଦେଇଥିଲା ଏକ ବିଶେଷ ପରିଚୟ। ଚାଷୀଟିଏ ହୋଇ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ନିଜ ଭିଟାମାଟିରେ ସଂସାର ସଜାଡ଼ି କ'ଣ ଚାଷ ସେ ନ କରିଛନ୍ତି... ଧାନ,ଗହମ, ପନିପରିବା, ଫୁଲ ଫଳ ଚାଷ, ପଶୁପାଳନ, ମାଛ ଚାଷ ... କେତେ କ'ଣ...

ନିଜ ପରିବାର ଚଳାଇ ଶହେ ପରିବାରକୁ କାମ ଯୋଗାଇ ଆସୁଥିଲେ... ତାଙ୍କର ପୁଅ ହୋଇ ତୁ ଏମିତି ହେବା କ'ଣ ଶୋଭନୀୟ କି...? କ'ଣ ଅଭାବ ଅଛି ତୋ ଦେହରେ ତୋ ମନରେ ...ସେଇ ବାପାଙ୍କର ରକ୍ତ ତୋ ଦେହରେ, ମୁଁ ମୋ ବକ୍ଷରୁ କ୍ଷୀର ଦେଇ ତୋତେ ଗଢ଼ିଛି। କ'ଣ ଉଣା ଅଛି ତୋ ବାପାଙ୍କର ରକ୍ତରେ ନା ମୁଁ ପିଆଇଥିବା ମୋ କ୍ଷୀରରେ...? ତୁ ... ବିଶେଷ... ବିଶେଷ କାର୍ଯ୍ୟ ପାଇଁ ଏ ଦୁନିଆଁକୁ ଆସିଛୁ...

ଠିକ୍ କର୍ମ କରି ଚାଲିଥିଲେ ସଫଳତା ତୋ ପଛରେ ଗୋଡାଇ ଆସିବ....। ମୁଁ ତୋର ମାଆ ଜନ୍ମଦାତ୍ରୀ... ଯା' କହୁଛି ଜୀବନର ଏ ବାସ୍ତବତା...ତୋ ବାପାଙ୍କର ପାଦଚିହ୍ନକୁ ଅନୁସରଣ କରି ଚାଲ୍...ଦେଖିବୁ... ସଫଳତା ତୋତେ ବିଜୟ ମୁକୁଟ ପିନ୍ଧାଇ ଏକ ବିଶେଷ ସ୍ଥାନରେ ପହଞ୍ଚାଇବ...।

ବୋଉର କଥାରେ ମନ୍ତ୍ରମୁଗ୍ଧ ହୋଇଗଲା ବିଶେଷ...ତା' ମନରୁ ଅହେତୁକ ଆଶଙ୍କା ଭୟ ସହିତ ଉଦାସୀନତା ଦୂର ହୋଇଗଲା...ସେ ସାମ୍ନାରେ ଦେଖୁଥିଲା ତା' ବାପାଙ୍କର ମୁହଁ... ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ .... ତାର ଗନ୍ତବ୍ୟ ପଥରେ....ସ୍ପଷ୍ଟ ଦେଖୁଥିଲା ...କେବଳ ତା' ବାପା ଛାଡ଼ି ଯାଇଥିବା ସେ ପାଦଚିହ୍ନ ସବୁକୁ ...।


+ କୋହି,ବାରିପଦା,ମୟୂରଭଞ୍ଜ,
ମୋ: ୮୦୧୮୩୫୩୩୨୨


# ଅଫେରା ପକ୍ଷୀ


ପ୍ରଫୁଲ୍ଲ ବାରିକ




ଚାକିରୀ ଥିବାବେଳେ ଚେୟାର ଖଣ୍ଡିଏ ପକେଇ ଯୋଉଠି ବସିବାକୁ ମୁହୂର୍ତ୍ତେ ସମୟ ମିଳୁ ନଥିଲା, ଚାକିରୀ ଅନ୍ତେ ଅବସର ଜୀବନ ଏବେ ସେଇଠି, ପୋର୍ଟିକୋରେ । ବିତୁଛି ଦିନର ଅର୍ଦ୍ଧାଧିକ ସମୟ। ଖାଲି ଖାଇବା ଶୋଇବା ସମୟକୁ ଛାଡି। ସକାଳେ ଶେଜଛାଡି ନିତ୍ୟକର୍ମ ଅନ୍ତେ ଚେୟାର ପଡିବ । ଚାଆ ନେଇ ପହଂଚେଇବେ ବୋହୁ। ଆକାଶରେ ଉଇଁ ଆସୁଥିବେ ବାଳରବି । ନାଲି କିରଣ ଅବିର ବୋଳୁଥିବ ଧରଣୀ ଦେହରେ । ଗେଟ ବାହାରେ ରୋଡ଼ କଡ଼କୁ ବୀରାଟ କଦମ୍ବ ଗଛ । ପତ୍ରଭରା ଶାଖା ପ୍ରଶାଖା ଝାଙ୍କି ରହିଥିବ ଚାରିପାଖକୁ । ସବୁଜ ପତ୍ର ଗହଳରୁ ହଟିନଥିବ ସମ୍ପୂର୍ଣ୍ଣ ଅନ୍ଧାର । ସେଇ ସମୟକୁ ପକ୍ଷୀ ମାନଙ୍କର ଲାଗିବ ପ୍ରଭାତି ହାଟ । ଦିନର ଅୟମାରମ୍ଭ ସେମାନଙ୍କର ସେଇଠୁ। କିଚିରି ମିଚିରିରେ ପୂରି ଉଠୁଥିବ ସ୍ଥାନଟି । ଚାଆ କପ ହାତରେ ନୈସର୍ଗିକ ଶୋଭାର ଅନୁଭବ ନେଉଥିବେ କୃପାସିନ୍ଧୁ। ସକାଳଟା ବିତିବ ଇମିତି । ଦିନ ଦଶକୁ ଉଠିବେ। ସ୍ନାନସାରି ଜଳଖିଆ ପରେ ପୁଣି ଉପବେଶନ ସେଠି। ଏଥର ଆସି ସାରିଥିବ ଖବର କାଗଜ । ଦେଖୁ ଦେଖୁ ବାରଟା। ତା ପରେ ଭୋଜନ। ଏହା ନିତି ଦିନର ନିର୍ଘଣ୍ଟ ରୁଟିନ।

କେଇଦିନ ହେବ ବୋହୁ ଦେଖୁଛନ୍ତି ବାପା ସବୁବେଳେ ଅନ୍ୟମନସ୍କ। ପେପର ହେଉ କି ପତ୍ରିକାରେ ନାଇଁ ମନୋନିବେଶ। ବାରବାର ଗ୍ରିଲଦେଇ ଅନଉଛନ୍ତି ବାହାରକୁ। ଅନାଉଛନ୍ତି ସାମ୍ନାରେ ଟଙ୍ଗା ଯାଇଥିବା ପକ୍ଷୀବସା ମାଟିହାଣ୍ଡିକୁ । ବୋହୁଯେ ଜାଣନ୍ତି ନାହିଁ ଏହାର କାରଣ ତା ନୁହେଁ, ଜାଣି ଅଜଣାରେ ପଚାରନ୍ତି, ବାପା, କାହାକୁ ଅପେକ୍ଷା ରଖିଛନ୍ତି କି? ଅଛିକି କାହାର ଆସିବାର? କୃପାସିନ୍ଧୁଙ୍କ ମୁହଁରେ ଅବଶୋଷ, କାହାକୁ ଖୋଜିବି ଆଉ? ସେଇତ ଗୋଟିଏ ଜୀବ ଯାହାକୁ ହରେଇ ଜୀବନଟା କେଇଦିନ ହେବ ପୂର୍ଣ୍ଣତା ଭିତରେବି ଲାଗୁଚି ଅପୂର୍ଣ୍ଣ ଅପୂର୍ଣ୍ଣ। କୌଣସିଥିରେ ନା ଅଛି ମନ, ନା ଆନ୍ତରିକତା । ଏକପ୍ରକାର ପାପବୋଧ ଆଚ୍ଛନ୍ନ କରି ରଖିଛି ମୋତେ । ମୁଁ କ୍ଷମା କରିପାରୁନି ନିଜକୁ । ଯେତେ ସଫେଇ ଦେଲେବି ବୁଝୁନି ମନ । ପକ୍ଷୀଟାର ଦୁର୍ଦ୍ଦିନ ପାଇଁ ଦାୟି ମୁଁ । ମୁଁ ତାକୁ ଏଠି ଠାବ ନଦିଏ, ତା ସଂସାର ଅବେଳରେ ଉଜୁଡି ନଯାଏ । ତା ଦୁଃଖର କାରଣ ମୁଁ ନୁହେଁ ତ ଆଉ କିଏ? ବୋହୁ ବୁଝାନ୍ତି, ତମେତ ତାକୁ ଜାଗା ଦେଇଛ । ବସା ବାନ୍ଧିବାରେ ସହାୟତା କରିଛ। ତା ସଂସାର ଏକପ୍ରକାରେ ତମେ ବସେଇଚ । ଭାଙ୍ଗିନାତ? ତମର ଦୋଷ କୋଇଠି? ଖାଲିଟାରେ ଆପଣା ମଥାକୁ ଟାଣି ନେଉଛ ସବୁଦୋଷ । ଛାଡ଼, ସାମାନ୍ୟ ପକ୍ଷୀଟା । ତା ପାଇଁ ଏତେ ଚିନ୍ତିତ ହେବା ଅନାବଶ୍ୟକ । ସେମାନଙ୍କ ଜୀବନଇ ଏଇଆ । ଭଙ୍ଗାଗଢ଼ା ସେମାନଙ୍କ ନିତ୍ୟ ନୈମିତ୍ତିକ ।

ବୋହୁ ସମୟ ନଷ୍ଟ ନକରି ଚାଲି ଯାଆନ୍ତି ତାଙ୍କ କାମରେ । କୃପାସିନ୍ଧୁଙ୍କ ଚିନ୍ତାରେ ପଡ଼େନା ଧୂଳୀଟିପେ। ପରିବର୍ତ୍ତନତ ଦୂର ।

ଭାସିଉଠେ ଦୃଶ୍ୟ ଆଖିରେ । କେଇଦିନ ତଳେ ପୋର୍ଟିକୋରେ ବସିଥିବା ବେଳେ ପକ୍ଷୀଟି ଆସି ବସେ ଗ୍ରିଲରେ । ତାଙ୍କଠୁ ହାତପାହାନ୍ତା ଦୂରତାରେ । ସୁନ୍ଦର ପକ୍ଷୀଟି । ଆଗରୁ କୋଉଠି ଦେଖିବାପରି ମନେ ପଡ଼େନା । କୃପାସିନ୍ଧୁ ନଜରଟିଏ ପହଁରେଇ ତା ଉପରୁ ହଜିଯାଆନ୍ତି ପଢାକର୍ମରେ । ଭାବିଯେ, ଇଛାକରି ବସିଛି। ଇଛାହେଲେ ଉଡିଯିବ । ପକ୍ଷୀ ଉଡ଼େନା, କି ଯାଏନା ଅନ୍ୟତ୍ର । ଅନେଇରହେ କୃପାସିନ୍ଧୁଙ୍କୁ ସ୍ଥିର ଦୃଷ୍ଟିରେ । ଦିନେ ନୁହେଁ କି ଦୁଇଦିନ, ଏକା ଅବସ୍ଥାର ପୁନରାବୃତ୍ତି ଘଟେ ଦିନଦିନ। ଶେଷକୁ ବାଧହେଇ କୃପାସିନ୍ଧୁ ଭାବିଲେ ପକ୍ଷୀଟି ସମ୍ପର୍କରେ । କ'ଣପାଇଁ ସିଏ ଅନେଇ ରହୁଛି ତାଙ୍କୁ ନିଡରରେ ଏତେ ନିକଟରୁ? କିଛି ଚାହୁଁଛିକି ତାଙ୍କଠୁଁ? କି ପ୍ରକାର ସାହାଯ୍ୟ ଆବଶ୍ୟକ ତାର? ଏଣିକି ଆଉଗୋଟେବି ଆସିକି ଯୋଗ ଦେଲାଣି ତା ସହ । ଦୁହେଁ ଯୋଡିହେଇ ବସି ଅନେଇ ରହୁଛନ୍ତି ତାଙ୍କୁ । କୃପାସିନ୍ଧୁ ପକ୍ଷୀଯୋଡିଙ୍କୁ ଦେଖିବା ପରେ ସକାରାତ୍ମକ ଭାବନାଟିଏ ଆସିଲା ମଥାକୁ । ଘରେ ଅଦରକାରୀ ହେଇ ପଡ଼ିଥିବା ପୁରୁଣା ମାଟିହାଣ୍ଡିଟିଏ ଆଣି ଶିକାରେ ଥୋଇ ଟାଙ୍ଗିଦେଲେ ଗ୍ରିଲରେ । ପରଦିନ ଦେଖିଲେ ପକ୍ଷୀଦୁଇଟି ବସିଛନ୍ତି ଆରାମରେ ତା ଭିତରେ । ଗୃହ ପ୍ରବେଶ ହେଇସାରିଛି ତତକ୍ଷଣାତ ତାଙ୍କର। କୃପାସିନ୍ଧୁ ଧନ୍ୟବାଦ ଦେଲେ ନିଜକୁ ପକ୍ଷୀର ମନକଥା ବୁଝି ତାଙ୍କ ଆବଶ୍ୟକତା ପୂରଣ କରିଥିବାରୁ ।

ଦିନ ଗଡିଚାଲେ । କୃପାସିନ୍ଧୁ ଆଉ ଧ୍ୟାନ ଦିଅନ୍ତିନି ତାଙ୍କ ଆଡ଼େ । ହଠାତ ଦିନେ ଶୁଭିଲା ଶାବକ ମାନଙ୍କର ଚିଁ ଚିଁ ଶବ୍ଦ । କୃପାସିନ୍ଧୁଙ୍କୁ ବୁଝିବାକୁ ବାକୀ ରହିଲାନି ପରିବାରର ପ୍ରଗତି ସମ୍ପର୍କରେ । ତାଙ୍କ ମନରେ ଆନନ୍ଦର ଉର୍ମି । ଏଥିପାଇଁଯେ ସେ ଥଇଥାନ କରିପାରିଛନ୍ତି ଗୋଟେ ପକ୍ଷୀ ପରିବାରକୁ । ଏଣିକି ନିଇତି ବୁହା ଚାଲିଲା ବାପ ମାଆଙ୍କର ଅଧାର ଶ୍ୱାକଙ୍କ ପାଇଁ ।

ସଭିଙ୍କ ଜୀବନଚକ ଗଡେନା ସମାନ୍ତର ରାସ୍ତାରେ ସର୍ବଦା । ଆସିଲା ଦୁର୍ଦ୍ଦିନ ପକ୍ଷୀ ଜୀବନରେ । ପୋର୍ଟିକୋ ପାଖରୁମରେ ଶୁଅନ୍ତି କୃପାସିନ୍ଧୁ । ଦିନେ ରାତି ଅଧକୁ ଧୁସକରି ବୀରାଟ ଶବ୍ଦଟିଏ ହେଲା ଏବଂ ତା ସହ ପକ୍ଷୀଡେଣାର ଫଡଫଡ ଶବ୍ଦ । କୃପାସିନ୍ଧୁଙ୍କର ସନ୍ଦେହ ହେଲା । ଟର୍ଚ୍ଚନେଇ ଦେଖନ୍ତିତ ଶିକାରେ ଦୋହଲୁଛି ଖାଲିହାଣ୍ଡି । ନାହାନ୍ତି ପକ୍ଷୀ ପରିବାର । ଟିକି ଟିକି କୁଣ୍ଡାପର ସବୁ ଭିଣାତୁଳା ପରି ଉଡୁଛି ଇତସ୍ତତଃ। ପଡିଛିବି ଏଣେତେଣେ ମାଟିରେ । ଅନତି ଦୂରରେ ବିଲେଇଟା ବସି ଚାଟୁଛି ଜିଭ ବୁଲେଇ ଆପଣା ମୁହଁକୁ । ଦୃଶ୍ୟ ସଫା ହେଇଗଲା କୃପାସିନ୍ଧୁଙ୍କ ଆଖିରେ । ରହିଲାନି ଅବୁଝା । ଅନେଇଲେ କଦମ୍ବ ଗଛକୁ। ଆଖି ଫେରେଇ ପୁଣି ଚାରିଆଡକୁ । ନଥିଲେ ବାପ ମାଆ । ଜୀବନ ବଂଚେଇ ଉଡି ଯାଇଛନ୍ତି କାଇଁ କେଉଁଠିକୁ । ଫେରି ଆସିଲେ ବିଛଣାକୁ କୃପାସିନ୍ଧୁ । ଅବଶିଷ୍ଟ ରାତି ସେ ଶୋଇ ନାହାନ୍ତି । ଭାବନା ଭାବନାରେ କଟିଚି ରାତି । କିଏ ଯିମିତି ଆଙ୍ଗୁଳି ନିର୍ଦ୍ଦେଶରେ କହୁଛି ତାଙ୍କୁ, ସିଏତ ପ୍ରକୃତିର ପ୍ରାଣୀ । ତୁ କାହିଁକି ଆଣୁଥିଲୁ ତାଙ୍କୁ ପାଖକୁ? ଦେଉଥିଲୁ ସ୍ଥାନ ତୋ ଡେରାରେ? ପାରିଲୁକି ଦେଇ ଆବଶ୍ୟକ ନିରାପତ୍ତା? ସେବେଠୁ ଅପରାଧବୋଧ ଘାରିଛି ତାଙ୍କ ମନକୁ । ଯେତେ ସଫେଇ ଦେଲେବି ବୁଝୁନି ମନ। ଅପେକ୍ଷା ରଖିଛନ୍ତି ପକ୍ଷୀ ଦମ୍ପତ୍ତିଙ୍କ ଫେରିବାକୁ । ଫେରିଲେ ଯାଇ ସେ ମୁକ୍ତି ପାଇବେ ପାପରୁ । ଶାନ୍ତିରେ ମାରିବେ ନିଶ୍ୱାସ । ଅନଉ ଅନଉ ବିତିଲାଣି ମାସଟିଏ । ଫେରିବାତ ଦୂର, ଦେଖୁନି ତାଙ୍କୁ ଗୋଟା ଇଲାକାରେ । ବାଡ଼ି ବଗିଚା, ଗଛବୃଛ ସବୁ ଖୋଜିଲେଣି । ସମସ୍ତେ ଅଛନ୍ତି ତାଙ୍କୁ ଛାଡି । ତେବେବି ମନରୁ ଯାଇନି ଆଶା । ଭରସାରେ ଅଛନ୍ତି ଦିନେ ସେମାନେ ଫେରିବେ । ଏଣିକି ପୋର୍ଟିକୋରେ ବସିବା ସମୟଟା ବିତୁଛି ଅପେକ୍ଷା ଅପେକ୍ଷାରେ । ଅନ୍ୱେଷଣରେ ଆକାଶ ଗୋଟା । ଅପେକ୍ଷାରେଯେ କି ଯନ୍ତ୍ରଣା, ବୁଝନ୍ତି କୃପାସିନ୍ଧୁ । ତାଙ୍କ ଭିନ୍ନେ ଆଉ କେହି ନୁହେଁ । କେହିବି...।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଛାତ୍ର ଛାତ୍ରୀଙ୍କ ସଫଳତା



ବାସୁଦେବପୁର,୦୪/୫(ନି. ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା କଟକ ଦ୍ୱାରା ପରି ଚାଳିତ ବାର୍ଷିକ ହାଇସ୍କୁଲ ପରୀକ୍ଷା ୨୦୨୪-୨୫ର ଫଳାଫଳ ଗତ ମଇ ଦୁଇ ତାରିଖ ରେ ପ୍ରକାଶିତ ହେଇଥିଲା। ପ୍ରକାଶିତ ଫଳାଫଳ ଅନୁସାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାସୁଦେବପୁର, ଭଦ୍ରକରୁ ୩୬ ଜଣ ଛାତ୍ର ଛାତ୍ରୀ ବାର୍ଷିକ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ଏ ୱାନ୍ ତିନି ଜଣ, ଏ ଟୁ ସାତ ଜଣ, ବି ୱାନ ଚଉଦ ଜଣ, ବି ଟୁ ସାତ ଜଣ, ସି ଦୁଇ ଜଣ, ଡି ତିନି ଜଣ ଶତ ପ୍ରତିଶତ ଶିଶୁ ଭାଇ ଭଉଣୀ ପାସ୍ କରିଛନ୍ତି। ଏଥିସହିତ ସୁଶ୍ରୀ ଦୀପ୍ତିରାଣୀ ନାୟକ ୫୬୮ ଏ୧ , ଶ୍ରୀମାନ ସ୍ୱୟଂ ପ୍ରକାଶ ପ୍ରଧାନ ୫୪୬ଏ ଓ ଶ୍ରୀମାନ ବିଭୁଦତ୍ତ ରଣା ୫୪୨ ଏ୧ ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଏହି ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟର ମାନ ବୃଦ୍ଧି କରି ଥିବାରୁ ସେବା ବ୍ରତୀ ଆଚାର୍ଯ୍ୟ ଗୁରୁଜୀ ଗୁରୁମା ଓ ପରିଚାଳନା ସମିତି ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଛନ୍ତି। ୨୦୧୨ ମସିହା ଠାରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି ଓ ଭଦ୍ରକ ଜିଲ୍ଲାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଭାବରେ ପରି ଗଣିତ ହୋଇ ପାରିଛି। ସେହିପରି ବାସୁଦେବପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦୂର୍ଗେଶ ନନ୍ଦିନୀ ବାରିକ୍ ୫୬୦ ନମ୍ବର ରଖି ଏ୧ ଗ୍ରେଡ ଲାଭ କରିଛନ୍ତି। ସେହିପରି ବାରାପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ବିଶ୍ୱଜିତ୍ ସାହୁ ୫୬୦ ନମ୍ବର ରଖି ଏ୧ ଗ୍ରେଡ ଲାଭ କରିଛନ୍ତି। ବିଶ୍ୱଜିତ୍ଙ୍କ ପିତା ବୁଦ୍ଧିରାମ ସାହୁ ବାରାପୁର ହାଇସ୍କୁଲରେ ଶିକ୍ଷକ ଚାକିରୀ କରିଛନ୍ତି। ବିଶ୍ୱଜିତ୍ଙ୍କ ମାଆ ତପସ୍ୱିନୀ ସାହୁ ଓ ଭଉଣୀ କଲେଜରେ ପଢୁଛନ୍ତି। ଭବିଷ୍ୟତରେ ଡ଼ାକ୍ତର ହୋଇ ରୋଗୀ ମାନଙ୍କ ସେବା କରିବେ ବୋଲି ବିଶ୍ୱଜିତ୍ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଂଟ

## ଦ୍ୱାଦଶ ଲିଗ୍ ମ୍ୟାଚରେ ଓମ୍ ପ୍ରସାଦ ଦାସ ମ୍ୟାନ ଅଫ ଦି ମ୍ୟାଚ

କେନ୍ଦ୍ରାପଡ଼ା ,୦୪/୫(ନି. ପ୍ର): ଟେକନ୍ଦ୍ରାପଡ଼ା ଜିଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟେର ବିଜୁ ପଟନାୟକ ଷ୍ଟାଡିୟମର୍ରେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ (୧୫ବଷର୍ରୁ କମ) କ୍ରିକେଟ ଟୁର୍ଣ୍ଣାମେଂଟର ଦ୍ୱାଦଶ ଲିଗ ମ୍ୟାଚ ସ୍କୁଲ-ଇ ଓ ସ୍କୁଲ-ଏଫ ମଧ୍ୟେର ଖେଳାଯାଇଥିଲା । ଏଥିର୍ରେ ସ୍କୁଲ-ଇ ବିଜୟୀ ହୋଇଛି। ସ୍କୁଲ-ଏଫ ପ୍ରଥେମ ଟସ ଜିତି ବ୍ୟାଟିଂ କରିଥିଲା। ସ୍କୁଲ-ଏଫ ବ୍ୟାଟିଂ କରି ୨୫.୨ ଓଭରେର ୧୧୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବେର ସ୍କୁଲ-ଇ ୨୮.୪ ଓଭରେର ୬ଉଇେକଟ ବିନିମୟେର ୧୧୩ ରନ୍ କରିଥିଲା। ଫଳେର ୪ଉଇେକଟେର ସ୍କୁଲ-ଇ ବିଜୟୀ ହୋଇଥିଲା। ସ୍କୁଲ-ଇ ଦଳର ଓମ୍ ପ୍ରକାଶ ଦାସ ବ୍ୟାଟିଂ କରି ୮୨ବଲେର ୪ଟି ଚୌକା ସହ ୫୨ରନ କରିଥିବା ବେଳେ ୭ ଓଭର ବୋଲିଂ କରି ୨୪ରନ ଦେଇ ୨ଟି ଉଇକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ଅତିଥି ଭାବେ ବରଦା କାନ୍ତ ବରାଳ ଯୋଗେଦଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ଓମ୍ଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଗତକାଲି ଗୁରୁବାର ଏକାଦଶ ଲିଗ ମ୍ୟାଚ ସ୍କୁଲ-ବି ଓ ସ୍କୁଲ-ଡି ମଧ୍ୟେର ଖେଳାଯାଇଥିଲା । ଏଥିର୍ରେ ସ୍କୁଲ-ଡି ବିଜୟୀ ହୋଇଥିଲା। ସ୍କୁଲ-ବି ପ୍ରଥେମ ଟସ ଜିତି ବ୍ୟାଟିଂ କରିଥିଲା। ସ୍କୁଲ-ବି ବ୍ୟାଟିଂ କରି ୨୧.୧ ଓଭରେର ୯୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବେର ସ୍କୁଲ-ଡି ୧୯.୨ ଓଭରେର ୪ଉଇେକଟ ବିନିମୟେର ୯୫ ରନ୍ କରିଥିଲା। ଫଳେର ୬ଉଇେକଟେର ସ୍କୁଲ-ଡି ବିଜୟୀ ହୋଇଥିଲା। ସ୍କୁଲ-ଡି ଦଳର ସାଗର କୁମାର ଦାସ ୭ଓଭର ବୋଲିଂ କରି ଗୋଟିଏ ମେଡେନ ସହ ୧୯ରନ ଦେଇ ୫ଟି ଉଇେକଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ଅତିଥି ଭାବେ କେନ୍ଦ୍ରାପଡାର ପୂର୍ବତନ କ୍ରିକେଟର ମେନାଜ କୁମାର ସାହୁ ଯୋଗେଦଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ସାଗରଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

ଅନୁପ କୁମାର ରାଉତ ଓ ବିଶ୍ୱଜିତ ଅଧିକାରୀ ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ । ସ୍କୋରର ଭାବେ ଚିରନ୍ଜିବୀ ବରାଳ କାର୍ଯ୍ୟ ତୁଲାଇଥିବା ବେଳେ ସମିର ମହାପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟେର ଜିଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ନେତୃତ୍ୱେର ପ୍ରଫୁଲ୍ଲ କୁମାର ମଲ୍ଲିକ, ଆକବର ଅଲ୍ଲୀ ଖାଁ, ପ୍ରଣବ କୁମାର ଦାସ, ହରିହର ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଡ୍ରେନ ସଫା ହେଉନି: ଅଳିଆ ଆବର୍ଜନା ଯୁକ୍ତ ପାଣି ରାସ୍ତାରେ ଗଡୁଛି



ବାଲିଆପାଳ/ଲଙ୍ଗଳେଶ୍ୱର,୦୪/୫(ନି. ପ୍ର): ବାଲିଆପାଳ ବିଷ୍ଣୁପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ତହସିଲ ପାଖ ରାସ୍ତାର ଉଭୟେ ପଟରେ ଡ୍ରେନ ସଫା ହେଉ ନ ଥିବାରୁ ଏବେ ସାମାନ୍ୟ ବର୍ଷାରେ ଡ୍ରେନର ଆବର୍ଜନା ଓ ଆବର୍ଜନା ମିଶା ପାଣି ସେଠାରେ ଥିବା ରାସ୍ତାରେ ଗଡୁଛି। ଫଳରେ ରାସ୍ତା କଡ଼ ବାସିନ୍ଦା ଓ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ହଇରାଣ ହରକତ ହେଉଛନ୍ତି। ଡ୍ରେନର ଦୁର୍ଗନ୍ଧ ଯୁକ୍ତ ପାଣି ରାସ୍ତାରେ ଗଡ଼ିବା ଯୋଗୁଁ ସ୍ଥାନୀୟ ପରିବେଶଟି ପୂତି ଗନ୍ଧମୟ ହୋଇ ଉଠିଛି। ଏଠାରେ ଡ୍ରେନ ଉପରେ ପକ୍କା ପ୍ଲେଟ ଢାଙ୍କୁଣୀ ନ ଥିବାରୁ କେତେକ ମୁଷ୍ଟିମେୟ ଲୋକ ସେମାନଙ୍କର ଅନା ବନା ଆବର୍ଜନା ଡ୍ରେନରେ ପକାଉଛନ୍ତି। ଫଳରେ ଡ୍ରେନଟି ଅଳ୍ପ ଦିନରେ ପୂରି ଯାଉଛି। ଡ୍ରେନରେ ଢାଙ୍କୁଣୀ ଓ ଡ୍ରେନ ସଫା ନେଇ ସ୍ଥାନୀୟ ବାସିନ୍ଦା ଅଜୟ କୁମାର ବାରିକ, ସେକ ସୈଫ ଉଦ୍ଦିନ, ବଂଶୀଧର ସେଠୀ, ସୁଧୀର କୁମାର ସାହୁ, ସେକ ଅନି ରୁଦ୍ଦିନ, ସେକ କୁତ ବୁଦ୍ଦିନ ପ୍ରମୁଖ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବାଲିଆପାଳ ସରପଞ୍ଚଙ୍କୁ ବାରଂବାର ଜଣାଇବା ସତ୍ତ୍ୱେ କୌଣସି ପ୍ରତିକାର ହେଉ ନାହିଁ। ତେବେ ଏନେଇ କୌଣସି ଅର୍ଥ ବିନିଯୋଗ କରିବାକୁ ନାହିଁ ବୋଲି ସରପଞ୍ଚ କହିଥିବାବେଳେ କାମ ପାଇଁ ଅର୍ଥ ବ୍ୟୟ ବରାଦ କରାଯାଇଛି, ଅନୁମୋଦନ ମିଳିଲେ କାମ ହେବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି।

# ଜନକଲ୍ୟାଣକାରୀ ସଂଗଠନ 'ସହାୟକ' ପକ୍ଷରୁ ବୈଠକ



ବାଲେଶ୍ୱର,୦୪/୫(ନି. ପ୍ର): ବାଲେଶ୍ୱରର ଏକ ପ୍ରମୁଖ ଜନକଲ୍ୟାଣକାରୀ ସଂଗଠନ 'ସହାୟକ'ର ମାସିକିଆ ବୈଠକ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। 'ସହାୟକ' ଦୀଘ ୨୦ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା - ରକ୍ତଦାନ ଶିବିର, ପାନୀୟ ଜଳଦାନ, ବୃକ୍ଷରୋପଣ, ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ, ଝିଅଙ୍କ ବାହାଘର ପାଇଁ ସାହାଯ୍ୟ, ଦରିଦ୍ର ନାରାୟଣ ସେବା, ଗରିବ ମେଧାବୀ ପିଲାମାନଙ୍କୁ ସହାୟତା ଓ ଗରିବ ଲୋକଙ୍କ ଚିକିତ୍ସା ପାଇଁ ସାହାଯ୍ୟ ପ୍ରଭୃତି ଜନହିତକର କାର୍ଯ୍ୟ କରିଆସୁଅଛି। ଆଜିକାର ଏହି ବୈଠକରେ ସଂପାଦକ ଇଂ. ଡ. ହୃଷିକେଶ ସାହୁ ବିବରଣୀ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପୂର୍ବ ନିଷ୍ପତ୍ତି ଅନୁସାରେ ଏପ୍ରିଲ୍ ୧ରୁ ତୃଷାର୍ତ୍ତମାନଙ୍କୁ ଜଳଦାନ କାର୍ଯ୍ୟକ୍ରମ ଚାଲୁଅଛି। ଏହା ଜୁନ୍ ୧୫ ପର୍ଯ୍ୟନ୍ତ ଚାଲୁରହିବ ବୋଲି ସମ୍ପାଦକ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ନୂତନ ଭାବେ ପୃଷ୍ଠପୋଷକତା ଗ୍ରହଣ କରିଥିବା ସଭ୍ୟ ଦୟାନିଧି ବିଶ୍ୱାଳ ଓ କାମିନୀକାନ୍ତ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିବାବେଳେ ୮୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବରିଷ୍ଠ ସଭ୍ୟ କୃଷ୍ଣ ଚନ୍ଦ୍ର ପାତ୍ର ଓ ଅମ୍ବିକା ପ୍ରସାଦ ପିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମାନପତ୍ର ଅକ୍ଷୟ କୁମାର ତ୍ରିପାଠୀ ଓ ଗଙ୍ଗାଧର ପୃଷ୍ଟି ପାଠ କରିଥିଲେ। ସର୍ବଶ୍ରୀ ଅକ୍ଷୟ କୁମାର ତ୍ରିପାଠୀ, ଗଙ୍ଗାଧର ପୃଷ୍ଟି, ଗୁଣାକର ଦେ, ରବିନାରାୟଣ ଭୋଳ, ସୁରେନ୍ଦ୍ର ପ୍ରସାଦ ଧଳ, ରମେଶ ଚନ୍ଦ୍ର ଜେନା, ଶ୍ରୀରାମ ପ୍ରସାଦ ଦାଶ, ଡା. ତାରାକାନ୍ତ ନନ୍ଦ, ଦିବାକର ମହାପାତ୍ର, ଭବେଶ ଚନ୍ଦ୍ର ପଣ୍ଡା, ସାବିତ୍ରୀ ଦାସ, ଅମ୍ରିତା ଦାଶ, ପ୍ରଣିତା ମିଶ୍ର, ପ୍ରଫୁଲ୍ଲ କୁମାର ଦାସ, ନିରଞ୍ଜନ ପରିଡ଼ା, ଶଶାଙ୍କ ଶେଖର ଦତ୍ତ, ନିରଞ୍ଜନ ପଣ୍ଡା, ଜ୍ଞାନେନ୍ଦ୍ରନାଥ ସାହୁ, ଦାମୋଦର ନାୟକ, ସେକ୍ ଆଲ୍ଲାଉଦ୍ଦିନ୍, ରବି କୁମାର ପାଣିଗ୍ରାହୀ, ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଶେଷରେ ଉପସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରାଜଧାନୀରେ ଜିଲ୍ଲା ସ୍ୱାର୍ଥ ପାଇଁ ଲଢ଼ିବ 'ଏକତ୍ର ବାଲେଶ୍ୱର'



ଭୁବନେଶ୍ୱର,୦୪/୫(ନି. ପ୍ର): ବାଲେଶ୍ୱରରେ ସରକାରୀ ଇଞ୍ଜିନିୟରିଂ କଲେଜ ଓ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ନାଇପର) ପ୍ରତିଷ୍ଠା ନେଇ ଦାବି କରାଯିବ। ଉତ୍ତର ଓଡ଼ିଶାରେ ଗୋଟିଏ ବି ସରକାରୀ ଇଞ୍ଜିନିୟରିଂ କଲେଜ ନାହିଁ । ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକର ମଧ୍ୟସ୍ଥଳୀ ହୋଇଥିବାରୁ ସେଠାରେ ଏକ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେଉ। ବ୍ରହ୍ମପୁରରେ ଆଇଜର, ଜଟଣୀରେ ନାଇଜର, ରାଉରକେଲାରେ ଏନଆଇଟି ଓ ସମ୍ବଲପୁରରେ ଆଇଆଇଏମ୍ ଓ କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ମାତ୍ର ବାଲେଶ୍ୱରରେ କୌଣସି ବଡ଼ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ନାହିଁ । ତେଣୁ ନାଇପର ବାଲେଶ୍ୱରରେ ପ୍ରତିଷ୍ଠା ହେଉ। ଏହା ସହିତ ଦୀର୍ଘ ଦିନ ହେବ ଦାବି ହେଉଥିବା ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ବାଲେଶ୍ୱରରେ ହେଉ। ଏଭଳି ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଦାବୀଗୁଡିକ ପାଇଁ ଆଗାମୀ ଦିନରେ ରାଜଧାନୀରେ ଲଢ଼େଇ କରିବ 'ଏକତ୍ର ବାଲେଶ୍ୱର' । ଜନ୍ମମାଟିର ଉନ୍ନତି ପାଇଁ ସଂଗ୍ରାମ ଜାରି ରଖିବ। ଏହା ସହିତ ଆଗାମୀ ଦିନରେ ଏକ ମିଳନ ମେଳା କରାଯିବ ବୋଲି ଏକତ୍ର ବାଲେଶ୍ୱରର ଆବାହକ ତଥା ରୋଟାରିଆନ୍ ସରୋଜ କୁମାର ଦାଶ କହିଛନ୍ତି। ଶନିବାର ରାଜଧାନୀର ଏକ ହୋଟେଲରେ ଏକତ୍ର ବାଲେଶ୍ୱରର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶୀଘ୍ର ଅନୁଷ୍ଠାନର ପରିଚାଳନା କମିଟି, ଅଭ୍ୟର୍ଥନା କମିଟି, ଅର୍ଥ କମିଟି ଓ ସାଂସ୍କୃତିକ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ପ୍ରଫେସର ଅଦ୍ୱୈତ ପାତ୍ର, ସ୍ତମ୍ଭକାର ସୁଦର୍ଶନ ଦାସ, ବିଶିଷ୍ଟ ଅଭିନେତା ପ୍ରେମାଞ୍ଜନ ପରିଡ଼ା, ଶିଳ୍ପୀ କେଶୁ ଦାସ, ପଞ୍ଚାନନ ସାମଲ, ଶିକ୍ଷାବିତ୍ ଡ ବିନୋଦିନୀ ପାତ୍ର, ନିରଞ୍ଜନ ଚନ୍ଦ୍ର ପଣ୍ଡା, ଗୌରୀଶଙ୍କର ପଣ୍ଡା, ବିଶ୍ୱନାଥ ମହାନ୍ତି, ବରିଷ୍ଠ ସାମ୍ବାଦିକ ରାମଜୀବନ ଗୋଛାୟତ, ଭାସ୍କର୍ଯ୍ୟ ଶିଳ୍ପୀ ଜୟନ୍ତ କୁମାର ଦାସ, ବିରୋଜ କୁମାର ରାଉତ, ସ୍ମିତା ବେହେରା, ସ୍ୱାତୀ ବିଶ୍ୱାଳ, ମେଘାଦାପ୍ତି ମହାପାତ୍ର, ପ୍ରଭଞ୍ଜନ ମହାନ୍ତି, ସଚି ମାଝି, ତୁଷାର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ସଂସ୍କୃତ ଶିକ୍ଷକ ଓ ହିନ୍ଦୀ ଶିକ୍ଷକ ଉଭୟଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ଜଳେଶ୍ୱର,୦୪/୫(ନି. ପ୍ର): ଜଳେଶ୍ୱର ବ୍ଲକ ଆରୁହା ହରପ୍ରସାଦ ଏକାଡେମୀର ସଂସ୍କୃତ ଶିକ୍ଷକ ତଥା ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାସ ଓ ହିନ୍ଦୀ ଶିକ୍ଷକ ଶ୍ରୀଯୁକ୍ତ ନନିଗୋପାଳ ପ୍ରଧାନ ଉଭୟଙ୍କ ଅବସର ଗ୍ରହଣ ଯୋଗୁଁ ସେମାନଙ୍କ ପାଇଁ ବହୁ ଆଡ଼ମ୍ବର ସହକାରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ସାମ୍ବାଦିକ ମନୋଜ କୁମାର ଭୂୟାଁଙ୍କ ମଞ୍ଚ ଆହ୍ୱାନରେ କମିଟିର ସଭାପତି ଗୌରହରି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି।ଶିକ୍ଷକ ମାନେ ହେଉଛନ୍ତି ଉତ୍ତମ ମଣିଷ ତିଆରି କରିବାର କାରିଗର ବୋଲି ଜଳେଶ୍ୱର ବିଡିଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ପଞ୍ଚାୟତର ସଦସ୍ୟା ମଧୁମିତା ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜର କୋହଭରା କଣ୍ଠରେ ବକ୍ତବ୍ୟ ପ୍ରଦାନ କରିଥିଲେ।ସରପଞ୍ଚ ତପନୀ ଭୂୟାଁ, ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ଜଳେଶ୍ୱର ବ୍ଲକ ଓଷ୍ଟା ସାମ୍ପାଦକ ହରେକୃଷ୍ଣ ଜେନା, ଜଳେଶ୍ୱର ବ୍ଲକ ଓଷ୍ଟା ସଭାପତି ସୁକୁମାର ମିଶ୍ର, ପୁରାତନ ଛାତ୍ର ସଂସଦ ସଭାପତି ଲେଲିନ କୁମାର ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ମାହାନ୍ତି, ଅନନ୍ତ କୁମାର ସେନାପତି,ବିନୋଦ ବିହାରି ମହାପାତ୍ର,ଗ୍ରାମ କମିଟି ସଭାପତି ରାମକୃଷ୍ଣ ଭୂୟାଁ,ସିଆରସିସି ମୀନା କୁମାରୀ ପରିଡ଼ା,ଶିକ୍ଷାବିତ ନୃସିଂହ ଚରଣ ପତି,ଆରୁହା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଥିକା ମଞ୍ଜରି କର,ଶିକ୍ଷାବିତ ଦେବ କୁମାର ନନ୍ଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଶୃଙ୍ଖଳା ହେଉଛି ଚରିତ୍ର ଗଠନର ଚାବିକାଠି।ତେଣୁ ତାଙ୍କର ସାଧନା ପଥରେ ଦୀର୍ଘ ୩୮ ବର୍ଷ ଧରି ବିଦ୍ୟାଳୟରେ ଗୁରୁତ୍ୱ ବହନ କରିଛନ୍ତି ବୋଲି ସଂସ୍କୃତ ଶିକ୍ଷକ ପ୍ରସନ୍ନ କୁମାର ଦାସ ଓ ହିନ୍ଦୀ ଶିକ୍ଷକ ନନିଗୋପାଳ ପ୍ରଧାନ ଉଭୟ କୋହଭରା କଣ୍ଠରେ ବକ୍ତବ୍ୟ ପ୍ରଦାନ କରିଥିଲେ।ଅବସର ପରେ ବି ନିଜର ଭାବି ପ୍ରତ୍ୟେକ ଦିନ ସ୍କୁଲକୁ ଆସି ଛାତ୍ର ଛାତ୍ରୀ ମାନଙ୍କୁ ଦିଗ୍ଦର୍ଶନ ଦେବେ ବୋଲି କହିଥିଲେ।ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବିନୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହିତ ପୁରାତନ ଛାତ୍ର ସତ୍ୟରଞ୍ଜନ ପତି ଓ ଲକ୍ଷ୍ମୀକାନ୍ତ ପତି ବେଦ ପାଠ କରିଥିଲେ।ଶେଷରେ ଶିକ୍ଷକ ଜଗନ୍ନାଥ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।ଶିକ୍ଷକ ବିଶ୍ୱରଞ୍ଜନ ସିଂହ ଶିକ୍ଷୟିତ୍ରୀ ନିବେଦିତା ଜେନା, କିରାଣି ସୁଧାଂଶୁ ଶେଖର ଭୂୟାଁ ଅଣ ଶିକ୍ଷକ ସଚିନନ୍ଦନ ଦତ୍ତ, ଦୀପକ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।ସମସ୍ତ ଗ୍ରାମବାସୀ ଏବଂ ସମସ୍ତ ପୁରାତନ ଛାତ୍ର ମାନେ ସହଯୋଗ କରିବା ସହିତ ଏକ ଶୋଭା ଯାତ୍ରାରେ ବାଜା ରୋଶଣୀରେ ଦୁଇ ଶିକ୍ଷକଙ୍କୁ ବିଦାୟ ଦେଇ ସେମାନଙ୍କ ନିଜ ଘରେ ଛାଡ଼ିଥିଲେ।

# ଜଗନ୍ନାଥ ସେବା ସଂସ୍ଥାର ୨୪ ତମ ସାମ୍ବତ୍ସରୀକ ଉତ୍ସବ



ବାଲିଆପାଳ,୦୪/୫(ନି. ପ୍ର): ବାଲିଆପାଳ ବ୍ଲକ ଜଗନ୍ନାଥ ସେବା ସଂସ୍ଥାର ୨୪ ତମ ସାମ୍ବତ୍ସରୀକ ଉତ୍ସବ ସ୍ଥାନୀୟ ପାତ୍ର କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ କବି ତଥା ଦୀନକୃଷ୍ଣ ସାହିତ୍ୟ ପରିଷଦର କାର୍ଯ୍ୟକାରୀ ସଭାପତି ବ୍ରଜେନ୍ଦ୍ର ନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟକ ସୁବାସିନୀ ଜେନା ଯୋଗ ଦେଇ ସେବା ଓ ତ୍ୟାଗପୂତ ଜୀବନ ମଣିଷକୁ ସଫଳତାର ଶୀର୍ଷରେ ପହଂଚାଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ କବି ତଥା ସୁଲେଖକ କାଳିକିଙ୍କର ଦାସ,ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଡ଼ ବିଜୟ କୁମାର ଦେ, ଓଡିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ଡ.କାଳିପଦ ପଣ୍ଡା,ଜଗନ୍ନାଥ ସେବା ସଂସ୍ଥାରର ପୃଷ୍ଠପୋଷକ ଶିକ୍ଷାବିତ ଜଗନ୍ନାଥ ପ୍ରଧାନ,ଅଧ୍ୟାପକ ଦୟାନିଧି ସାହୁ,ଶଙ୍କରୀମଣି ପ୍ରଧାନ,ଭୁବନ ମୋହନ ପିଲା ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥ ସେବା ସଂସ୍ଥାର ମୁଖପତ୍ର ଆମ ଗୌରବ ଓ ଜଗନ୍ନାଥ ପ୍ରଧାନଙ୍କ ପୁସ୍ତକ ଅର୍ଘ୍ୟଥାଳୀ ର ଶୁଭ ଉନ୍ମୋଚନ କରାଯିବା ସହିତ ମାଟିର ମହକ କବି କାଳିପଦ ପଣ୍ଡାଙ୍କୁ ସାହିତ୍ୟ କ୍ଷେତ୍ରରେ ନିଜର ପାରଦର୍ଶିତା ପାଇଁ ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ଲେଖକ, କବି ଓ ଶିକ୍ଷାବିତ ଯୋଗଦେଇଥିଲେ । ସଂସ୍ଥାର ସଦସ୍ୟ ଡ଼ ରଶ୍ମିତା ପାଣିଗ୍ରାହୀ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜକୃଷ୍ଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱଶାନ୍ତି ଶନିଶ୍ଚର ମହାଯଜ୍ଞ : ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଧର୍ମଶାଳା,୦୪/୫(ନି. ପ୍ର): ଆଜି ହେଉଛି ଗ୍ରହରାଜ ଶନି ଓଷା। ବିଭିନ୍ନ ଶନି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ । ଆଜିର ଦିନରେ ବ୍ରତ ସହ ଗ୍ରହରାଜଙ୍କ ଉପରେ ଜଳାଭିଷେକ କଲେ ଶନିଙ୍କ କୋପ ପଡିବ ନାହିଁ ବୋଲି ବିଶ୍ୱାସ ରହିଛି। ତେବେ ଆଜି ଶନି ଓଷା ହୋଇ ଥିବାରୁ ଯାଜପୁର ଜିଲାର ସମସ୍ତ ଶନି ମନ୍ଦିରରେ ଭକ୍ତଙ୍କ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଛି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକର ୨୦ରୁ ଊର୍ଦ୍ଧ ଶନି ମନ୍ଦିରରେ ପୂଜାର୍ଚ୍ଚନା ଚାଲି ଥିଲା । ବିଶେଷ କରି ଏହି ବ୍ଲକ ଦେଓଦା ପଂଚାୟତ ବାସୁଦେବପୁର ନିରଘାଟ ଶନି ମନ୍ଦିର ଜିଲାରେ ବେଶ ପରିଚିତ । ଆଜି ଏହି ମନ୍ଦିରରେ ଭୋର ସମୟରେ ପଣ୍ଡିତ ମଦନ ନନ୍ଦ ଓ କମର୍ତ୍ତ ରଂଚନ କୁମାର ପାଣିଙ୍କ ତତ୍ୱବଧାନରେ ବିଶେଷ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ସକାଳୁ ସ୍ଥାନୀୟ ୨୦ ଗୋଟି ପଂଚାୟତର ଶହଶହ ଭକ୍ତ ଏଠାକୁ ଆସି ପୂଜାର୍ଚ୍ଚନା କରିଥିଲେ। ବ୍ରାହ୍ମଣୀର ଶାଖା କେଲୁଅ ନଦୀରୁ ମାନସିକଧାରୀମାନେ କଳସରେ ପାଣି ଆଣି ଶନିଙ୍କ ପରେ ଜଳାଭିଷେକ କରି ଥବବା ଦେକିବାକୁ ମିଳିଥିଲା । ଜଳ ଲାଗି କଲେ ଶନି ପ୍ରସନ୍ନ ହୁଅନ୍ତି ବୋଲି ଭକ୍ତମାନଙ୍କ ପ୍ରଗାଢ ବିଶ୍ୱାସ ରହିଛି। ପରେ ଭକ୍ତମାନେ ଦୀପ ଜାଳି ଶନି ଦେବଙ୍କୁ ନିଜର ଗୁହାରୀ ଶୁଣାଇଥିଲେ । ପୂର୍ବାହ୍ନରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନସମାଗମକୁ ଦୃଷ୍ଟିରେ ରଖି ଧର୍ମଶାଳା ଥାନା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ବିଶେଷ କରି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି । ସେହିପରିଭାବେ ରସୁଲପୁର ବ୍ଲକ ବ୍ରହ୍ମବରଦା ସାପ୍ତାହିକ ହାଟଠାରେ ବିଶେଷ ରତିକାନ୍ତି ଅନୁଯାୟୀ ପୂଜାଚ୍ଚର୍ନା କରାଯାଇଛି । ଭକ୍ତମାନେ ଶହଶହ ସଂଖ୍ୟାରେ ଯୋଗ ଦେଇ ବ୍ରାହ୍ମଣୀ ନଦୀରୁ ଜଳ ଆଣି ଜଳାଭିଷେକ କରିଥିଲେ । ବ୍ରହ୍ମବରଦା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ନିମେନ୍ତ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସେହିପରିଭାବେ ବଡଚଣା ବ୍ଲକ ତାଳୁଆ ବାଲିକୁଦାଠାରେ ଶନି ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିବା ବେଳେ ଶହଶହ ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ ।

# ଭୁବନରେ ୩୭ ତମ ବାଦିପାଲା ମହୋତ୍ସବ

ଭୁବନ,୦୪/୫(ନି. ପ୍ର): ଭୁବନ ଗାୟତ୍ରୀ ପାଲା ମଣ୍ଡପ ଠାରେ ଶ୍ରୀ ଶ୍ରୀ ସତ୍ୟ ନାରାୟଣ ପୂଜା କମିଟି ଆନୁକୂଲ୍ୟରେ ୩୭ ତମ ବାଦୀପାଲା ମହୋତ୍ସବ ଅନୁଷ୍ଠିତ ହେଉଅଛି । ଗତ ୧ ତାରିଖ ଗୁରୁବାର ସଂଧ୍ୟାରେ ସତ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ପରେ ବାଦୀ ପାଲା ଉଦଘାଟିତ ହୋଇଥିଲା । ଗାୟକ ପ୍ରଜ୍ଞା ଓ ଜ୍ଞାନ ବାରିଧି କଳାକାର ନାୟକଙ୍କ ସହିତ ଗାୟକ ଜ୍ଞାନ ସୁଧା ଶ୍ରୀଯୁକ୍ତ ସାରଦା ପ୍ରସନ୍ନ ନାୟକ ସେମାନଙ୍କ ସାଥି କଳାକାରଙ୍କ ସହିତ ପାଲା ପରିବେଷଣ କରୁଛନ୍ତି । ସନ୍ଧ୍ୟା ପରଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ସଂଖ୍ୟକ ଆଧ୍ୟାତ୍ମିକ ପ୍ରେମୀ ଦର୍ଶକ ବାଦୀ ପାଲା ଦେଖୁଛନ୍ତି । ସଭାପତି ହୃଷୀକେଶ ସାହୁ, ସମ୍ପାଦକ ନରେନ୍ଦ୍ର କୁମାର ସାହୁଙ୍କ ସମେତ ଯୁବରାଜ ସକ୍ଷଥୁଆ ମହାପତ୍ର, ସୁରେଶ କୁମାର ସାହୁ, ବ୍ରହ୍ମାନନ୍ଦ ସାହୁ, ବିଶ୍ୱନାଥ ସାହୁ, ରତିକାନ୍ତ ସାହୁ, ଲଳିତ କୁମାର ମିଶ୍ର, ଅଜୟ କୁମାର ସେଠୀ, ବିଜୟ କୁମାର୍ ସାହୁ, ପଞ୍ଚାନନ ଓଝା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗରେ ପାଲା ପରିବେଷଣ ହେଉଛି । ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ପାଲା ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି ।

# ଦୁବଲାଗଡି ଗ୍ରାମ ପଞ୍ଚାୟତରେ ବିଭିନ୍ନ ଉନ୍ନତି ମୂଳକ ପ୍ରକଳ୍ପର ଶିଳାନ୍ୟାସ କଲେ ସଦର ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୦୪/୫ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦୁବଲାଗଡି ପଞ୍ଚାୟତର ଜନସାଧାରଣଙ୍କ ପାଇଁ ବିକାଶର ନୂତନ ପଥ ପ୍ରଦର୍ଶନ କରିଛନ୍ତି ବିଧାୟକ ମାନସ କୁମାର ଦତ୍ତ। ଏହି ପରିପ୍ରେକ୍ଷୀରେ ସଂଖ୍ୟାଧିକ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବିଧାୟକ ଶ୍ରୀ ଦତ୍ତ । ଏଥି ମଧ୍ୟରେ ବାଲେଶ୍ୱର ସଦର ପଞ୍ଚାୟତ ସମିତି ପକ୍ଷରୁ ଦାନା ଯୋଜନାରେ ଏକ ଲକ୍ଷ ୨୬ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଠାରୁ ସୁଦର୍ଶନ ମାଇତି ଘର ପର୍ଯ୍ୟନ୍ତ ରାସ୍ତା, ବିଧାୟକ ପାଣ୍ଠିରୁ ୨ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ରାମ ମଣ୍ଡଳ ଘର ଠାରୁ କାହ୍ନୁ ଦାସ ଦୋକାନ ପର୍ଯ୍ୟନ୍ତ ପକ୍କା ରାସ୍ତା, ଦାନା ଯୋଜନାରେ ଏକ ଲକ୍ଷ ୨୬ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ଦାମୋଦର ଦାସ ଘର ଠାରୁ ସୁପ୍ରଭାତ ଜେନା ଘର ପର୍ଯ୍ୟନ୍ତ ପକ୍କା ରାସ୍ତା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଶିତଳା ଶକ୍ତି କମ୍ୟୁନିଟି ସେଣ୍ଟରର ପୂର୍ଣାଙ୍ଗୀକରଣ, ବିଧାୟକ ପାଣ୍ଠିରୁ ୨ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ବାବାଜୀ ସାମନ୍ତ ଘର ଠାରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ପକ୍କା ରାସ୍ତା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ବଗଦା ଗ୍ରାମରେ ସତ୍ୟନାରାୟଣ କମ୍ୟୁନିଟି ସେଣ୍ଟର ନିର୍ମାଣ, ଦାନା ଯୋଜନାରେ ଏକ ଲକ୍ଷ ୨୬ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ବଗଦା ଗ୍ରାମର ଜାକିର ଦୋକାନ ଠାରୁ ବାସୁ ସିଂ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା, ଦାନା ଯୋଜନାରେ ଏକ ଲକ୍ଷ ୨୬ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ବଗଦା ଗ୍ରାମର ମଧୁ ମଣ୍ଡଳ ଘର ଠାରୁ ଶୁକ ହାତୀ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା ଏବଂ ଦାନା ଯୋଜନାରେ ଏକ ଲକ୍ଷ ୨୬ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ବଗଦା ଗ୍ରାମର ରାମକୃଷ୍ଣ ପରିଡ଼ା ଘର ଠାରୁ ଆଶିଷ ପରିଡ଼ା ଘର ପର୍ଯ୍ୟନ୍ତ ପକ୍କା ରାସ୍ତା ପ୍ରକଳ୍ପ ପାଇଁ ବିଧାୟକ ଶ୍ରୀ ଦତ୍ତ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଜ୍ୟର ଲୋକପ୍ରିୟ ତଥା ଲୋକଙ୍କ ସରକାର ଲୋକଙ୍କ ହିତ ପାଇଁ ସର୍ବଦା ପ୍ରୟାସରତ ଅଛନ୍ତି ବୋଲି ସେ ଏହି ଅବସରରେ ମତ ଦେଇଛନ୍ତି। ଉତ୍ତମ ଗୁଣବତ୍ତା ଓ ସଠିକ୍ ମାନଦଣ୍ଡରେ ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ବିଧାୟକ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଦୁବଲା ଗଡି ପଞ୍ଚାୟତର ସମିତି ସଭ୍ୟ ରବୀନ୍ଦ୍ର ଜେନା, ଲୋକନାଥ ଭୂୟାଁ, ରାଜେନ୍ଦ୍ର ଚାଟାର୍ଜୀ, ମହେଶ୍ୱର ମାନ୍ନା, ଅଲେଖ ସାହୁ, ରାଜୁ ପରିଡା, ଜଗନ୍ନାଥ ଜେନା, ରବୀନ୍ଦ୍ର ଦୁଆରୀ, ବିକାଶ ଷଡଙ୍ଗୀ, ପାଚୁ ହାତୀ, ବଂଶୀଧର ସିଂ ପ୍ରମୁଖଙ୍କ ସହ ଅନ୍ୟମାନେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦୁବଲାଗଡି ପଞ୍ଚାୟତରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ବେଶ ଖୁସି ବ୍ୟକ୍ତ କରିଛନ୍ତି। ସେମାନଙ୍କ ଦୀର୍ଘ ଦିନର ଆଶା ପୂରଣ ହେବ ବୋଲି ଲୋକେ ଆଶା ପ୍ରକାଶ କରିଛନ୍ତି। ନିର୍ବାଚନ ସମୟର ପ୍ରତିଶ୍ରୁତି ରକ୍ଷା କରିବାକୁ ବିଧାୟକ ମାନସ ଦତ୍ତଙ୍କ ପଦକ୍ଷେପକୁ ଲୋକେ ଭୂୟସୀ ପ୍ରଶଂସା କରିଛନ୍ତି।

# ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟାନସି ଆଣ୍ଡ ମ୍ୟାନେଜମେଣ୍ଟ ପଦାର୍ଥ ବିଜ୍ଞାନ ବିଭାଗର ଜାତୀୟ ଆଲୋଚନା ଚକ୍ର ଉଦ୍‌ଯାପିତ



ବାରିପଦା , ୦୪/୫ (ନି.ପ୍ର): ସ୍ଥାନୀୟ ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟାନସି ଆଣ୍ଡ ମ୍ୟାନେଜମେଣ୍ଟ ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ ଜାତୀୟ ଆଲୋଚନା ଚକ୍ର ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଆଇ ଆଇ ଟି ଖରଗପୁର ର ପ୍ରଫେସର ପାର୍ଥ ରାୟ ଚୌଧୁରୀ ଏବଂ ଭୁବନେଶ୍ୱର ଆଇଆଇଟିରେ ଗବେଷଣା ରତ ପଦାର୍ଥବିତ ମଳୟ କୁମାର ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ରିସେଣ୍ଟ ଡେଭେଲପମେଣ୍ଟ ଇନ ଫିଜିକ୍ସ ଉପରେ ନିଜର ନୂତନ ତଥ୍ୟ କୁ ଉପସ୍ଥାପନ କରିଥିଲେ। ଏହାପରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ପ୍ରଶ୍ନ ର ଉତ୍ତର ମଧ୍ୟ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀ ରାୟ ଚୌଧୁରୀ ଆଲୋଚନା ଚକ୍ର ରେ ଉପସ୍ଥିତ ମହାବିଦ୍ୟାଳୟ ଅନ୍ୟ ବିଭାଗ ର ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ସାଧାରଣ ଜୀବନ ରେ ଫିଜିକ୍ସ ର ଉପଯୋଗୀତା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଅଧକ୍ଷ ପ୍ରଦୀପ କୁମାର ନୟଙ୍କ ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ର ରେ ମହାବିଦ୍ୟାଳୟ ବିବିନ୍ନ ବିଭାଗ ର ଅଧ୍ୟାପକ ଡ଼ ଠାକୁରା ଚରଣ ନାରାଂଣ୍ଡି, ସମ୍ବିତ କୁମାର ମିଶ୍ର, ସିରାମ ଟୁଡୁ, ଅଧ୍ୟାପିକା ସୁଶ୍ରୀ ନାୟକ, କବିତା ସାହୁ, ପୂର୍ଣ୍ଣିମା ମହାନ୍ତି, ଦିପ୍ତୀଶ୍ରୀ ବେହେରା, ସଂଯୁକ୍ତା ମହାନ୍ତ, ସବିତାରାଣୀ ଦାସ, ଦୀପା ପାତ୍ର, ରୁପମାଞ୍ଜରୀ ବେହେରା ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବିଭାଗୀୟ ମୁଖ୍ୟ ଦେବାଶ୍ରିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ ଦେବା ପରେ ଅଧକ୍ଷ୍ୟ ପ୍ରଦୀପ କୁମାର ନାୟକ ଆଲୋଚକ୍ର ଉଦଯାପିତ ହେଲା ବୋଲି ଘୋଷଣା କରିଥିଲେ।

# ଚାଇଲ୍ଡ ଟ୍ରାକିଂ ସର୍ଭେ ସମିକ୍ଷା କଲେ ଜିଲ୍ଲା ଶିକ୍ଷାଧିକାରି

ଜୟପୁର, ୦୪/୫ (ନି.ପ୍ର): ଡ୍ରପ୍ ଆଉଟ ରୋକିବା ନେଇ ଆରମ୍ଭ ହୋଇଛି ଚାଇଲ୍ଡ ଟ୍ରାକିଂ ସର୍ଭେ । ସେହି ନିଦେ୍ଦଶ ଅନୁଯାଇ କୋରାପୁଟ ଜିଲା ଜୟପୁର ରେ ବି ଚାଲିଛି ସର୍ଭେ । ଶିକ୍ଷକ ଶିକ୍ଷୟତ୍ରୀ ମାନେ ମୋବାଇଲ ଧରି ଘର ଘର ବୁଲି ସର୍ଭେ କରୁଛନ୍ତି । ସର୍ଭେ କମେଚି ଚାଲିଛି ସେ ନେଇ ଆଜି ଜିଲା ଶିକ୍ଷାଧିକାରି ପ୍ରଶାନ୍ତ କୁମାର ମହାନ୍ତି ସମିକ୍ଷା କରିଛନ୍ତି । ସହରର ପାଇଲ ସାହି, ଲାଲ ସାହି, ଗଙ୍ଗାନଗର, ଡେପଗୁଡା. ଜେଲ ରୋଡ ସାହିକୁ ଯାଇ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ସର୍ଭେ ର ସମିକ୍ଷା କରିଛନ୍ତି । ଜିଲା ଶିକ୍ଷାଧିକାରି ପ୍ରଶାନ୍ତ କୁମାର ମହାନ୍ତି ଙ୍କ ସହ ଏବିଓ କୈଳାଶ ଚନ୍ଦ୍ର ଶତପଥି, ଧନପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଓମ ପ୍ରକାଶ ମିଶ୍ର, ସିଆରସିସି ସବେଶ୍ୱର ପଟ୍ଟନାୟକ, ସଂଯୁକ୍ତା ରାଉତ ସହ ପ୍ରଧାନ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ । ୦ ଠାରୁ ୧୮ ବର୍ଷ ପଯ୍ୟନ୍ତ ପିଲାଙ୍କୁ ଏବଂ ଅଭିଭାବନମାନଙ୍କୁ କିଭଳି ଶିକ୍ଷା ଦିଗରେ ସଚେତନ କରାଯିବ ସେନେଇ ରାଜ୍ୟ ସରକାରଙ୍କ ତରଫରୁ ଚାଇଲ୍ଡ ଟ୍ରାକିଂ ସର୍ଭେ କାଯ୍ୟ ଜାରି ରହିଛି । କୋରାପୁଟ ଜିଲା ତରଫରୁ ମେ ୧ ତାରିଖରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଘର ଘର ବୁଲି ସର୍ଭେ କରିଛନ୍ତି । ଚାଇଲ୍ଡ ଟ୍ରାକିଂ ସର୍ଭେ ଦ୍ୱାରା ୦ରୁ ୧୮ ବର୍ଷ ପଯ୍ୟନ୍ତ ଯେଉଁ ଛାତ୍ର ଛାତ୍ରୀ ଅଧାରୁ ପାଠ ଛାଡୁଛନ୍ତି କିମ୍ବା ବିଦ୍ୟାଳୟ ଜମା ଯାଇ ନାହାଁନ୍ତି ସେ ମାନଙ୍କୁ ଚିହ୍ନଟ କରିବା ପାଇ ଏହି ସର୍ଭେ କରାଯାଇଛି। ସେହି ପିଲାଙ୍କୁ ବିଦ୍ୟାଳୟକୁ ପୁଣି ଥରେ ଫେରାଇ ଆଣିବା ପାଇ ସର୍ଭେ କରାଯାଇଛି।

# ସାଂସଦଙ୍କ ପ୍ରଚେଷ୍ଟାରେ ମେଧାବୀ ଗରୀବ ଝିଅ କାବେରୀର ପଢ଼ାଖର୍ଚ୍ଚ ଉଠାଇବ ଝାଡେଶ୍ୱର କଲେଜ



ନୀଳଗିରି , ୦୪/୫ (ନି.ପ୍ର): ଚଳିତ ହାଇସ୍କୁଲ ସାର୍ଟଫିକେଟ ପରୀକ୍ଷାରେ ସମଗ୍ର ନୀଳଗିରି ବ୍ଲକରେ ୯ଜଣ ଛାତ୍ରଛାତ୍ରୀ ଏ୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ନୀଳଗିରି ଏନଏସି ୬ନଂ କାବେରୀ ବେହେରା ୫୪୧ନଂ ରଖି ଏ ୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କାବେରୀ ଜନ୍ମର କିଛିଦିନ ପରେ ବାପା ଝିଅଟିକୁ ପରହାତରେ ଟେକିଦେବା ପାଇଁ ଇଚ୍ଛା କରିଥିଲେ। କିନ୍ତୁ ଜେଜେମା ଶୈଳବାଳା ନାତୁଣୀକୁ ପରହାତରେ ଟେକି ନଦେଇ ନିଜ ପାଖରେ ରଖି ଦୁଃଖକଷ୍ଟରେ ପାଳିପୋଷି ପାଠ ପଢ଼ାଇଲେ। ସେବେଠୁ ବାପା ମାଆ ଝିଅ ଠାରୁ ଅଲଗା ହୋଇଗଲେ। ଶେଷରେ ଦାଦା,ସାଇପଡିଶା, ବଦାନ୍ୟ ବ୍ୟକ୍ତି ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସାହାଯ୍ୟ ସହଯୋଗରେ ଝିଅଟି ପାଠପଢ଼ି ମେଧାବୀଛାତ୍ରୀ ଭାବରେ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଗଢି ତୋଳିଲେ। ଶେଷରେ ନୀଳଗିରିର ପ୍ରତିଷ୍ଠିତ କୈଳାସ ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ଅଧ୍ୟୟନରତ କାବେରୀ ଚଳିତ ହାଇସ୍କୁଲ ଦଶମଶ୍ରେଣୀ ପରୀକ୍ଷାରେ ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।ମାତ୍ର ଅର୍ଥର ଅଭାବଥିବାରୁ ଉଚ୍ଚଶିକ୍ଷା ପଢ଼ିବା ଆଶା ମଉଳିଯାଇଥିବା ବେଳେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଖବରପାଇ ଝିଅକୁ ପୋଷ୍ୟକନ୍ୟା କରିବା ସହିତ ତାର ଉଚ୍ଚତ୍ତୋର ପଢାପାଇଁ ଝାଡେଶ୍ୱର କଲେଜ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ। ସାଂସଦଙ୍କ ଆଗ୍ରହକୁ ସମ୍ମାନ ଜଣାଇ ଉକ୍ତ କଲେଜର ସ୍ୱତ୍ୱାଧିକାରି ପରମାନନ୍ଦ ସାନ୍ତରା ଯୁକ୍ତଦୁଇ ବିଜ୍ଞାନରେ ଝିଅର ସମସ୍ତ ପଢାଖର୍ଚ୍ଚ ବହନ କରିବା ସହ ହଷ୍ଟେଲ, ଲାପଟପ୍, ବହିଖାତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଜି ସାଂସଦ ପ୍ରତାପ ଷଡ଼ଙ୍ଗୀ, ଝାଡେଶ୍ୱର୍ କଲେଜର ମାଲିକ ଶ୍ରୀଯୁକ୍ତ ସାନ୍ତରା, ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ରଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଛାତ୍ରୀ କାବେରୀର ଘରକୁ ଯାଇ ତାଙ୍କ ଜେଜେମା ଶୈଳବାଳା, ଜେଜେବାପା ରବୀନ୍ଦ୍ର ବେହେରା ଏବଂ କବେରୀଙ୍କୁ ଭେଟି ଝିଅର ପାଠପଢା ସମ୍ପର୍କରେ ସମସ୍ତ ସୂଚନା ଦେଇ ଝିଅର ଆଇଏଏସ ହେବାର ସ୍ୱପ୍ନକୁ ପୂରଣ କରିବା ପାଇଁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସାଂସଦଙ୍କ ଏଭଳି ସହଯୋଗ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ସାଧୁବାଦ ଜଣାଯାଇଛି।

# ଓଡ଼ିଆ ଚଳଚ୍ଚିତ୍ର ପ୍ରଚାର ପ୍ରସାରରେ ଅତୁଳନୀୟ ଅବଦାନ ପାଇଁ ପ୍ରଣୟ ଜେଠୀ ସମ୍ମାନିତ



ଭୁବନେଶ୍ୱର, ୦୪/୫ (ନି.ପ୍ର): ଭୁବନେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଅବସରରେ ଓଡ଼ିଆ ଚଳଚ୍ଚିତ୍ରର ବହୁଳ ପ୍ରଚାର ଓ ପ୍ରସାର ତଥା ଚଳଚ୍ଚିତ୍ର ଶିଳ୍ପର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିବା ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ଶ୍ରୀଯୁକ୍ତ ପ୍ରଣୟ ଜେଠୀଙ୍କୁ ସମ୍ମାନିତ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପ୍ରଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ଏକାମ୍ର, ଭୁବନେଶ୍ୱରର ମାନ୍ୟବର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଜେପିର ବରିଷ୍ଠ ସଦସ୍ୟ ଜଗନ୍ନାଥ ପ୍ରଧାନ ଯୋଗଦେଇଥିଲେ । ଓଡ଼ିଆ ଚଳଚ୍ଚିତ୍ର ତଥା କଳା ଜଗତ ପାଇଁ ଶ୍ରୀଯୁକ୍ତ ଜେଠୀଙ୍କର ଅବଦାନ ପାଇଁ ସାଧୁବାଦ ଜଣାଇଥିଲେ । ଓଡ଼ିଆ ଦର୍ଶକ କିପରି ଆମ ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଆକୃଷ୍ଟ ହେବେ ସେଥିପାଇଁ ବିଭିନ୍ନ ଶୈଳୀରେ ପ୍ରଚାର କରି ବେଶ ଚର୍ଚ୍ଚିତ ହୋଇଛନ୍ତି । ଏଯାବତ୍ ୧୫୦ ରୁ ଉର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର କରିବା ସହିତ ଦୁଇଟି ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜନା ମଧ୍ୟ କରିଛନ୍ତି । କେବଳ ଚଳଚ୍ଚିତ୍ର ନୁହେଁ, ମେଗା ଧାରାବାହିକ, ୱେବ ସିରିଜ୍, ମଞ୍ଚ ନାଟକ ପ୍ରତି ମଧ୍ୟ ତାଙ୍କ ଅବଦାନ ଅତୁଳନୀୟ । କଞ୍ଚା ଲଙ୍କା, ଆଓ ନେକ୍ସଟ ଭଳି ଆଗଧାଡିର ଦୁଇଟି ଓଟିଟି ପ୍ଲାଟଫର୍ମ, ଓଡିଶାର ସର୍ବାଧିକ ଲୋକ ପ୍ରିୟ ସାଟେଲାଇଟ ଚ୍ୟାନେଲ ଜୀ ସାର୍ଥକ, ଲୋକପ୍ରିୟ ମ୍ୟୁଜିକ ଚ୍ୟାନେଲ୍ ଆମର ମ୍ୟୁଜିକର ପ୍ରଚାର ଓ ପ୍ରସାର ମୁଖ୍ୟ ଦାୟିତ୍ୱରେ ନିୟୋଜିତ ଅଛନ୍ତି । ଜୁପିଟର କଲେଜ, ନିସ୍ ଗ୍ରୁପ୍ ଅଫ୍ ଇନଷ୍ଟିଟ୍ୟୁସନ, ଗୀତା ଅଟୋନୋମସ୍ କଲେଜ, ଗିଫ୍ଟ ଅଟୋନୋମସ୍ କଲେଜ, ଅକ୍ସଫୋର୍ଡ ଗ୍ରୁପ୍ ଅଫ୍ ଇଷ୍ଟିଟ୍ୟୁସନସ୍ , ସିଭି ରମଣ ଗ୍ଲୋବାଲ ୟୁନିଭରସିଟି ଇତ୍ୟାଦି କଲେଜର ଫ୍ରିଲାନ୍ସ ପ୍ରଚାର ଓ ପ୍ରସାର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ଯେଉଁ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଏ ତାହା କିପରି ସଠିକ ଭାବେ ହୋଇପାରିବ ଏବଂ ଲୋକମାନଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ସେ ସବୁବେଳେ ଯତ୍ନବାନ ଥାଆନ୍ତି । ମିଡ଼ିଆ ଦୁନିଆ ପ୍ରତି ଶ୍ରୀ ଜେଠୀଙ୍କ ଅତୁଳନୀୟ ଅବଦାନ ପାଇଁ ଉପସ୍ଥିତ ଅତିଥି ଗଣ ଅଧିକରୁ ଅଧିକ କାର୍ଯ୍ୟକରନ୍ତୁ ବୋଲି ଆଶା ପ୍ରକଟ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପହଲଗାମ ପ୍ରତିଶୋଧ...

ଭାରତୀୟ ବାୟୁସେନାରେ ସାମିଲ ହେବା ପରେ ଏହି ମିସାଇଲ ସିଷ୍ଟମକୁ ଏଲଏସି ଓ ଏଲଓସିରେ ମୁତୟନ କରାଯିବ। ରାଡାର ଓ ଲେଜର ସେନସରରେ ନିର୍ମିତ ଏହି ମିସାଇଲର ଲକ୍ଷ୍ୟଭେଦୀ କ୍ଷମତା ୬ କିଲୋମିଟର ରହିଛି । ୨୪ ଘଣ୍ଟା ଭିତରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଲେଣି ଦୁଇ ଦୁଇ ସେନା ମୁଖ୍ୟ। ଗତକାଲି ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ କେ. ତ୍ରିପାଠୀଙ୍କ ସହ ମୋଦି ନିଜ ବାସଭବନରେ ଘଣ୍ଟାଏ ଧରି ଗୁପ୍ତ ବୈଠକ କରିବା ପରେ, ଆଜି ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶଲ ଅମରପ୍ରୀତ ସିଂଙ୍କ ସହ ମଧ୍ୟ କରିଛନ୍ତି ୱାନ୍-ଅନ୍-ୱାନ୍ ମିଟିଂ। ତେବେ ବାୟୁସେନା ଓ ନୌସେନା ମୁଖ୍ୟଙ୍କ ସହ କଣ ଆଲୋଚନା ହୋଇଛି ସେନେଇ ସ୍ପଷ୍ଟ ହୋଇନଥିବା ବେଳେ, ପାକିସ୍ତାନ ବିରୋଧରେ କୌଣସି ବଡ଼ ଆକ୍ସନ୍ ପାଇଁ ଯୋଜନା ଚାଲିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏହା ପୂର୍ବରୁ ଗତ ୩୦ ତାରିଖରେ ମୋଦିଙ୍କୁ ଭେଟିଥିଲେ ସ୍ଥଳସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ। ଆଉ ଏହାର ୪ ଦିନ ପୂର୍ବରୁ, ଅର୍ଥାତ୍ ୨୬ ତାରିଖରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ, ଏନ୍‌ଏସ୍‌ଏ ଡୋଭାଲ୍, ସିଡିଏସ୍ ଏବଂ ୩ ସେନା ମୁଖ୍ୟଙ୍କ ସହ ଦେଢ଼ ଘଣ୍ଟା ବୈଠକ କରି, ପାକିସ୍ତାନ ବିରୋଧରେ ଆକ୍ସନ ପାଇଁ ଫ୍ରି ହ୍ୟାଣ୍ଡ୍ ଦେଇଥିଲେ ମୋଦି। ତେଣୁ ହୁଏତ ଖୁବଶୀଘ୍ର ପହଲଗାମ୍ ପ୍ରତିଶୋଧ ଭାବେ ଭାରତର କିଛି ବଡ଼ ଆକ୍ସନ ଦେଖିବାକୁ ମିଳିପାରେ ବୋଲି ଆଶା କରାଯାଉଛି।

### ଶିଖ୍ ଦଙ୍ଗା ନେଇ ...

ଆମକୁ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ଦରକାର । ଯାହା କଂଗ୍ରେସ ଶାସନ କଳରେ ଆମପାଇଁ ଅନୁମତି ନଥିଲା। ଛାତ୍ର ଜଣଙ୍କ କଂଗ୍ରେସ ଉପରେ ଶିଖ୍ ସ୍ୱରକୁ ଅଣଦେଖା କରିବା ଓ ୧୯୮୪ ଦଙ୍ଗାରେ ଅଭିଯୁକ୍ତ ସଜ୍ଜନ କୁମାରଙ୍କୁ କଂଗ୍ରେସ ସମର୍ଥନ କରୁଥିବା ଅଭିଯୋଗ ଆଣିଛନ୍ତି । ଏହାର ଉତ୍ତରରେ ରାହୁଲ ଗାନ୍ଧୀ ସ୍ପଷ୍ଟ କହିଛନ୍ତି କି, ୧୯୮୪ ଦଙ୍ଗା ନେଇ କଂଗ୍ରେସର କିଛି ଭୁଲ ରହିଛି । ଏହାସହ ସେ କହିଛନ୍ତି କି, ଇତିହାସରେ କଂଗ୍ରେସ ଯେଉଁ ସବୁ ଭୁଲ କରିଛି ତା'ର ଉତ୍ତରଦାୟିତ୍ୱ ନେବାକୁ ମୁଁ ପ୍ରସ୍ତୁତ । ୮୦ ଦଶକରେ ଯାହା ହୋଇଥିଲା ତାହା ଭୁଲ ବୋଲି ରାହୁଲ ଗାନ୍ଧୀ ସ୍ୱୀକାର କରିଛନ୍ତି । ମୁଁ ଅନେକ ଥର ସ୍ୱର୍ଣ୍ଣ ମନ୍ଦିର ଯାଇଛି ଓ ଭାରତରେ ରହୁଥିବା ଶିଖମାନଙ୍କ ସହ ମୋର ଭଲ ସଂପର୍କ ଥିବା କଥା ରାହୁଲ ଗାନ୍ଧୀ କହିଛନ୍ତି ।

### ୭ ଦିନ ଭିତରେ ...

ନିଜେ ନିଜକୁ ଧରାପକେଇ ଦେଇଥିବା ଦଇତାପତି ନିଯୋଗର ସଂପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ଉପରେ କ'ଣ ହେବ କାର୍ଯ୍ୟାନୁଷ୍ଠାନ ? ସାରା ଜଗନ୍ନାଥପ୍ରେମୀ ଓ ସେବାୟତ ମହଲରେ ତୀବ୍ର ପ୍ରତିକ୍ରିୟା,ଉଦବେଗ ଭିତରେ ଆଜି ରାମକୃଷ୍ଣଙ୍କ ସହ ଦଇତାପତି ନିଯୋଗ ସଭାପତି ଗଣେଶ ଦାସ ମହାପାତ୍ରଙ୍କୁ ମାରାଥନ୍ ପଚରାଉଚରା କରିଛି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପ୍ରଶାସନ। ଇଏ ତାରି ଚିତ୍ର। ଘଣ୍ଟେ ୧୫ ମନିଟ୍ କାଳ ଗୁଡ଼େଇ ତୁଡ଼େଇ ପ୍ରଶ୍ନ। ଦାରୁ ଘରେ କେତୋଟି ଚାବି ଅଛି ? ଚାବି କାହା ପାଖରେ ଥିଲା ? ବଳକା କାଠରେ ଯେଉଁ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରିଛନ୍ତି ? ସେ ଦାରୁ ବାହାରକୁ କେମିତି ଗଲା ? କାହା ଜରିଆରେ ବାହାରକୁ ଗଲା ? କେତେ ଦାରୁ ହରଣଚାଲ୍ ହୋଇଛି ? ପୂରା ଘଟଣାରେ କିଏ କିଏ ସାମିଲ୍ ? ଏହା ଛଡ଼ା ଯେଉଁ ବ୍ରହ୍ମସ୍ଥାପନ କେମିତି କଲ ? କୋଉଠୁ କେମିତି ଆଣିଲ ସେ ବ୍ରହ୍ମ ? କୁହାଯାଉଛି ଏମିତି ପୁଳା ପୁଳା ପ୍ରଶ୍ନ ବାଣରେ ଘାଇଲା ହୋଇଛନ୍ତି ରାମକୃଷ୍ଣ। ନିର୍ଦ୍ଦିଷ୍ଟ ଭାବେ ଉତ୍ତର କଣ ରଖିଛନ୍ତି ତାହା ସାମ୍ନାକୁ ଆସି ନଥିଲା ବେଳେ ପଚରାଉଚରା ଶେଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସାମ୍ନାରେ କିଛି ଏଭଳି ମୁଦ୍ରାରେ ଦେଖିବାକୁ ମିଳିଥିଲା ରାମକୃଷ୍ଣଙ୍କୁ। ପଚରାଉଚରା ପରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରୁ ରାମକୃଷ୍ଣ ବାହିବା ବେଳେ ପୂର୍ବର ସେ ତୋଡ଼ ନଥିଲା, ଗଣମାଧ୍ୟମ ପ୍ରଶ୍ନର ଉତ୍ତର ବି ନଥିଲା। ସବୁ ପ୍ରଶ୍ନକୁ ଏଡ଼ାଇ କେବଳ ହାତଯୋଡ଼ି ଚାଲିଯାଇଥିଲେ। ନିଯୋଗ ସଭାପତି କହିଥିଲେ ସବୁ ତଥ୍ୟ ଲିଖିତ ଆକାରରେ ଶ୍ରୀମନ୍ଦିର ପ୍ରଶାସକଙ୍କୁ ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶରେ ବିବାଦକୁ ନେଇ ଶ୍ରୀମନ୍ଦିର ପ୍ରଶାସନର ତନାଘନା ଭିତରେ କିନ୍ତୁ ରାମକୃଷ୍ଣଙ୍କ ନେଇ ବିରୋଧ ଥମୁନି। ଦାରୁ ହରଣଚାଲ ଘଟଣାରେ ରାମକୃଷ୍ଣଙ୍କ ସହ ଶ୍ରୀମନ୍ଦିର ପ୍ରଶାସନକୁ ଦାୟୀ କରି ଜଗନ୍ନାଥ ସେନା ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା ବେଳେ ରାମକୃଷ୍ଣଙ୍କ ଭଳି ଯାତ୍ରୀବ୍ୟବସାୟୀଙ୍କ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ବିପଦରେ ବୋଲି କହିଛି ଦତ୍ତ ମହାପାତ୍ର ନିଯୋଗ। ସେହିପରି ଘଟଣାରେ ପୂରା ଦଇତାପତି ସମାଜ ବଦନାମ ହେଉଥିବା କହି, ଜେରାରୁ କିଛି ସତ୍ୟାସତ୍ୟ ସାମ୍ନାକୁ ଆସିବନି, ଆଗ ଦାରୁ ଘରର ସରଜମିନ୍ ତଦନ୍ତ ହେଉ ବୋଲି ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ଦଇତା ବିନାୟକ ଦାସ ମହାପାତ୍ର। ଏସବୁ ଭିତରେ ରାଜନୀତି ବି ତେଜିଛି। ବିଜେଡି ଘଟଣା ପାଇଁ ରାଜ୍ୟ ସରକାରଙ୍କୁ କାଠଗଡ଼ାକୁ ଟାଣିଥିବା ବେଳେ ଆଇନମନ୍ତ୍ରୀ କହିଛନ୍ତି ପୁରୀରେ ସେବା ସଂସ୍କୃତିକୁ ଖରାପ କରିଥିବା ପୂର୍ବ ସରକାର ଆଗ ନିଜ କୃତକର୍ମକୁ ଦେଖୁ। ଏବର ଘଟଣାର ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି ଆଇନମନ୍ତ୍ରୀ। ଏବେ ଅପେକ୍ଷା ଶ୍ରୀମନ୍ଦିର ପ୍ରଶାସନ ଆରମ୍ଭ କରିଥିବା ତଦନ୍ତରୁ କି ସତ ସାମ୍ନାକୁ ଆସୁଛି ଓ ବାସ୍ତବରେ ଦୋଷୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

### ଭୁବନେଶ୍ୱରର ଦୁଇ...

ଅନେକଙ୍କୁ ବହିଷ୍କାର ଭଳି ଦଣ୍ଡ ବି ଦିଆଯାଉଛି। ଖାଲି ସେତିକି ନୁହେଁ, ମନ୍ତ୍ରୀ କହିଛନ୍ତି ଗତକାଲି ସସ୍ପେଣ୍ଡ ହୋଇଥିବା ଭୁବନେଶ୍ୱରର ଅତିରିକ୍ତ ତହସିଲଦାର ଗିତୁ ବେହେରା ଓ ନାରାୟଣ ସେଠୀଙ୍କ କାରନାମା ସବୁ ସୀମା ପାର୍ କରିଛି। ଗିତୁ ବେହେରା ଅଳ୍ପ ସମୟ ମଧ୍ୟରେ ୨୦୦ରୁ ଅଧିକ ହୋମ୍ ରେଜିଷ୍ଟ୍ରେସନ କରିଛନ୍ତି। ଅର୍ଥାତ ସେ ଆବେଦନକାରୀଙ୍କ ଘରକୁ ଯାଇ କରାଇଛନ୍ତି ରେଜିଷ୍ଟ୍ରେସନ୍। ଏମିତିକି ଦୁଇଟି କ୍ଷେତ୍ରରେ ନିଜ କାର୍ଯ୍ୟକ୍ଷେତ୍ରର ସୀମା ଡେଇଁ କଟକରେ ବି ହୋମ୍ ରେଜିଷ୍ଟ୍ରେସନ କରାଇଛନ୍ତି। ସେହିପରି ନାରାୟଣ ସେଠୀ, ଗୋଟିଏ ଦିନରେ ହିଁ ଜମିର କିସମ ବଦଳାଇବା ସହ ସେହି ଜମିର ପାର୍ଟିସନ କରି ପଞ୍ଜୀକରଣ କରାଇଥିଲେ। ରାଜ୍ୟରେ ପାର୍ଟ ପ୍ଲଟ୍ ବିକ୍ରି ନେଇ ନିଷେଧାଦେଶ ଲାଗିଥିବା ବେଳେ ବି ଅନେକ ସବ୍ ରେଜିଷ୍ଟ୍ରାର୍ ହେରଫେର୍ କରିଥିବା କହିଛନ୍ତି ମନ୍ତ୍ରୀ। ୨୦୧୩ରୁ ଏବେ ସୁଦ୍ଧା ୪୦୦ ଜିଲ୍ଲା ସବ୍ ରେଜିଷ୍ଟ୍ରାର୍ ଅଫିସର ବେଆଇନ ଭାବେ ଶତାଧିକ ଲେଖାଏଁ ପାର୍ଟ ପ୍ଲଟ୍ ପଞ୍ଜୀକରଣ କରିଛନ୍ତି। ଏସବୁ ରାଜସ୍ୱ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଆଗକୁ ସେମାନଙ୍କ ବିରୋଧରେ ବି ଆରମ୍ଭ କାର୍ଯ୍ୟାନୁଷ୍ଠାନ ହେବ। ଏପଟେ ରିଅଲ ଇଷ୍ଟେଟ୍ କର୍ମୀଙ୍କ କହିବା କଥା, ମନ୍ତ୍ରୀଙ୍କ ତଥ୍ୟ ଦର୍ଶାଉଛି, କିଭଳି ବର୍ଷ ବର୍ଷ ଧରି ଦୁର୍ନୀତି ଚାଲିଆସୁଛି।

### ଭାରତ-ପାକିସ୍ତାନ ସୀମା ...

ଏହା କେବଳ ସ୍ୱପ୍ନ କହିଲେ କିଛି ଭୁଲ୍ ହେବ ନାହିଁ । ଅନ୍ତର୍ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କ ଘନିଷ୍ଠ ଭାବେ ଜଣାଶୁଣା ଅବସରପ୍ରାପ୍ତ ମେଜର ଜେନେରାଲ ଏଏଲ୍‌ଏମ୍ ଫଜଲୁର ରେହମାନ କହିଛନ୍ତି, ଯଦି ନୂଆଦିଲ୍ଲୀ ପାକିସ୍ତାନ ଉପରେ ଆକ୍ରମଣ କରେ ତେବେ ତାଙ୍କ ଦେଶ ଭାରତର ସାତୋଟି ଉତ୍ତର-ପୂର୍ବ ରାଜ୍ୟ ଉପରେ ଆକ୍ରମଣ କରି ଦଖଲ କରିନେବା ଉଚିତ । ଏହି ଲକ୍ଷ୍ୟ ହାସଲ ପାଇଁ ଚୀନ୍‌ର ସହଯୋଗ ଲୋଡ଼ିବାକୁ ମଧ୍ୟ ସେ ଆହ୍ୱାନ ଦେଇଛନ୍ତି । ଭାରତରେ କେମିତି ଅଶାନ୍ତି ସୃଷ୍ଟି ହେବ ସେନେଇ ଚୀନ୍ ସବୁବେଳେ ଚକ୍ରାନ୍ତ କରେ । ହେଲେ ଏବେ ଚୀନ୍ ଚାଲ୍‌ର ପର୍ଦ୍ଦାଫାସ ହୋଇଛି । ପୂର୍ବରୁ ମାର୍ଚ୍ଚ ମାସରେ ମହମ୍ମଦ ୟୁନୁସ୍ ଚୀନ୍ ଗସ୍ତ ସମୟରେ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଉପରେ ମନ୍ତବ୍ୟ ଦେବା ପରେ ଉତ୍ତେଜନା ଦେଖାଦେଇଥିଲା । ଭାରତର ପୂର୍ବ ଭାଗରେ ଥିବା ସାତୋଟି ରାଜ୍ୟକୁ ସାତ ଭଉଣୀ କୁହାଯାଏ । ଏହା ଭାରତର ଏକ ଭୂମିଘେରା ଅଞ୍ଚଳ ।

### ଗନ୍ଧମାର୍ଦ୍ଦନ ଲୋଡିଙ୍ଗ ...

କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ କେନ୍ଦୁଝର ଶୁଆକାଟିରେ ପ୍ରଥମେ ୧୦ରୁ ୧୧ଟି ଗାଁ ଲୋକ ମିଶି ଏଇ ଗନ୍ଧମାର୍ଦ୍ଦନ ଲୋଡିଂ ସମବାୟ ସମିତି ଗଢ଼ିଥିଲେ । ଉଦ୍ଦେଶ୍ୟ ଥିଲା, ଏଥିରୁ ଯାହା ଲାଭ ହେବ ସେଥିରେ ଅଞ୍ଚଳର ବିକାଶ ହେବ, ଲୋକଙ୍କୁ ରୋଜଗାର ମିଳିବ । ବାହାରର କେହି ଲୋକ ସୋସାଇଟିରେ ରହି ପାରିବେ ନାହିଁ। କିନ୍ତୁ ବାହାରର ପ୍ରଭାବଶାଳୀ ନେତା ଓ ପ୍ରଶାସକଙ୍କୁ ଧରି ବିଜେଡି ନେତା ରାଜା ଚକ୍ର ଏଥିରେ ଏଣ୍ଟ୍ରି ମାରିଲେ । ସଭାପତି ଓ ସଂପାଦକଙ୍କୁ ସଖୀ କଣ୍ଢେଇ କରି ପ୍ରଭାବଶାଳୀ ନେତା ରାଜାଙ୍କ ଜରିଆରେ ଠାକୁର ଖାଇ ଖଟୁଲି ଖାଇଲା ଭଳି ପୂରା ସୋସାଇଟିକୁ ଖୋଳ କରି ଚାଲିଲେ । ୨୦୧୨-୧୩ ପରେ ସଂସ୍ଥାର ଅଡିଟ୍ ହେଲାନି । ଯେଉଁ ୨୦୧୭-୧୮ରୁ ମାର୍ଚ୍ଚ ୨୦୨୪ ଯାଏଁ ସୋସାଇଟି ଖାତାରେ ୧୮୫ କୋଟି ଇନକମ୍ ଦର୍ଶାଗଲା, ତାହା ବି କେମିତି ହଡ଼ପ ହେଲା ତାର ଗୋଟି ଗୋଟି ହିସାବ ଦେଖାଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି । ପାରିପାର୍ଶ୍ୱିକ ବିକାଶ ପାଇଁ ୩୪ କୋଟି ଖର୍ଚ୍ଚ ଦର୍ଶାଇ ପୂରା ଅର୍ଥ ଚଳୁ ହୋଇଛି, ସୋସାଇଟି ଗାଡ଼ି ବଦଳରେ ନିଜ ଟ୍ରାନସପୋର୍ଟିଂ ଗାଡ଼ି ଓ ମେସିନାରୀରେ ରାଜା ପକାଇଛନ୍ତି ୯.୧ କୋଟି ଟଙ୍କାର ତେଲ, ଲୋକଙ୍କ ମୁହଁ ଚୁପ କରି ସମର୍ଥନ ହାସଲ ପାଇଁ ଦୁଇ ଗାଁରେ ବଣ୍ଟା ହେଇଛି ୩୩ କୋଟି ଟଙ୍କା, ମେସିନରେ କାମ କରି ମିଛ ମଷ୍ଟର ରୋଲରେ ଲେବର କାମ କରୁଥିବା ଦର୍ଶାଇ ହଡ଼ପ କରିଛନ୍ତି ୭୪ କୋଟି ଟଙ୍କା । ଏସବୁ ପ୍ରମାଣ ହାତରେ ଲାଗିବା ପରେ ରାଜାଙ୍କୁ ଗିରଫ କରାଯାଇଥିଲା ।

### ଜମ୍ମୁ କଶ୍ମୀରର...

୧୧ଟା ବେଳେ ପହଂଚିଥିଲା, ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣା ପରେ ସେନା, ପୋଲିସ, ଏସଡିଆରଏଫ ଓ ସ୍ଥାନୀୟ ସ୍ୱୟଂସେବକ ତତ୍କାଳ ମିଳିତ ଅଭିଯାନ ଆରମ୍ଭ କରିଥିଲେ ଏବଂ ଗାଡିରେ ଥିବା ଯବାନଙ୍କ ରେସକ୍ୟୁ କରିଥିଲେ କିନ୍ତୁ ତିନିଜଣ ଯବାନଙ୍କ ମୃତ୍ୟୁ ହୋଇଯାଇଥିଲା । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

### ଦୁଇଟି ଡ୍ରିଲିଂ...

ସଶସ୍ତ୍ର ମାଓବାଦୀ କଂପାନୀର ସାଇଡିଂରେ ପହଂଚିଥିଲେ ଏବଂ ସେଠାରେ ଥିବା ଶ୍ରମିକଙ୍କୁ କବଜାକୁ କରିନେଇଥିଲେ । ଏହାପରେ ନକ୍ସଲମାନେ ଖଣିଜ ସର୍ଭେ ପାଇଁ ଥିବା ଦୁଇଟି ମେସିନରେ ନିଆଁ ଲଗାଇ ଦେଇଥିଲେ । ଏହା ବ୍ୟତୀତ ଅନ୍ୟ ୬ଟି ଗାଡି ଜାଳି ଦେଇଛନ୍ତି ।

# ମଇ ଦିବସରେ ସୁରକ୍ଷା, ଭତ୍ତା ଓ ଅଧିସ୍ୱୀକୃତି ଦୋହରାଇଲା: ଓୟୁଜେ

ବାଲେଶ୍ୱର, ୦୪/୫ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସୋର ପ୍ରେସ କ୍ଲବ ସହଯୋଗରେ ସଂସ୍କୃତି ଭବନ ପରିସରରେ ମଇ ଦିବସ ପାଳିତ ହୋଇଯାଇଛି। ୟୁନିଅନ ର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ଶିଶିର କୁମାର ଦାସଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ସୋର ପ୍ରେସ କ୍ଲବ ର ସଭାପତି ଚନ୍ଦ୍ରମୋହନ ମହାପାତ୍ର, ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ ପ୍ରମୁଖ ଉଦବୋଧନ ଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା,ରାଜ୍ୟ ସରକାରଙ୍କ ଆଭିମୁଖ୍ୟ,ସାମ୍ବାଦିକ ମାନଙ୍କ ସୁରକ୍ଷା, ଭତ୍ତା,ଅଧିସ୍ୱୀକୃତି ଏବଂ ସର୍ବୋପରି ସାମ୍ବାଦିକ କଲ୍ୟାଣ ପାଣ୍ଠି ର ବିନିଯୋଗ ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା।ସବୁ କାର୍ଯ୍ୟରେ ଆଗ ଡାକରା ହେଉଥିବା ସାମ୍ବାଦିକ ମାନଙ୍କୁ ବ୍ୟବାହାର କରାଯାଇ ସେମାନଙ୍କ ଉପରେ ଆକ୍ରୋଶ ମଧ କରାଯାଇଛି।ସତ୍ୟ ସମ୍ବାଦ ପରିବେଷଣ କଲେ ମଧ ତାହାକୁ ବିଭିନ୍ନ ରଙ୍ଗ ଦେଇ ସ୍ୱାର୍ଥନ୍ୱେଶୀ ଲୋକେ ସମାଜରେ ସାମ୍ବାଦିକ ମାନଙ୍କୁ ଆକ୍ରମଣ କରୁଥିବାର ନଜିର ରହିଛି।ଏସବୁ ପ୍ରତି ଧ୍ୟାନ ନ ଦେଇ ବା ତାହାକୁ ପଛରେ ପକାଇ ସାମ୍ବାଦିକ ମାନେ ସେମାନଙ୍କ ସମାଜ ପ୍ରତି ଥିବା ଅଙ୍ଗୀକାର କୁ କାର୍ଯ୍ୟକାରୀ କରିବାକୁ ସଦସ୍ୟ ମାନେ ମତ ଦେଇଥିଲେ।ଏହି କାର୍ଯ୍ୟକ୍ରମ ରେ କହ୍ନେଇ ଚରଣ ପ୍ରଧାନ,ସଞ୍ଜୟ କୁମାର ବେହେରା,ନନ୍ଦ କିଶୋର ସାହୁ,ମନୋଜ କୁମାର ରାୟ,ରାଜେନ୍ଦ୍ର କୁମାର ଗିରି,ଅଭୟ କୁମାର ପତ୍ରୀ,, ଶ୍ରିଲେଖା ସାହୁ,ଶିବପ୍ରସାଦ ଭୋଇ,ସୁଶାନ୍ତ କୁମାର ଦାସ,ସୁଶାନ୍ତ କୁମାର ବେହେରା,,ଜନ୍ମେଜୟ ମିଶ୍ର, ଗୌରୀ ଶଙ୍କର ଘଡାଇ ପ୍ରମୁଖ ଉପସ୍ଥିତି ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିବା।ସଭା ଆରମ୍ଭରେ ପହେଲଗାମ ରେ ପର୍ଯ୍ୟଟକ ଙ୍କୁ ଆତଙ୍କବାଦୀ ଙ୍କ ଗଣହତ୍ୟା ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।ଶେଷରେ ଉପସଭାପତି ଉତ୍କଳବନ୍ଧୁ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଆଦର୍ଶ ଗୃହିଣୀ ଓ ସମାଜସେବୀ ସୁଲୋଚନା ବିଶ୍ୱାଳଙ୍କ ଏକାଦଶାହ ଶ୍ରାଦ୍ଧବାର୍ଷିକୀ ଅବସରରେ ସୁଲୋଚନା ବିଶ୍ୱାଳଙ୍କ ପାଇଁ ଉଦ୍ଦିଷ୍ଟ ସ୍ମରଣିକାକୁ ଉନ୍ମୋଚିତ କରୁଛନ୍ତି ମଂଚାସୀନ ଅତିଥିବୃନ୍ଦ। ବସ୍ତା ବିଧାୟିକା ସୁବାସିନୀ ଜେନା, ବରିଷ୍ଠ ସାମ୍ବାଦିକ ବିପ୍ଲବ ମହାନ୍ତି, ଶ୍ରୀମାନ ଶ୍ରୀଚନ୍ଦନ ମହାନ୍ତି, 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସାମ୍ବାଦିକ ବଂଶୀଧର ଜେନା, ପୁତ୍ର ଘନଶ୍ୟାମ ବିଶ୍ୱାଳ, ନାତୁଣୀ ସୁଲଗ୍ନା ବିଶ୍ୱାଳ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଡ. ଧରଣୀଧର ଘୋଷ ଓ ଡ. ଶଙ୍କର୍ଷଣ ପଣ୍ଡା ପ୍ରମୁଖ ଅତିଥିବୃନ୍ଦ।

# ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତିର ଜରୁରୀ ବୈଠକ

ଭଦ୍ରକ , ୦୪/୫ (ନି.ପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତିର ଏକ ବୈଠକ ଭଦ୍ରକସ୍ଥ ଶ୍ରୀ ବାଲଗୋପାଳ ମନ୍ଦିର ପରିସରରେ ସମିତିର ମୁଖ୍ୟ ପରିଚ୍ଚଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିମ୍ନ ପ୍ରସ୍ତାବମାନ ଗୃହିତ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ନବକଳେବର ପାଇଁ ସଂଗୃହୀତ ଦାରୁରେ ବିଗ୍ରହ ନିର୍ମାଣ କରାଯାଇଥାଏ ଓ ଅବଶିଷ୍ଟ ଦାରୁ ଅଂଶକୁ କୋଇଲି ବୈକୁଣ୍ଠରେ ଯଥାବିଧି ସଂଗୃହିତ କରି ରଖାଯାଇଥାଏ। ଏହି ଅବଶିଷ୍ଟାଂଶ ଦାରୁ ଦୀଘାରେ ନିର୍ମିତ ମନ୍ଦିରକୁ କିପରି ଗଲା ଓ କିଏ ନେଲେ ଏ ସମ୍ପର୍କରେ ତଦନ୍ତ କରାଯାଇ ସଂପୃକ୍ତ ବ୍ୟକ୍ତି ବିରୁଦ୍ଧରେ ଆବଶ୍ୟକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଦିଘାରେ ନିର୍ମିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଥିବା ସ୍ଥାନର ନାମ "ଜଗନ୍ନାଥ ଧାମ" ନାମିତ କରି ଲୋକଲୋଚନକୁ ଆଣିବାର ଆବଶ୍ୟକତା ଓ ଯଥାର୍ଥତା କ'ଣ ଓ କାହିଁକି କରାଯାଇଛି। ଆମ ଭାରତରେ ଚାରିଗୋଟି ଧାମ ଆବାହମାନ କାଳରୁ ପ୍ରସିଦ୍ଧି ଲାଭ କରିଛି। ଅନ୍ୟାନ୍ୟ କେତେ ସ୍ଥାନରେ ଧାମ ଶବ୍ଦ ପ୍ରୟୋଗ କରାଯାଇଥିଲେ ହେଁ ସେ ସ୍ଥାନର ନାମକୁ ଶଂଶ୍ଳିଷ୍ଟ କରାଯାଇଛି। ଏ କ୍ଷେତ୍ରରେ ଜଗନ୍ନାଥ ନାମକୁ ପ୍ରୟୋଗ କରିବା ଦ୍ୱାରା ପୁରୀ ଶ୍ରୀକ୍ଷେତ୍ରର ପର୍ଯ୍ୟଟନ ଶିଳ୍ପକୁ ବ୍ୟାଘାତ କରିବାକୁ ଉଦ୍ଦେଶ୍ୟ ନାହିଁତ? ତେଣୁ ଶ୍ରୀ ଜଗନ୍ନାଥ ନାମକୁ ଧାମ ପୂର୍ବରୁ ଉଚ୍ଛେଦ କରାଯାଉ। ଏ କ୍ଷେତ୍ରରେ ଓଡ଼ିଶା ସରକାର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଜିକାର ସମିତି ଦୃଢ଼ ଦାବୀ କରୁଅଛି। ଏହି ବୈଠକରେ ଆବାହକ ସେବକ ଶ୍ରୀ ଶରତ କୁମାର ସାହୁ, ସହ ଆବାହକ ଶ୍ରୀ ନାରାୟଣ ଚନ୍ଦ୍ର ପ୍ରଧାନ, ଶ୍ରୀ ଲକ୍ଷ୍ମୀଧର ଖଟୁଆ, ଶ୍ରୀ ଗୋପବନ୍ଧୁ ମିଶ୍ର ଓ ବରିଷ୍ଠ ଉପଦେଷ୍ଟା ଶ୍ରୀ ସନ୍ତୋଷ କୁମାର ଦାଶ ସମେତ ବହୁ ସଦସ୍ୟ ଯୋଗଦାନ କରିଥିଲେ।

# ଉତ୍ସବମୁଖର ଉଦଳା ଶିକ୍ଷକ ଭବନ: ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଉଦଳା , ୦୪/୫ (ନି.ପ୍ର): ସମଗ୍ର ମୟୂରଭଂଜ ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଚଳିତ ମଇ ୨ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା ଅଧ୍ୟକ୍ଷତା କରି ନିଜ ଅନୁଭୂତି ବିସ୍ତୃତ ବର୍ଣ୍ଣନା କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ପୁର୍ବତନ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଶିକ୍ଷକ ଜୀବନର ପ୍ରତିଟି ମୁହୂର୍ତ୍ତ ଗବେଷଣା ମଧ୍ୟରେ କଟିଥାଏ । ତେଣୁ ଅବସର ପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବଳ ବ୍ୟକ୍ତି ଭାବରେ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟରେ ଯୋଗ ଦେବା ପାଇଁ ଆମନ୍ତ୍ରଣ ମିଳିଥାଏ ବୋଲି ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୀନତି ମଂଜରି ପଣ୍ଡା, ଚାରୁଲତା ମହାପାତ୍ର, ଗାୟତ୍ରୀ ବେହେରା, ଶଶିଧର ସିଂ, ବିମଳ କୁମାର ଆଚାର୍ଯ୍ୟ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଅବସର ଗ୍ରହଣ କରୁଥିବା ଶିକ୍ଷକ ଶିକ୍ଷୟିତ୍ରି ଯଥା- ଆରତ କୁମାର ପଣ୍ଡା, ବିମଳ କୁମାର ଆଚାର୍ଯ୍ୟ, ଶିବପ୍ରସାଦ ମହାପାତ୍ର, ଦିଲିପ କୁମାର ଘୋଷ, ନୀଳକଣ୍ଠ ବାରିକ, ଅଂଜନ କୁମାର ପାତ୍ର, କ୍ଷୀତିଶ କୁମାର ଦାଶ, ଡ଼.ଚନ୍ଦ୍ର ଶେଖର ଦାସ, ସୁଦର୍ଶନ ବେହେରା, ପ୍ରମୋଦ କୁମାର ମହାନ୍ତି, ଜେମାମଣି ସେଠୀ, କୂଳମଣି ବେହେରା, ସ୍ୱର୍ଣ୍ଣରେଖା ନାୟକ, ସୁମତି ଜେନା, ସତ୍ୟଭାମା ମହାନ୍ତ ପ୍ରମୁଖଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଲଳିତ କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବର୍ଷା ପରିଡ଼ା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସତ୍ୟେନ୍ଦୁ ଜେନା, କରୁଣାକର ନାୟକ, ସୂର୍ଯ୍ୟମଣି ଡ଼ାକୁଆ, ଅଜୟ ପତି, ତପନ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ଅଭିରାମ ସେବାସଙ୍ଘ ପକ୍ଷରୁ ନବ ଦମ୍ପତିଙ୍କୁ ବୃକ୍ଷ ଉପହାର

ବସ୍ତା, ୦୪/୫ (ନି.ପ୍ର):ବସ୍ତାବ୍ଲକ ମଥାନୀ ପଞ୍ଚାୟତ ଧାନହଣ୍ଡା ଅଭିରାମ ପରମ ହଂସ ଭକ୍ତ ସେବାସଙ୍ଘ ପକ୍ଷରୁ ବିଭିନ୍ନ ପ୍ରଜାତିର ବୃକ୍ଷଉପହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି । ପରମହଂସ ସେବାସଙ୍ଘର ସଭାପତି ଯୁବ ସମାଜସେବୀ ଅଖିଳ ବେହେରାଙ୍କ ତତ୍ୱାଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବନେତା ଅମରଜିତଗିରି ଗୌରାଙ୍ଗ ବେହେରା ଗୋପିନାଥଗିରି ଶିବ ବେହେରା, ନଗେନ ବେହେରା ରାଜେଶ ଦେହେରା, ରାକେଶ ବେହେରା ଯୋଗ ଦେଇଥିଲେ । ପ୍ରତ୍ୟେକ ବର୍ଷ ୫୦୦ରୁ ଉର୍ଦ୍ଧ ଶୁଭ ବିବାହ ଏହି ଆଶ୍ରମରେ ସମ୍ପୁର୍ଣ୍ଣ ହୋଇଥିଏ। ଯାହାଫଳରେ ପ୍ରତ୍ୟେକ ନବଦମ୍ପତି ମାନଙ୍କୁ ବୃକ୍ଷ ଚାରା ଅତିଥିମାନଙ୍କୁ ଦେଇ ପରିବେଶ ସୁରକ୍ଷା ପାଇଁ ନିଜ ବାଡି ବଗିଚାରି ଲଗାଇବାପାଇଁ ପରାମର୍ଶ ଦିଆଯାଇଥାଏ ।ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସମେତ ଅଞ୍ଚଳବାସୀ ଉପସ୍ଥିତଥିଲେ ।

# ଆଗାମୀ ୩ ଦିନ ପର୍ଯ୍ୟନ୍ତ ରହିବ କାଳବୈଶାଖୀର ପ୍ରଭାବ

ଭୁବନେଶ୍ୱର, ୦୪/୫ (ନି.ପ୍ର): ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ପରିଲକ୍ଷିତ ହେବ । ଆସନ୍ତା ୨୪ ଘଂଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣ ବର୍ଷା ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୫ ତାରିଖରେ ଝଡ଼ କିମ୍ବା ବଜ୍ରପାତ, ପବନ, କୁଆପଥର ବର୍ଷା ଓ ଭୀଷଣ ବର୍ଷା ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଥିବା ବେଳେ ୬ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଛି । ଏହାର ପରବର୍ତୀ ଦୁଇ ଦିନ ପାଇଁ କୌଣସି ଚେତାବନୀ ନାହିଁ । ଅନୁରୂପ ଭାବେ ୬ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୭ ଓ ୮ ତାରିଖ ପାଇଁ କୌଣସି ଚେତାବନୀ ନାହିଁ ।






❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida